R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୧୯
ତିଥି : ଚତୁର୍ଥୀ
୧୭ ମେ' ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 219
17 May 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ପାକ୍‌କୁ ଆର୍ଥିକ ସହାୟତାର ପୁନର୍ବିଚାର କରୁ ଆଇଏମ୍‌ଏଫ୍

ନୂଆଦିଲ୍ଲୀ, ୧୬।୫ : ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପାକିସ୍ତାନକୁ ଦେଇଥିବା ୧ ବିଲିଅନ ଡଲାର ଆର୍ଥିକ ସହାୟତା ସମ୍ପର୍କରେ ପୁନର୍ବିଚାର କରୁ । ପାକିସ୍ତାନ ଏହି ଅର୍ଥରୁ ୧୪ କୋଟି ଟଙ୍କା ମାସୁଦ୍ ଆଝାରକୁ ପାଣ୍ଠି ଦେଇଛି । ମାସୁଦ୍ ହେଉଛି ଜାତିସଂଘ ଦ୍ୱାରା ଘୋଷିତ ଜୈସ୍-ଇ-ମହମ୍ମଦ ଆତଙ୍କୀ ସଂଗଠନର ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ।



ଭୁଜ୍ ଏୟାରଫୋର୍ସ ଷ୍ଟେସନରେ ବାୟୁସେନାର ଯୋଦ୍ଧାଙ୍କୁ ଶୁକ୍ରବାର ସାକ୍ଷାତ କରି ସେମାନଙ୍କର ମନୋବଳ ବୃଦ୍ଧି କରିଛନ୍ତି । ଏହି ଅବସରରେ ଶ୍ରୀ ସିଂହ କହିଛନ୍ତି ଯେ ଆତଙ୍କୀଙ୍କ ଭିତ୍ତିଭୂମିକୁ ପୁନଃ ନିର୍ମାଣ କରିବା ଲାଗି ପାକିସ୍ତାନ ଯୋଜନା କରୁଛି । ତେଣୁ ଆଇଏମ୍‌ଏଫ୍ ଯେଉଁ ୧ ବିଲିଅନ ଡଲାର ସହାୟତା ଦେଇଛି, ସେହି ରାଶିରୁ ୧୪ କୋଟି ଟଙ୍କା ଆତଙ୍କୀ ସଂଗଠନକୁ ଦିଆଯାଇଛି । ପାକିସ୍ତାନ ସରକାର ଘୋଷଣା କରିଛନ୍ତି ଯେ ଲସ୍କର ଇ ତୋଏବା ଏବଂ ଜୈସ୍-ଇ-ମହମ୍ମଦ ଆତଙ୍କୀ ସଂଗଠନର ଭିତ୍ତିଭୂମିକୁ ମୁରିଡେକେ ଓ ବାହାଲପୁରରେ ପୁନଃ ନିର୍ମାଣ ଆତଙ୍କୀଙ୍କ ପଇଁ ପାଣ୍ଠି ହେବ । ଭାରତ ପକ୍ଷରୁ ଆଇଏମ୍‌ଏଫ୍‌କୁ ଯେଉଁ ଅର୍ଥ ଦିଆଯାଉଛି, ଏହା ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ପାକିସ୍ତାନ ବା ଅନ୍ୟ ରାଷ୍ଟ୍ରର ଆତଙ୍କବାଦୀ ଭିତ୍ତିଭୂମିକୁ ସାହାଯ୍ୟ ନକରୁ ।

### ୨୩ ମିନିଟ୍‌ରେ ଧ୍ୱଂସ କଲୁ ଆତଙ୍କୀ ଆଡ୍ଡା
### ଟ୍ରେଲର ଦେଖାଇଛୁ, ଆବଶ୍ୟକ ହେଲେ ସମ୍ପୂର୍ଣ୍ଣ ଚିତ୍ର

କରିବ । ଆଇଏମ୍‌ଏଫ୍‌ର ଏହି ସାହାଯ୍ୟ ଅର୍ଥ ସିଂହଭାଗ ଆତଙ୍କୀ ଭିତ୍ତିଭୂମି ପାଇଁ ଖର୍ଚ୍ଚ କରାଯାଉଛି । ପାକିସ୍ତାନକୁ ଯେକୌଣସି ଆର୍ଥିକ ସହାୟତା କରାଯାଉଥିଲା, ତାହା

ଅପରେସନ ସିନ୍ଦୂର ଉପରେ ଶ୍ରୀ ସିଂହ କହିଛନ୍ତି ଯେ ଆମର କାର୍ଯ୍ୟାନୁଷ୍ଠାନ ଏକ ଟେଲର ଥିଲା । ଯଦି ଆବଶ୍ୟକ ପଡ଼େ ସମ୍ପୂର୍ଣ୍ଣ ଚିତ୍ର ଦେଖାଇବୁ । (୯ ପୃଷ୍ଠାରେ)

## ସିନ୍ଦୂରର ନାଲି ରଙ୍ଗ ଶତ୍ରୁଙ୍କ ଲାଗି ବିପଦ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୫ (ସବ୍ୟୁ) : ଅପରେସନ ସିନ୍ଦୁରର ସଫଳତା ପାଳନ ଅବସରରେ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଠାରେ ଆୟୋଜିତ ସିନ୍ଦୂର ଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅପରେସନ ସିନ୍ଦୂର କେବଳ ଏକ ନାମ ନୁହେଁ, ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଏହା ଏକ ଅଭିନବ ସମାହାର । ଆମର ବୀର ଯବାନମାନଙ୍କୁ ଏହି ପଦଯାତ୍ରା ଦ୍ୱାରା ଆମେ ସ୍ମରଣ କରୁଛୁ ବୋଲି କହିଥିଲେ ।



ସୂଚନାଯୋଗ୍ୟଯେ, ରାଜ୍ୟରେ ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ମିଶନ ଶକ୍ତି ବିଭାଗ ଦ୍ୱାରା ମୁଖ୍ୟତଃ ମହିଳା ମାନଙ୍କୁ ନେଇ ଆୟୋଜିତ ଏହି ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନ ରୋଡ଼ ଠାରୁ ଆରମ୍ଭ ହୋଇ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

ଏହି ପଦଯାତ୍ରାରେ (୯ ପୃଷ୍ଠାରେ)

## ପାକ୍ ବିରୋଧରେ ଭାରତର କୂଟନୈତିକ ଅଭିଯାନ

ନୂଆଦିଲ୍ଲୀ, ୧୬।୫ : କେନ୍ଦ୍ର ସରକାର ପାକିସ୍ତାନର ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବା ମୁଖା ଖୋଲିବା ପାଇଁ କୂଟନୈତିକ ଅଭିଯାନ ଆରମ୍ଭ କରିଛନ୍ତି । ଏଥିରେ ବିଭିନ୍ନ ରାଜନୈତିକ ଦଳର ସାଂସଦମାନଙ୍କୁ ସାମିଲ କରାଯାଇଛି । ତେବେ କଂଗ୍ରେସ ପକ୍ଷରୁ ଲକ୍ଷ୍ମଣରେଖା ଅତିକ୍ରମ କରନାହିଁ ବୋଲି ସତର୍କ କଲାପରେ ବି ସାଂସଦ ଶଶି ଥରୁର୍ ଅପରେସନ ସିନ୍ଦୂର ସପକ୍ଷରେ ମତ ରଖି କେନ୍ଦ୍ର ସରକାରଙ୍କୁ ପ୍ରଶଂସା କରିଥିଲେ । ତାଙ୍କୁ ଏହି କମିଟିରେ ସାମିଲ କରାଯାଇଛି । ଏହି ସର୍ବଦଳୀୟ ପ୍ରତିନିଧି ଆସନ୍ତା ସପ୍ତାହରେ ବିଭିନ୍ନ ଦେଶକୁ ଯାଇ ବିଶ୍ୱସ୍ତରରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ସମ୍ପର୍କରେ ବିଭିନ୍ନ ଦେଶକୁ ଅବଗତ କରାଇବେ । କେନ୍ଦ୍ର ସରକାରଙ୍କର ଏହା ଏକ ବଡ଼ କୁଟନୀତି ବୋଲି କୁହାଯାଉଛି ।

ପହଲଗାମ୍ ଆକ୍ରମଣ ପରେ ଭାରତ ପକ୍ଷରୁ ଅପରେସନ ସିନ୍ଦୂର ଆରମ୍ଭ କରାଯାଇଥିଲା । ଏବେ ବିଶ୍ୱସ୍ତରରେ ପାକିସ୍ତାନର ମୁଖା ଖୋଲିବା ପାଇଁ ଯୋଜନା କରାଯାଇଛି । ସୂଚନା ଅନୁଯାୟୀ ଯେଉଁ ସାଂସଦମାନଙ୍କ ପ୍ରତିନିଧିମଣ୍ଡଳୀ ତିଆରି କରାଯାଇଛି, ସେଥିରେ ୩୦ ସାଂସଦ (୯ ପୃଷ୍ଠାରେ)

## ବଜ୍ରପାତରେ ୧୨ ମୃତ

ଭୁବନେଶ୍ୱର/କୋରାପୁଟ/ଢେଙ୍କାନାଳ/ଚଣ୍ଡିଖୋଳ/ବ୍ରହ୍ମପୁର, ୧୬।୫ (ସବ୍ୟୁ) : କାଳବୈଶାଖୀର ତାଣ୍ଡବରେ କୋରାପୁଟ, ଗଂଜାମ, ଯାଜପୁର, ଢେଙ୍କାନାଳ, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନ ସମେତ ଭଞ୍ଜନଗରକୁ ମିଶାଇ ମୋଟ୍ ୧୨ ଜଣଙ୍କ ବଜ୍ରଘାତ ଜନିତ ମୃତ୍ୟୁ ଘଟିଛି । ମୃତକମାନଙ୍କ ମଧ୍ୟରେ ୫ଜଣ ମହିଳା ଥିବା ବେଳେ ୩ ଜଣ ନାବାଳକ ଅଛନ୍ତି ।

ବଜ୍ରପାତ ଯୋଗୁଁ କୋରାପୁଟ ଜିଲ୍ଲାରେ ଗୋଟିଏ ଦିନରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେମିଳିଗୁଡା ପଞ୍ଚାୟତ ସମିତି ଅଧୀନସ୍ଥ ଚାରାଙ୍ଗୁଲ ପଞ୍ଚାୟତ ଅନ୍ତର୍ଗତ ଖାଲପାଡ଼ି ଗ୍ରାମରେ କୁମ ଜାନିଙ୍କ ପୁଅ ଦାସ ଜାନି (୩୨) ନାମକ ଯୁବକ ପଡ଼ୋଶୀ ଗ୍ରାମ ଲେଞ୍ଜିଗୁଡ଼ା ନିକଟରେ ଥିବା ନଦୀକୁ ମାଛ ଧରିବା ପାଇଁ ଯାଇଥିଲା । (୯ ପୃଷ୍ଠାରେ)

### ମାଓ ଦମନ ବେଳେ ବଜ୍ରାଘାତରେ ଯବାନ ସହିଦ

ରାଉରକେଲା, ୧୬।୫ (ସବ୍ୟୁ): ଓଡିଶା ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଜିଲା ଛୋଟା ନାଗରା ଥାନା ଅନ୍ତର୍ଗତ ବାଲିବା ଜଙ୍ଗଲରେ ଗୁରୁବାର ମାଓଦମନ ଅଭିଯାନ ଚାଲିଥିବା ବେଳେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ମାରିଥିଲା । ବଜ୍ରାଘାତରେ ସିଆରପିଏଫ ୨୬ ବାଟାଲିଅନର ଡେପୁଟି କମାଣ୍ଡେଣ୍ଡ ପ୍ରବୋ ସିଂ ଗୁରୁତର ଆହତ ହୋଇଥିଲେ । ସିଆରପିଏଫର ୨ ଯବାନ ଓ ଝାରଖଣ୍ଡ ପୋଲିସର ୨ ଯବାନ ମଧ୍ୟ ଆହତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ଏୟାର ଲିଫ୍ଟ କରାଯାଇ ରାଞ୍ଚି ସ୍ଥିତ ଏକ ଘରୋଇ ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା । ଶୁକ୍ରବାର ଡେପୁଟି କମାଣ୍ଡେଣ୍ଡ ପ୍ରବୋ ସିଂଙ୍କ ଚିକିତ୍ସାଧିନ (୯ ପୃଷ୍ଠାରେ)

## ସରକାରଙ୍କ ବର୍ଷପୂର୍ତ୍ତିକୁ ଆସିବେ ପ୍ରଧାନମନ୍ତ୍ରୀ!

ଭୁବନେଶ୍ୱର, ୧୬।୫ (ସବ୍ୟୁ) : ଆସନ୍ତା ଜୁନ୍ ୧୨ ତାରିଖରେ ରାଜ୍ୟର ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାରଙ୍କ ଏକ ବର୍ଷ ପୂରଣ ହେବ । ପ୍ରଥମ ବର୍ଷ ପୂର୍ତ୍ତି ପାଳନ ସପ୍ତାହବ୍ୟାପୀ ଅର୍ଥାତ୍ ୧୯ ତାରିଖ ଯାଏ ଚାଲିବ । ବିଭିନ୍ନ କାର୍ଯ୍ୟକ୍ରମ ଇତି ମଧ୍ୟରେ ଅନୁଷ୍ଠିତ ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓଡ଼ିଶା ଗସ୍ତରେ ଆସିପାରନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ ବର୍ଷପୂର୍ତ୍ତି କେବଳ ଏକ ରାଜନୈତିକ ହାସଲ ନୁହେଁ ଏହା ଏକ ଉତ୍ତରଦାୟୀତ୍ୱର ଅବସର । ବର୍ଷକ ମଧ୍ୟରେ ସରକାର ଓଡ଼ିଶାବାସୀଙ୍କ ଲାଗି କି କାର୍ଯ୍ୟ କରଛନ୍ତି ତାହାର ସମୀକ୍ଷା ହେବ । ସରକାର ଓଡ଼ିଶା ଭୋଟରଙ୍କୁ ଦେଇଥିବା ୨୧ ପ୍ରତିଶ୍ରୁତିରୁ ୧୧ ପୂରଣ କରିଛନ୍ତି । ବାକି ୧୦ ପ୍ରତିଶ୍ରୁତି ଆଗାମୀ ବର୍ଷ ପୂରଣ କରାଯିବ ବୋଲି ଚେଷ୍ଟା କରାଯିବ । ଗଣତନ୍ତ୍ରର ଅଭିଭାବକ ହେଲେ ଜନସାଧାରଣ । ଛାତ୍ରଛାତ୍ରୀ ଯେପରି ବର୍ଷକ ପାଠ ପଢ଼ିବା ପରେ ବାର୍ଷିକ ପରୀକ୍ଷା ଦିଅନ୍ତି, ସେହିଭଳି ସରକାରଙ୍କ ପ୍ରଗତିପତ୍ର ଜନସାଧାରଣ ଜାଣିବା କଥା । ଏହା ଏକ ଉତ୍ତରଦାୟୀ ସରକାର ।



# ନିଦ୍ରାହୀନତାର କାରଣ

ବେଳେବେଳେ ରାତିରେ ଯମାରୁ ନିଦ ହୋଇନଥାଏ, କଡ ଲେଉଟାଇ ସାରା ରାତି ବିତିଯାଇଥାଏ । ଏଭଳି ସମସ୍ୟା କୌଣସି ବି ବର୍ଗର ଲୋକଙ୍କ ପାଖରେ ଦେଖିବାକୁ ମିଳିଥାଏ । ସେହିଭଳି ଏଭଳି ମଧ ସମସ୍ୟା ଦେଖିବାକୁ ମିଳେ କି ଅତ୍ୟଧିକ ଥକ୍କାପଣ ଥାଇ ମଧ ନିଦ ହୋଇ ନଥାଏ । ତେବେ ଏ ସବୁ କ୍ଷେତ୍ରରେ ପ୍ରଥମେ ଏହି ସମସ୍ୟାର କାରଣ ବୁଝନ୍ତୁ । ତେବେ ଏହାର ଅନେକ କାରଣ ଥିଲେ ମଧ କିଛି ଏଭଳି କାରଣ ରହିଛି ଯାହା ସମସ୍ତଙ୍କ ନିକଟରେ



ଦେଖିବାକୁ ମିଳିଥାଏ । ଆସନ୍ତୁ ସେହିଭଳି କିଛି କାରଣ ସମ୍ପର୍କରେ ଜାଣିବା । ଏହି କାରଣ ଗୁଡିକୁ ଜାଣି ଏହାର ଚିକିତ୍ସା କରାଇପାରିଲେ ଏହି ସମସ୍ୟା ସହଜରେ ସମାଧାନ ହୋଇଥାଏ । ତେବେ କେବେ ବି ଏହାକୁ ଅଣଦେଖା କରନ୍ତୁ ନାହିଁ । ଏହା ଅଧିକ ଦିନ ରହିଲେ ଗମ୍ଭୀର ହେବାର ସମ୍ଭାବନା ରହିଛି ।

### କାରଣ

- ଚିନ୍ତା ଓ ମାନସିକ ଅବସାଦ ।
- ଅଧିକ ସ୍କ୍ରିନ ଟାଇମ୍ ।
- ନିକୋଟିନ୍ ସେବନ ।
- ଶୋଇବାର ସମୟ ସବୁବେଳେ ବଦଳିବା ।
- ଡିପ୍ରେସନ
- ଖରାପ ଖାଦ୍ୟଶୈଳୀ
- ବ୍ୟାୟାମ କରିବାର ଭୁଲ ସମୟ
- ରାତିରେ ଅଧିକ ଲାଇଟ୍‌ରେ ଶୋଇବା
- କୌଣସି ଔଷଧର ପାର୍ଶ୍ୱପ୍ରତିକ୍ରିୟା ।

## ସୋସିଆଲ କୋଟ୍ସ

“ଆମକୁ ଭଲ ପାଆନ୍ତୁ କି ଘୃଣା କରନ୍ତୁ, ହେଲେ ଦୀପିକାଙ୍କ ପାଇଁ ମାନବିକତା ଦୃଷ୍ଟିରୁ ପ୍ରାର୍ଥନା କରନ୍ତୁ । କିଭଳି ଦୀପିକାଙ୍କର ସର୍ଜରୀ ଠିକ୍‌ରେ ହେଇଯାଉ, ସେଇ ଚିନ୍ତା ବର୍ତ୍ତମାନ ଖୁବ ଡରାଉଛି ।
**ସୋଏବ ଇବ୍ରାହିମ୍, ଅଭିନେତା**





“ଆଲିଆ ଭଟ୍ଟଙ୍କୁ ନେପୋକିଡ୍ କହୁଥିବା ଲୋକମାନେ ପ୍ରଥମେ ଯାଇ ଆଲିଆଙ୍କର ଫିଲ୍ମ ଦେଖନ୍ତୁ । ତା ପରେ ଜାଣିପାରିବେ ସେ ଗୋଟିଏ ଫିଲ୍ମ ପାଇଁ କେତେ ପରିଶ୍ରମ କରିଥାଆନ୍ତି ।
**କରଣ ଜୋହର, ଫିଲ୍ମ ମେକର**

“ମୋ ପରିବାରରେ ସଙ୍ଗୀତର ଖୁବ ଆଦର ରହିଛି । ତେଣୁ ଫିଲ୍ମରେ ବି ଗିଟାର ଭାଙ୍ଗିବା ବେଳେ ମୋତେ କଷ୍ଟ ହୋଇଥିଲା । ଏପରି କରିବାକୁ ଇଚ୍ଛା ନଥିଲା ।
**ନୀଲ ନିତିନ୍ ମୁକେଶ, ଅଭିନେତା**



## ବିଶ୍ୱ ଟେଲିଯୋଗାଯୋଗ ଦିବସ

ମେ’ ୧୭ରେ ପ୍ରତିବର୍ଷ ପାଳନ ହୋଇଥାଏ ବିଶ୍ୱ ଟେଲିଯୋଗାଯୋଗ ଦିବସ । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ସାରା ବିଶ୍ୱରେ ସଚେତନତା ସୃଷ୍ଟି କରିବା । ୧୮୬୫ ମସିହାରେ ଏହି ଦିନ ଆନ୍ତର୍ଜାତୀୟ ଦୂରସଞ୍ଚାର ସଙ୍ଘର ପ୍ରତିଷ୍ଠା କରାଯାଇଥିଲା, ଯେଉଁ ଦିନକୁ ବିଶ୍ୱ ଟେଲିଯୋଗାଯୋଗ ଦିବସ ଭାବେ ପାଳନ କରାଯାଇଥାଏ । ଏହି ଦିନ ସମସ୍ତଙ୍କୁ ଦୂରସଞ୍ଚାର ଓ ଡିଜିଟାଲ ଟେକ୍ନୋଲୋଜି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥାଏ । ଏହାର କିଭଳି ଉପଯୋଗ କରିହେବ ଏବଂ ଏହାର ଉପଯୋଗ କରି ଆମ ଜୀବନ କିଭଳି ସରଳ ସୁନ୍ଦର ହେବ ସେ ସମ୍ପର୍କରେ ଏହି ଦିବସରେ ଆଲୋଚନା ହୋଇଥାଏ ।



# ଉଚ୍ଚ ରକ୍ତଚାପ ଦିବସ

ଆଜିକାଲିର ଜୀବନଶୈଳୀ ଉଚ୍ଚରକ୍ତଚାପ ବା ହାଇପରଟେନସନ୍‌ର ଜନକ । ଆଜିକାଲି ଅନେକଙ୍କ ନିକଟରେ ଏହି ସମସ୍ୟା ଦେଖିବାକୁ ମିଳୁଛି । ତେବେ ଏଭଳି କିଛି ଲୋକ ଅଛନ୍ତି ଯେଉଁମାନେ ଜାଣି ନଥାଆନ୍ତି କି ହାଇପରଟେନସ୍ କଣ ଏବଂ ଏହାକୁ କିଭଳି ଚିହ୍ନିବ । ଯାହାଫଳରେ ଏହା ସେମାନଙ୍କ ପାଇଁ ଘାତକ ସାଜିଥାଏ । ତେଣୁ ହାଇପରଟେନସନ୍ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ମେ’ ୧୭ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ଉଚ୍ଚରକ୍ତଚାପ ଦିବସ । ଏହି ଦିନ ବିଭିନ୍ନ ଅନୁଷ୍ଠାନରେ ଉଚ୍ଚରକ୍ତ ଚାପ କଣ । ଏହା ହେଲେ



କଣକଣ ସମସ୍ୟା ହେବ, ଏହାକୁ କିଭଳି ଚିହ୍ନଟ କରିବା ଏବଂ ଏହାର ଲକ୍ଷଣ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥାଏ । ୨୦୦୬ରୁ ଏହି ଦିବସ ପାଳନ ହୋଇ ଆସୁଛି । ପ୍ରତିବର୍ଷ କିଛି ଥିମ୍ ରଖାଯାଇ ଏହି ଦିବସକୁ ପାଳନ କରାଯାଇଥାଏ । ତେବେ ଉଚ୍ଚରକ୍ତଚାପ  ବିଭିନ୍ନ କାରଣ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ, ପରିଶ୍ରମ କମ, ମେଦବହୁଳତା, ନିଶ ଦ୍ରବ୍ୟ ସେବନ, ମାନସିକ ଅବସାଦ ଭଳି କିଛି କାରଣରୁ ହୋଇଥାଏ ।  ଏହାର ଲକ୍ଷଣ ଭାବେ ମୁଣ୍ଡ ବିନ୍ଧା, ନିଦ ଲାଗିବା, ଆଖିକୁ ଦେଖା ନଯିବା, ନିଃଶ୍ୱାସ ନେବାରେ ଅସୁବିଧା, ଫଟିଗୋ, ଛାତିରେ ଯନ୍ତ୍ରଣା ଆଦି ଦେଖିବାକୁ ମିଳିଥାଏ । ତେଣୁ ସବୁବେଳେ ଏହି ସବୁ ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ଆଜିର ଦିନ

୧୭୫୬– ଫ୍ରାନ୍ସ ବିରୋଧରେ ବ୍ରିଟେନ୍‌ର ଯୁଦ୍ଧ ଘୋଷଣା ।
୧୭୬୯– ବେଙ୍ଗଲ କପଡ଼ା ଉଦ୍ୟୋଗକୁ ବନ୍ଦ କରିବା ପାଇଁ ବୁଣାକାରଙ୍କ ଉପରେ କଡ଼ା ପ୍ରତିବନ୍ଧକ ଲଗାଇଥିଲା ଇଷ୍ଟ ଇଣ୍ଡିଆ କମ୍ପାନୀ ।
୧୮୬୫– ବିଶ୍ୱ ସଞ୍ଚାର ଦିବସ ପାଳନର ଶୁଭାରମ୍ଭ ।
୧୯୫୧– ସୁପ୍ରସିଦ୍ଧ ଗଜଲ ଗାୟକ ପଙ୍କଜ ଉଦ୍ଧାସଙ୍କ ଜନ୍ମ ।
୧୯୭୦– ଆମେରିକାରୁ ଯାତ୍ରା ଆରମ୍ଭ କରି ଆଟଲାଣ୍ଟିକ୍ ମହାସାଗରକୁ ଥୋର ହେୟରଡାଲ ୫୭ ଦିନରେ ପାର କରିଥିଲେ ।

ବର୍ତ୍ତମାନ ଏଆଇର ବ୍ୟବହାର ବଢିଛି । ଏହାର ଉପଯୋଗ ବିଭିନ୍ନ କ୍ଷେତ୍ରରେ କରାଯାଉଛି । ଏଆଇକୁ ବ୍ୟବହାର କରି ଭବିଷ୍ୟତକୁ ନେଇ ଅନେକ ଆକଳନ ମଧ କରାଯାଉଛି । ତେବେ ନିକଟରେ ସୋସିଆଲ ମିଡିଆରେ ଏକ ରେସ୍ତୋରାଁର ଫଟୋ ଖୁବ ଭାଇରାଲ ହେଉଛି । ଏହି ଫଟୋଟି ସାଉଥ୍ କୋରିଆରେ ଥିବା ଏକ ରେସ୍ତୋରାଁର । ତେବେ ସୋସିଆଲ ମିଡିଆରେ ଏହାକୁ ଭବିଷ୍ୟତର ରେସ୍ତୋରାଁର ଆଖ୍ୟା ଦିଆଯାଇଛି । କୋରିଆ ୨୦୨୫ରେ ଥାଇବି ୨୦୫୦ରେ ବଞ୍ଚୁଛି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ରେସ୍ତୋରାଁର ଇଣ୍ଟେରିଅର ଡିଜାଇନ ସହିତ ଖାଦ୍ୟ ପାଇଁ ଏହା ଭାଇରାଲ ହେବାରେ ଲାଗିଛି । ଏହି କାଫେରେ ଚାରୋଟି ସେକସନ ରହିଛି, ପ୍ରତିଟି ଭାଗ ଖୁବ ସୁନ୍ଦର ହୋଇଛି । ସେହିଭଳି ସମସ୍ତ ଖାଦ୍ୟ ପ୍ରକୃତିରୁ ପ୍ରେରିତ ହୋଇ ପ୍ରସ୍ତୁତ କରାଯାଇଛି । କାଫେର ଭିତର ଡିଜାଇନ ସମ୍ପୂର୍ଣ୍ଣ ଡିଜିଟାଲ ଥିମ୍‌ରେ କରାଯାଇଛି, ଯାହା ସମସ୍ତଙ୍କୁ ଖୁବ ପସନ୍ଦ ଆସୁଥିବାର ଦେଖିବାକୁ ମିଳିଛି ।

# ଭବିଷ୍ୟତର କାଫେ






# ଭେଜ୍ ଅମଲେଟ୍



**ସମାଗ୍ରୀ–** ଏକ କପ ବେସନ, କଟା ହୋଇଥିବା ପିଆଜ ୧ଟା, ଚୁନଚୁନ କଟା ଟମାଟ ୧ଟା, ଗୋଲ ଗୋଲ କଟା ଟୋମାଟ ୧ଟା, କଟା କଞ୍ଚାଲଙ୍କା, ଧନିଆ ପତ୍ର, ଲଙ୍କା ଗୁଣ୍ଡ, ଅଳ୍ପ ଜୁଆଣି, ସ୍ୱାଦ ଅନୁସାରେ ଲୁଣ ।

**ପ୍ରଣାଳୀ–** ପ୍ରଥମେ ଏକ ବଡ ପାତ୍ରରେ ଗୋଲ ଗୋଲ କଟାହୋଇଥିବା ଟୋମାଟ ଛଡା ଅନ୍ୟ ସମସ୍ତ ସାମଗ୍ରୀକୁ ମିଶାନ୍ତୁ । ଏହାକୁ ପାଣି ଦେଇ ଏକ ଆଣ ପ୍ରସ୍ତୁତ କରନ୍ତୁ । ଏହାକୁ ଘୋଡାଇ ୧୦ ମିନିଟ୍ ରଖିଦିଅନ୍ତୁ । ତାପରେ ଏହାକୁ ଗରମ ପ୍ୟାନରେ ଘିଅ ଲଗାଇ ଅମଲେଟ୍ ଆକାରରେ ପକାନ୍ତୁ । ଉପରେ ଗୋଲ ଗୋଲ କଟା ଟମାଟକୁ ରଖନ୍ତୁ । ଏହାପରେ ଅଳ୍ପ ତେଲ କିମ୍ବା ଘିଅ ଦେଇ ଏହାକୁ ଘୋଡାନ୍ତୁ ।  ୩ରୁ ୪ ମିନିଟ୍ ପରେ ଏହି ଘୋଡଣୀକୁ କାଢି ଦିଅନ୍ତୁ । ଏହାପରେ ଏହାକୁ ଦୁଇ ସାଇଡରୁ ଭାଜନ୍ତୁ। ଭାଜିହେବା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଭେଜ ଅମଲେଟ୍ । ଏହାକୁ ଗରମ ଗରମ ସସ୍ ସହ ଖାଆନ୍ତୁ, ବେଶ ସ୍ୱାଦିଷ୍ଟ ଲାଗିଥାଏ ।

ଗୋଲୁର ବିବାହ ଠିକ୍ ହୋଇଗଲା
ଝିଅଙ୍କର ବାପା – ଆପଣଙ୍କର ଯୌତୁକ କଣ ଦରକାର ?
ଗୋଲୁ – ମୋର କିଛି ଯୌତୁକର ଆବଶ୍ୟକ ନାହିଁ । କିନ୍ତୁ ସର୍ତ୍ତ ଅଛି ଗୋଟିଏ ।
ବାପା – କଣ ?
ଗୋଲୁ – ବିବାହ ପରେ ମୋ ଫୋନ୍ ମୋର ହୋଇ ରହିବ ।
ବାପା – ଏଥିରେ କଣ ଅଛି
ଝିଅ – ନାଁ ନାଁ ମୁଁ ଏହି ବିବାହରେ ରାଜି ନୁହେଁ । ମୋତେ ତାଙ୍କ ଫୋନ୍ ପାସୱାର୍ଡ ଦରକାର, ଏହା ମୋର ସର୍ତ୍ତ ।

ହାହାଃ..ହାହାଃ..



# ଚମକୁଛନ୍ତି ଭାରତୀୟ

ଫ୍ରାନ୍ସର ରିବେରା ସହରରେ ଚାଲିଥିବା ଫିଲ୍ମ ଫେଷ୍ଟିଭାଲରେ ଭାରତୀୟ କଳାକାର ନିଜର ଜଲୱା ଦେଖାଇବାରେ ଲାଗିଛନ୍ତି । ଏହି ତାଲିକାରେ ଅନେକ କଳାକାର ସାମିଲ ଅଛନ୍ତି ଯେଉଁମାନେ ଭାରତୀୟ କଳାକୁ ବିଶ୍ୱ ଦରବାରରେ ପହଞ୍ଚାଉଛନ୍ତି । ଏହି କଳାକାରଙ୍କ ଷ୍ଟାଇଲ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଓପନିଂ ସେରିମନି ପରେ ପ୍ରତିଦିନ ରେଡ୍ କାର୍ପେଟରେ ଭାରତୀୟ କଳାକାର ଚମକୁଛନ୍ତି । ନିକଟରେ ଜାକଲିନ୍ ଫର୍ଣ୍ଣାଡିସ୍ ଓ ନିତାଂଶୀ ଗୋଏଲ୍‌ଙ୍କ ଭଳି କଳାକାର ବେଶ୍ ଷ୍ଟାଇଲିସ୍ ଅନ୍ଦାଜରେ ନିଜକୁ ପ୍ରେଜେଣ୍ଟ କରିଛନ୍ତି । ଓପନିଂ ସେରିମନି ମିସ୍ କରିଥିଲେ ମଧ ତୃତୀୟ ଦିନରେ ଜାକଲିନ୍‌ଙ୍କର ଖୁବ ନିଆରା ଅନ୍ଦାଜ ରେଡ କାର୍ପେଟରେ ଦେଖିବାକୁ ମିଳିଥିଲା । ସେ ଏଥିରେ ଏକ ଧଳା ସାର୍ଟ ସହିତ ସିଲଭର ଟଚ୍ ଥିବା ପ୍ୟାଣ୍ଟ ଓ ମେଟାଲିକ୍ ଚେନ ସହିତ ଖୁବ ଷ୍ଟାଇଲିସ୍ ଅନ୍ଦାଜରେ ଏଣ୍ଟ୍ରି କରିଥିଲେ । ସେହିଭଳି  ଲାପତା ଲେଡିଜର ନିତାଂଶୀ ଗୋଏଲ୍ ମଧ ବ୍ଲାକ୍ ଗାଉନ୍‌ରେ ଖୁବ ଷ୍ଟାଇଲିସ୍ ଲାଗୁଥିଲେ । ନିତାଂଶୀଙ୍କର ଗ୍ଲାମରସ୍ ଲୁକ ତାଙ୍କ ଫ୍ୟାନଙ୍କୁ ଖୁବ ପସନ୍ଦ ଆସିଛି । ଖୁବ ଆତ୍ମବିଶ୍ୱାସ ସହିତ ସେ ଏହି ରେଡ କାର୍ପେଟରେ ଏଣ୍ଟ୍ରି କରୁଥିବାର ଦେଖିବାକୁ ମିଳିଥିଲା । ପୂର୍ବରୁ ଉର୍ବଶୀ ରୌତେଲା ନିଜର ଜଲୱା କାନ୍ସର ରେଡ଼ କାର୍ପେଟରେ ଦେଖାଇ ସାରିଛନ୍ତି ।





# ଓଏମ୍‌ସିର ୭୦ ତମ ପ୍ରତିଷ୍ଠା ଦିବସ

# ଖଣି ଅଞ୍ଚଳରେ ଆଇରନ ପିଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ

ଭୁବନେଶ୍ୱର, (ସବ୍ୟୁ): ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ ଭାବେ ଓଡିଶା ଭାରତ ବର୍ଷରେ ଏକ ଅଗ୍ରଣୀ ରାଜ୍ୟ । ଦେଶର ସର୍ବୋମୋଟ୍ ଖଣିଜ ସମ୍ପଦର ୪୧.୯ ପ୍ରତିଶତରୁ ଅଧିକ ଖଣିଜ ସମ୍ପଦ ଓଡିଶାରେ ମହଜୁଦ୍ ଅଛି । ଓଏମ୍‌ସି ୬୦ ବର୍ଷରୁ ଅଧିକ ସମୟ ଧରି ପ୍ରକୃତି କୋଳରୁ ଖଣିଜ ସମ୍ପଦ ଅନ୍ୱେଷଣ ଓ ଖଣି ଖନନ କାର୍ଯ୍ୟ ଦାୟିତ୍ୱପୂର୍ଣ୍ଣ ଭାବେ କରିଆସୁଛି । ରାଜ୍ୟକୁ ଅର୍ଥନୈତିକ ସ୍ତରରେ ସମୃଦ୍ଧ କରିବା ପାଇଁ ଓଏମ୍‌ସିର ବଳିଷ୍ଠ ଅବଦାନ ରହିଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଏମ୍‌ସିର ୭୦ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ଏହି ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୬୦ ଦଶକରେ ମାତ୍ର ୧କୋଟି ଟଙ୍କାର ଆର୍ଥିକ କାରବାର ସହିତ ଓଏମ୍‌ସି ନିଜର ଯାତ୍ରା ଆରମ୍ଭ କରି ୨୦୨୪-୨୫ ଆର୍ଥିକ ବର୍ଷରେ ୨୩,୬୦୦ କୋଟି ଟଙ୍କାର ଆର୍ଥିକ କାରବାର କରିଛି । ଏହି କାରବାର କେବଳ ଖଣିଜ ପଦାର୍ଥ ଉତ୍ପାଦନ ଓ ବିକ୍ରୟ ମାଧ୍ୟମରେ ହୋଇଛି । ଆଜି ଓଏମ୍‌ସି ଦେଶରେ ଖଣିଜ ଉତ୍ପାଦନ କାରୀ କମ୍ପାନୀ ମଧ୍ୟରେ ଶ୍ରେଷ୍ଠ ୫ମ ସ୍ଥାନରେ ରହିଛି । ଓଏମ୍‌ସି କେବଳ ଆମ ରାଜ୍ୟରେ ନୁହେଁ ବରଂ ସାରା ଦେଶରେ ନିଜକୁ ଏକ ଆଦର୍ଶ ଲାଭଜନକ ସରକାରୀ ଉଦ୍ୟଗ ଭାବରେ ପ୍ରତିଷ୍ଠିତ କରିପାରିଛ । ଓଏମ୍‌ସି ଓଡିଶା ବିକାଶର ସାରଥୀ ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

ସେ ପୁଣି କହିଥିଲେ ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ । କେବଳ କୃଷି ଉପରେ ନିର୍ଭର କରି ଚାଲିଲେ ଆମେ ଆଗକୁ ବଢି ପାରିବା ନାହିଁ । ଆମ ରାଜ୍ୟରେ ଏଥିରେ ପରିବର୍ତ୍ତନ ଆଣିବା ପାଇଁ ଅନେକ ସୁଯୋଗ ରହିଛି । ଆମ ସରକାରଙ୍କ ଲକ୍ଷ୍ୟ ହେଉଛି ଓଡିଶାକୁ ଏକ ମିଶ୍ରିତ ଅର୍ଥନୀତି ଭାବେ ଗଢିତୋଳିବା ପାଇଁ । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ମ୍ୟାନୁଫ୍ୟାକ୍ଚରିଂ କ୍ଷେତ୍ରରେ ଅଧିକ ଧ୍ୟାନ ଆକର୍ଷଣ କରିବାକୁ ପଡିବ । ମ୍ୟାନୁଫ୍ୟାକ୍ଚରିଂ ପାଇଁ ଆବଶ୍ୟକ କଞ୍ଚାମାଲ ଆମ ରାଜ୍ୟରେ ପ୍ରଚୁର ଭାବେ ଭରପୁର ଅଛି । ପୂର୍ବ ସରକାର ମାନେ ରାଜ୍ୟର ଏହି ଶିଳ୍ପାୟନ ଜନିତ ସମ୍ଭାବନା ଓ ସୁଯୋଗକୁ ଉପଯୋଗ କରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିଲେ । କିନ୍ତୁ ଆମ ସରକାର ଏହାର ବିପରୀତ ନୀତି ଆପଣେଇଛନ୍ତି । ରାଜ୍ୟର ଖଣିଜ ଦ୍ରବ୍ୟରେ ମୁଲ୍ୟଯୁକ୍ତ ବିକ୍ରୟ କରାଯିବା ନୀତି ଆପଣେଇଛନ୍ତି । ଉଦ୍ୟୋଗୀକରଣ ମାଧ୍ୟମରେ ଦ୍ରୁତ ଶିଳ୍ପାୟନ ପାଇଁ ଆମେ ଶପଥ ନେଇଛୁ ବୋଲି ସେ କହିଥିଲେ । ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ଇ-ନିଲାମ୍ ପ୍ଲାଟଫର୍ମ ମାଧ୍ୟମରେ ଲଙ୍ଗ-ଟର୍ମ ଲିଙ୍କେଜ୍ ପଲିସି ଦ୍ୱାରା ରାଜ୍ୟରେ ପ୍ରତିଷ୍ଠିତ ଶିଳ୍ପ ଗୁଡିକୁ ୮୦ ପ୍ରତିଶତରୁ ଅଧିକ କଞ୍ଚାମାଲ ଉପଲବ୍ଧ କରାଯାଇ ପାରୁଛି ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଆମ ବିକାଶର ମୂଳ ସୂତ୍ରଧର ହେଉଛନ୍ତି ଆମ ଶ୍ରମିକ ଭାଇ ଓ ଭଉଣୀ ମାନେ । ଶ୍ରମିକ ସଶକ୍ତ ହେଲେ ଓଡିଶା ସଶକ୍ତ ହେବ । ଶ୍ରମଦାନ କରି ଓଡିଶାକୁ ସଶକ୍ତ, ସମୃଦ୍ଧ କରୁଥିବାରୁ ଶ୍ରମିକ ଭାଇ ଭଉଣୀ ମାନଙ୍କୁ ସେ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ଷେତ୍ରରେ ମେସିନ୍ ସହିତ ଅଧିକ ଶ୍ରମଶକ୍ତି ନିୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଓଏମ୍‌ସି ତାର ସାମାଜିକ ଦାୟିତ୍ୱ ବୋଧ କାର୍ଯ୍ୟକ୍ରମ ଜରିଆରେ ପ୍ରଶଂସନୀୟ କାମ କରୁଛି । ପରିବେଶ ସୁରକ୍ଷା ପାଇଁ ୯୦ ଲକ୍ଷରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରିବାରେ ସଫଳ ହୋଇଛି । ଆଗାମୀ ଦିନରେ ଶିଳ୍ପାୟନକୁ ଦୃଷ୍ଟିରେ ରଖି ଆହୁରି ଅଧିକ ବୃକ୍ଷ ରୋପଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଓଏମ୍‌ସି ପରିବେଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡାର ବିକାଶ ପାଇଁ ମଧ୍ୟ ଉଦ୍ୟମରତ ଅଛି । ଖଣି ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ସବୁ କ୍ଷେତ୍ର ପାଇଁ ସିଏସ୍‌ଆର ଜରିଆରେ ଅଧିକ ବିନିଯୋଗ କରି ଲୋକଙ୍କୁ ଅଧିକ ସେବା ଯୋଗାଇଦେବା ପାଇଁ ସେ କହିଥିଲେ । ଏଥି ସହିତ ଖଣି ଅଞ୍ଚଳରେ ଆଇରନ ପିଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଡୁବୁନା, ବଡବିଲ ଲୌହ ପଥର ଖଣିର ପୁନଃ ଆରମ୍ଭ କରିବା ସହିତ ବଡବିଲ ଅଞ୍ଚଳର ତିରିଙ୍ଗ ପାହାଡ ଖଣି ଓ ରେଙ୍ଗାଲବେଡା ଆର.ଆର୍ କଲୋନୀକୁ ବିଦ୍ୟୁତ ଯୋଗାଣର ଶୁଭାରମ୍ଭ କରିଥିଲେ, ଏଥିସହିତ ମୁଖ୍ୟମନ୍ତ୍ରୀ କୋଇଡା ଖଣି ଅଞ୍ଚଳରେ ଅବସ୍ଥିତ ଓଏମ୍‌ସି ଖଣି ଗୁଡିକରେ ୯୦୦ କିଲୋ ୱାଟ୍ ପିକ୍ ସୋଲାର ପ୍ଲାଣ୍ଟ ଉଦ୍‌ଘାଟନ କରିଥିଲେ । କମ୍ପାନୀର କାର୍ଯ୍ୟଦକ୍ଷତାକୁ ଅଧିକ ସୁଦୃଢ କରିବା ପାଇଁ ୪ଟି ଆଇ.ଟି. ମଡ୍ୟୁଲାର ଯଥା- ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ସିଷ୍ଟମ ଓଏମ୍‌ସି ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ, ଓଏମ୍‌ସି ପ୍ଲଟ ଲ୍ୟାଣ୍ଡ ୟୁଟିଲାଇଜେସନ୍ ସିଷ୍ଟମ ଏବଂ ଓଏମ୍‌ସି ରିକ୍ରୁଟମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମର ଶୁଭାରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ ତିନୋଟି ବିଭାଗରେ ସର୍ବୋଚ୍ଚ ପ୍ରଦର୍ଶନ କରିଥିବା ଓଏମ୍‌ସିର କାର୍ଯ୍ୟକ୍ଷମ ଖଣି ଗୁଡିକ ମଧ୍ୟରୁ ୨୦୨୩-୨୪ ଓ ୨୦୨୪-୨୫ ବର୍ଷ ପାଇଁ ଶ୍ରେଷ୍ଠ ଖଣି କ୍ଷେତ୍ର, ଶ୍ରେଷ୍ଠ ଖଣି ଓ ସୁରକ୍ଷିତ ଖଣି ଏହିଭଳି ତିନୋଟି ବର୍ଗରେ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଓଡିଶା ଖଣି ନିଗମର ସିଏସ୍‌ଆର ଭିତ୍ତିକ ପଦକ୍ଷେପ ଉପରେ ପର୍ଯ୍ୟବେଶିତ ଏକ ପତ୍ରିକା ଅତିଥି ମାନେ ଉନ୍ମୋଚନ କରିଥିଲେ । ଡୁବୁନା ଖଣିର ଲୌହ ପଥର ବାର୍ଷିକ ଉତ୍ପାଦନ କ୍ଷମତା ୩ ନିୟୁତ ଟନ ଏବଂ ମାଙ୍ଗାନିଜ ଉତ୍ପାଦନ କ୍ଷମତା ୦.୦୫ ନିୟୁତ ଟନ ରହିଛି । ଡୁବୁନା ଖଣିରେ ୨୫.୭୭ ନିୟୁତ ଟନ ଲୁହାପଥର ଏବଂ ୨.୬ ନିୟୁତ ଟନ ମାଙ୍ଗାନିଜ ସଂରକ୍ଷିତ ହୋଇ ରହିଛି ।

କାର୍ଯ୍ୟକ୍ରମରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଓଡିଶାର ଶିଳ୍ପାୟନ କ୍ଷେତ୍ରକୁ ପରିବର୍ତ୍ତନ କରିବାରେ ଓଏମ୍‌ସିର ଭୂମିକା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଉନ୍ନତ ଉତ୍ପାଦନ ଓ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ମାଧ୍ୟମରେ ଓଏମ୍‌ସି ଓଡିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ କରୁଛି । ଓଏମ୍‌ସିକୁ ଆହୁରି ଚଳଚଞ୍ଚଳ କରିବା ପାଇଁ ସେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ବକ୍ତବ୍ୟ ରଖିଥିଲେ । ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଏମ୍‌ସିର ଅଧକ୍ଷ ସୁରେନ୍ଦ୍ର କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।




## କିଡନୀ ରୋଗରେ ପୀଡିତ ମାନସ, ଚିକିତ୍ସାରେ ଅର୍ଥ ବାଧକ

ଧର୍ମଶାଳା, (ସବ୍ୟୁ): ସରକାର ଗରିବ ଲୋକଙ୍କ ପାଇଁ ମାଳ ମାଳ ଯୋଜନା କରୁଥିଲେ ମଧ ତାହା ସଠିକ ଭାବେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ । ସେମିତି ଜଣେ ଅସହାୟ ବ୍ୟକ୍ତି ହେଉଛନ୍ତି ଧର୍ମଶାଳା ବ୍ଲକ କୋଟପୁର ପଂଚାୟତ ମୁରତପୁର ଗାଁ ର ମାନସ ଦଳାଇ । ବୟସ ମାତ୍ର ୩୫ ବର୍ଷ । ଘରେ ସ୍ତ୍ରୀ ଓ ଚାରି ଝିଅ । ବଡ଼ ଝିଅ କୁ ୯ବର୍ଷ ହୋଇଥିବା ବେଳେ ସାନ କୁ ମାତ୍ର ୫ ବର୍ଷ । ମାନସ ଦିନ ମଜୁରିଆ ଭାବେ କାମ କରନ୍ତି । ଆମିଷ ବାରରେ ମାଛ ବିକ୍ରୀ କରନ୍ତି ତ ଆଉ ଅନ୍ୟ ଦିନେ ଶ୍ରମିକ ଭାବେ କାମ କରନ୍ତି । ଦିନକୁ ଦୁଇ ଶହ ରୁ ତିନି ଶହ ରୋଜଗାର କରି ଘର ଚଳାନ୍ତି । ସ୍ତ୍ରୀ ଓ ପରିବାରକୁ ନେଇ ହସଖୁସିରେ ଚାଲିଥିଲା ଅଭାବୀ ସଂସାର । ପିଲାଙ୍କ ପାଠ ପଢା ବହି ଖାତା କିଣିବା ଠାରୁ ଆରମ୍ଭ କରି ନିତିଦିନିଆ ଖର୍ଚ୍ଚ କରୁଥିଲେ ମାନସ । ହେଲେ ଗୋଟାଏ ଦିନ ଦୁଃଖର ପାହାଡ ତାଙ୍କ ଉପରେ ଛିଡିପଡିଲା । ପ୍ରଥମେ ତାଙ୍କ ଗୋଡ଼ ଫୁଲିବା ଆରମ୍ଭ ହୋଇଥିଲା । ସେ ଡାକ୍ତର ପାଖକୁ ଯାଇ ଜାଣିବାକୁ ପାଇଥିଲେ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ତାଙ୍କର ଦୁଇଟି କିଡନୀ ନଷ୍ଟ ହୋଇ ଯାଇଛି । ଦୁଃଖର କଳା ଅନ୍ଧାର ଘୋଟି ଯାଇଥିଲା ମାନସଙ୍କ ପରିବାର ଉପରେ । ଗତ ଚାରି ମାସ ହେଲା ବିଛଣାରେ ପଡି ଛଟପଟ ହେଉଥିବା ବେଳେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ସେହିଦିନଠାରୁ ତାଙ୍କର ଚିକିତ୍ସା ପଛରେ ସବୁ ସର୍ବସ୍ୱାନ୍ତ ହୋଇଗଲା । ଜମି ବିକ୍ରି କରିବା ସହ ଘରେ ଯାହା ଥିଲା, ସବୁ ବିକିଭାଙ୍ଗି ଚିକିତ୍ସା ସରିଲାଣି । ହେଲେ ରୋଗ ଭଲ ହେଉନି । ସେପଟେ ଘର ମୂରବୀ ତଥା ସ୍ୱାମୀ ଙ୍କ ଏଭଳି ଅବସ୍ଥାରେ ଦେଖି ସ୍ତ୍ରୀ ଙ୍କ ହୃଦୟ ସବୁବେଳେ କାନ୍ଦୁଛି । ସେ କୌଣସି ମତେ ସ୍ୱାମୀ କୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ଏପରିକି ତାଙ୍କର କିଡନୀ ସେ ତାଙ୍କ ସ୍ୱାମୀ ଙ୍କୁ ଦେଇ ଜୀବନ ବଞ୍ଚାଇବା ପାଇଁ ଶେଷ ଉଦ୍ୟମ କରୁଛନ୍ତି । ହେଲେ ଟଙ୍କା ଅଭାବରୁ ତାହା ମଧ୍ୟ ହୋଇ ପାରୁନାହିଁ । ସ୍ୱାମୀଙ୍କୁ ଦୈନନ୍ଦିନୁ ନିଜେ କାନ୍ଧରେ ବୋହି ଡାକ୍ତରଖାନା ନେବା, ଚିକିତ୍ସା କରାଇବା ସହ ଘର ଚଳାଇବାକୁ ବାର ଦୁଆର ଯାଇଁ ଭିକ ମାଗି ଘର ଚଳାଉ ଥିବା ସ୍ତ୍ରୀ କହିଛନ୍ତି । ସେହିପରି ଆବଶ୍ୟକ ଔଷଧ ଯୋଗାଡ କରିବା ପାଇଁ ସେ ନିତି ଦିନ ସଂଘର୍ଷ କରୁଛନ୍ତି । ତେବେ ତାଙ୍କର ଓ ତାଙ୍କ ଭଉଣୀ ଙ୍କ କିଡନୀ ଲାଗି ପାରିବ ବୋଲି ଡାକ୍ତର କହିଥିବାବେଳେ ବିଭିନ୍ନ ପରୀକ୍ଷା ବି ସରିଛି । ହେଲେ ଏଥିପାଇଁ ଆବଶ୍ୟକ ଥିବା ଲକ୍ଷାଧିକ ଟଙ୍କା ଯୋଗାଡ ତାଙ୍କ ପକ୍ଷେ ସମ୍ଭବ ହୋଇପାରୁନାହିଁ । ତେଣୁ ପୀଡ଼ିତଙ୍କ ସ୍ତ୍ରୀ ସରକାର ଓ ବିଭିନ୍ନ ସଙ୍ଗଠନମାନଙ୍କୁ ସାହାଯ୍ୟ ପାଇଁ ନେହୁରା ହୋଇଛନ୍ତି । ତେଣୁ ରାଜ୍ୟ ସରକାର କିଛି ଆର୍ଥିକ ସହାୟତା ଯୋଗାଇଦେଲେ ମାନସଙ୍କ ଜୀବନ ବଞ୍ଚିପାରିବ ବୋଲି କହିଛନ୍ତି ପୀଡିତଙ୍କ ସ୍ତ୍ରୀ । ଏଭଳି ଅବସ୍ଥାରେ ଏହି ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

### ଏସଡିଆଇରେ ଅନ୍ତର୍ଜାତୀୟ ଭାଷା ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ

## ସ୍କିଲ୍ ଅନ୍ ହ୍ୱିଲ୍‌କୁ ପତାକା ଦେଖାଇ ଶୁଭାରମ୍ଭ କଲେ ରାଜ୍ୟପାଳ

ଭୁବନେଶ୍ୱର,(ସବ୍ୟୁ): ସ୍କିଲ୍ ଡେଭେଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଭୁବନେଶ୍ୱର ଏସଡିଆଇରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟିଙ୍କ କରମକମଳରେ ନାସନାଲ୍ ସ୍କିଲ୍ ଡେଭେଲପମେଣ୍ଟ୍ କର୍ପୋରେସନ୍‌ର ସହଯୋଗରେ ଅନ୍ତର୍ଜାତୀୟ ଭାଷା ପ୍ରଶିକ୍ଷଣ କେନ୍ଦ୍ରର ଉଦ୍ଘାଟନ ସହ 'ସ୍କିଲ୍ ଅନ୍ ହ୍ୱିଲ୍' ବା କୌଶଳ ରଥର ଶୁଭାରମ୍ଭ ହୋଇଯାଇଛି । ଏହାକୁ ରାଜ୍ୟପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ ।ଏହାସହ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଏସଡିଆଇ ଭୁବନେଶ୍ୱରର ଚେୟାରମ୍ୟାନ ରଶ୍ମି ଗୋଭିଲ, ଆଇଓସିଏସର ଏଚଆର୍ ନିର୍ଦ୍ଦେଶକ, ଏନଏସଡିସି ଓ ଦକ୍ଷତା ବିକାଶ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମିଶନ ସ୍କିଲ ଇଣ୍ଡିଆର ପରିକଳ୍ପନାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାର ପ୍ରଗତିଶୀଳ ପ୍ରୟାସ ଉପରେ ଆଲୋକପାତ କରିଥିଲେ । ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନକୁ ପ୍ରଶଂସା କରି ତାଙ୍କୁ ଜାତୀୟ ସ୍ତରରେ ପ୍ରଶଂସା ପାଇଥିବା ଏସ୍ ଡିଆଇ. ଭୁବନେଶ୍ୱରର ସ୍ଥପତି ବୋଲି ଅଭିହିତ କରିଥିଲେ । ସେ କହିଥିଲେ, ଏହି ବିଶ୍ୱସ୍ତରୀୟ କ୍ୟାମ୍ପସ ଐତିହାସିକ ବରୁଣେଇ ପାହାଡ଼ର ପାଦଦେଶରେ ୪୭ ଏକର ପରିମିତ ଜମିରେ ୫୦୦ କୋଟି ଟଙ୍କାର ନିବେଶ ସହିତ ବିକଶିତ ହୋଇ କୌଶଳ ପ୍ରଶିକ୍ଷଣର ଉତ୍କୃଷ୍ଟତାର ଏକ ମଡେଲ୍ ଭାବରେ ଉଭା ହୋଇଛି । ଏସଡିଆଇ ଭୁବନେଶ୍ୱର ଇଞ୍ଜିନିୟରିଂ, ପଲିଟେକନିକ୍ ଏବଂ ଆଇଟିଆଇ ସ୍ନାତକଧାରୀଙ୍କ ପାଇଁ ଏହା ବିଶେଷ ସହାୟକ ହୋଇଛି । ଆନ୍ତର୍ଜାତୀୟ ଭାଷା ପ୍ରଶିକ୍ଷଣ କେନ୍ଦର ପ୍ରୟାସରେ ଆଜି ଆରମ୍ଭ ହୋଇଛି । ଯେଉଁ ଏକାଡେମୀ ଆମର ଯୁବଶକ୍ତିଙ୍କୁ ବିଦେଶୀ ଭାଷାର ପ୍ରଶିକ୍ଷଣ ଦେଇ ସେମାନଙ୍କ ପାଇଁ ଅନ୍ତର୍ଜାତୀୟ ସୁଯୋଗକୁ ବ୍ୟାପକ କରିଛି । ସେମାନଙ୍କୁ ଭବିଷ୍ୟତର କ୍ୟାରିୟରରେ ସୁଯୋଗ ଦେବା ପାଇଁ ସବୁପ୍ରକାର ସହଯୋଗ ମଧ୍ୟ ପ୍ରଦାନ କରାଯିବ । ସେହିପରି ଉଦଘାଟିତ କୁଶଳ ରଥ ଏକ ମୋବାଇଲ୍ ପ୍ରଶିକ୍ଷଣ ୟୁନିଟ୍ ଆଗାମୀ ଦିନର ପରିବର୍ତ୍ତିତ ଦୁନିଆରେ ନୂତନ ଟେକ୍ନୋଲୋଜି ଓ ସ୍କିଲ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଆଯାଇଥିବା ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ । ମନ୍ତ୍ରୀ ଶ୍ରୀ ସମ୍ପଦ ସ୍ୱାଇଁ ଏସଡିଆଇ ଭୁବନେଶ୍ୱର ପ୍ରତିଷ୍ଠା ପାଇଁ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର କଳ୍ପନାକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଓଡିଶାକୁ ପୂର୍ବ ଭାରତର କୌଶଳ କେନ୍ଦ୍ରରେ ପରିଣତ କରାଯିବ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏଥିପାଇଁ ବଦ୍ଧପରିକର ।




## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ମାମଲା

### ରାଜା ଚକ୍ର ଫାର୍ମ ହାଉସ୍ ସିଲ୍, ବାଜ୍ୟାପ୍ତ ହେବ ସମ୍ପତ୍ତି

ଭୁବନେଶ୍ୱର, (ସବ୍ୟୁ) : ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା) ଶୁକ୍ରବାର କେନ୍ଦୁଝର ଜିଲ୍ଲାର ଗୋପାଳପୁରଠାରେ ଥିବା ରାଜା ଚକ୍ରଙ୍କ ଫାର୍ମ ହାଉସ୍‌କୁ ସିଲ୍ କରିଛି । ଏଥିସହ ସମ୍ପତ୍ତି ବାଜ୍ୟାପ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି ।

ଇଓଡବ୍ଲ୍ୟୁର ଏକ ସ୍ୱତନ୍ତ୍ର ଟିମ୍ କେନ୍ଦୁଝର ଗୋପାଳପୁର ଫାର୍ମ ହାଉସ୍‌କୁ ଯାଇ ମାପଚୁପ କରିଛନ୍ତି । ୧୧ ଏକରରୁ ଉର୍ଦ୍ଧ୍ୱ ଜମିରେ ଫାର୍ମ ହାଉସ୍ ଗଢି ଉଠିଛି । ସେଥିମଧ୍ୟରୁ ସାଢେ ୩ ଏକର ରାଜାଚକ୍ର ନାମରେ ଥିବାବେଳେ ଆଉ ସବୁ ସରକାରୀ ସମ୍ପତ୍ତି ବୋଲି ମାପଚୁପରୁ ଜଣାପଡିଥିବା ଇଓଡବ୍ଲ୍ୟୁର ଜଣେ ଅଫିସର କହିଛନ୍ତି । ଫାର୍ମ ହାଉସ୍ ବହୁ ବିଳାସପୂର୍ଣ୍ଣ ବ୍ୟବସ୍ଥା ରହିଛି । ଫାର୍ମ ହାଉସ୍ ବୁଲିବା ପାଇଁ ସ୍ୱତନ୍ତ୍ର ବାଇକ୍ ବ୍ୟବସ୍ଥା ରହିଛି । ଯେଉଁ ବାଇକ୍‌ର ମୂଲ୍ୟ ୪୫ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି ।

ଇଓଡବ୍ଲ୍ୟୁ ଟିମ୍ ଜମିକୁ ମାପଚୁପ କରିସାରିବା ପରେ ଫାର୍ମ ହାଉସ୍‌କୁ ସିଲ୍ କରିଛନ୍ତି । ସେହି ଫାର୍ମ ହାଉସ୍ ସମେତ ଅନ୍ୟାନ୍ୟ ଜବତ ସମ୍ପତ୍ତିର ବାଜ୍ୟାପ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ଫାର୍ମ ହାଉସ୍ ସମେତ ଠାବ ହୋଇଥିବା ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟ ବାଜ୍ୟାପ୍ତ କରାଯିବ । ସେସବୁ ସମ୍ପତ୍ତି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିର ହେରାଫେରି ଟଙ୍କାରେ ଅର୍ଜନ କରାଯାଇଥିବା ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଛି । ଖଣିଜ ସାମଗ୍ରୀ ପରିବହନରେ ହେରାଫେରି ସାଙ୍ଗକୁ ଖଣିଜ ସାମଗ୍ରୀ ଚୋରି କରୁଥିଲେ ରାଜାଚକ୍ର ବୋଲି ତଦନ୍ତକାରୀ ଟିମ୍ ପ୍ରମାଣ ପାଇଛି । ଇଓଡବ୍ଲ୍ୟୁ ଓ ଏସ୍‌ଟିଏଫ୍ ଠାବ କରିଥିବା ସମସ୍ତ ବେଆଇନ ସମ୍ପତ୍ତି ବାଜ୍ୟାପ୍ତ କରାଯିବ । କାରଣ ତାହାସବୁ ରାଜାଚକ୍ରଙ୍କ ଆୟ ବହିର୍ଭୁତ ବେଆଇନ ସମ୍ପତ୍ତି ।

### ରାଜା ଚକ୍ର ଓ ତାର ସହଯୋଗୀର ଜାମିନ ଖାରଜ

କଟକ,(ସବ୍ୟୁ): ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ପରିବହନ ସମବାୟ ସମିତି ଆର୍ଥିକ ଅନିୟମିତତା ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚ୍ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇଥିବା ବିଜେଡି ଯୁବ ନେତା ରାଜା ଚକ୍ର ଓରଫ ସୌମ୍ୟଶଙ୍କର ଚକ୍ର, ଏହି ସୋସାଇଟିର ପୂର୍ବତନ ସଭାପତି ମାନସ ବାରିକ୍, ପୂର୍ବତନ ସମ୍ପାଦକ ଉତ୍କଳ ଦାସ ଏବଂ ସହଯୋଗୀ ସୁଶାନ୍ତ କୁମାର ସାମଲଙ୍କ ଜାମିନ୍ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରି ଦେଇଛନ୍ତି । ଚାରିଜଣ ଅଭିଯୁକ୍ତଙ୍କ ବିରୋଧରେ ଏବେ ତଦନ୍ତ ଚାଲିଥିଲାବେଳେ ସେମାନଙ୍କୁ ଯଦି ଜାମିନ୍‌ରେ ଛଡ଼ାଯାଏ ତାହେଲେ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି । ଗତ ୯ ତାରିଖରେ ଏହି ମାମଲାର ରାୟ ସଂରକ୍ଷିତ ରହିଥିଲା । ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ପରିବହନ ସମବାୟ ସମିତିରେ ୪୦ରୁ ୫୦ କୋଟି ଟଙ୍କା ହେର୍ଫେର ନେଇ ଅଭିଯୋଗ ହୋଇଥିଲା । ଏନେଇ ଇଓଡବ୍ଲ୍ୟୁ ପକ୍ଷରୁ ଚଢ଼ଉ କରାଯାଇ ଯାଞ୍ଚ କରାଯାଇଥିଲା । ଏହି ଏଜେନ୍ସି ଜରିଆରେ କେନ୍ଦୁଝରରେ ବିଭିନ୍ନ ଖଣିରୁ ଲୁହାପଥର ବୋଝେଇ କରାଯାଇ ପରିବହନ କରାଯାଉଥିଲା । ସ୍ଥାନୀୟ ଅଞ୍ଚଳର ବିକାଶ, ତେଲ ପାଇଁ ଖର୍ଚ୍ଚ ଅର୍ଥ ଆଦି ନାଁରେ ସମବାୟ ସମିତିକୁ ଅସୁଥିବା ଅର୍ଥକୁ ବିଭିନ୍ନ ଜାଲ୍ ଡକ୍ୟୁମେଣ୍ଟ ଜରିଆରେ ହେଫେର୍ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଇଓଡବ୍ଲ୍ୟୁ ପକ୍ଷରୁ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଏହି ଘଟଣାରେ ଜାମିନ୍ ଆବେଦନ କରି ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ମାଟି ବୋଝେଇ ଟ୍ରାକ୍ଟର ଜବତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ତଥା ଜହ୍ନା ପଂଚାୟତର ନରପଦା ଗ୍ରାମରେ ବେଆଇନ ମାଟି ଉଠାଣ ଖବର ପାଇ ଖଣି ବିଭାଗ ଚଢାଉ କରିଥିଲା । ଚଢାଉ ସମୟରେ ଏକ ମାଟି ବୋଝେଇ ଟ୍ରାକ୍ଟର ଜବତ କରି ପାଣିକୋଇଲି ପୁଲିସକୁ ହସ୍ତାନ୍ତର କରିଛି । ପ୍ରକାଶଯେ ଏବେ ସବୁଆଡେ ସରକାରୀ ଜମି ବେଆଇନ୍‌ଭାବେ ମାଟି ଉଠାଯାଇ ବିକ୍ରି କରାଯାଉଛି । ରାଜସ୍ୱ ବିଭାଗ ଓ ପୁଲିସ ନିରବଦ୍ରଷ୍ଟା ସାଜିଥିବା ବେଳେ ଖଣିବିଭାଗ ଚଢାଉ କରୁଛି । ମାତ୍ର ଖଣି ବିଭାଗର ଚଢାଉକୁ ମାଟି ମାଫିଆ ମାନିବାକୁ ପ୍ରସ୍ତୁତ ନୁହନ୍ତି । ସବୁ ସମୟରେ ଖଣି ବିଭାଗ ପହଂଚି ଚଢାଉ କରିବା ସମ୍ଭବ ହେଉନାହିଁ ।

## ପୁରୀ ପୁଲିସ ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିରରେ ପିଙ୍କି ହେଲ୍ପ ଡେସ୍କର ଆରମ୍ଭ

ପୁରୀ, (ସବ୍ୟୁ): ଶ୍ରୀଜଗନ୍ନାଥ ଧାମକୁ ପ୍ରତିଦିନ ଲକ୍ଷେ ଲକ୍ଷେ ଭକ୍ତ ଓ ପର୍ଯ୍ୟଟକ ପହଞ୍ଚନ୍ତି, ଯାହା ମଧ୍ୟରୁ ବଡ଼ ଅଂଶ ହେଉଛନ୍ତି ମହିଳା ଓ ପରିବାର ବଳ । ସେମାନଙ୍କ ସୁରକ୍ଷା, ସୁବିଧା ପାଇଁ ପୁରୀ ଜିଲ୍ଲା ପୁଲିସ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । କନ୍‌ଫରେନ୍ସ ହଲ୍‌ରେ ୧୬ତାରିଖ ଦିନ ବିଶେଷ ବ୍ରିଫିଂ ସେସନ୍ ଆୟୋଜିତ ହୋଇଥିଲା, ଯେଉଁଠାରେ ସେମାନଙ୍କୁ ଦାୟିତ୍ୱ ବିଷୟରେ ଅବଗତ କରାଯାଇଛି । ସେମାନେ ନିମ୍ନଲିଖିତ କାର୍ଯ୍ୟକୁ ନିଷ୍ଠାପୂର୍ବକ କରିବେ ଯଥା ମହିଳା ଭକ୍ତମାନଙ୍କୁ ସୂଚନା, ଦିଗନିର୍ଦ୍ଦେଶନା ଓ ତତ୍କାଳ ସହାୟତା ପ୍ରଦାନ କରିବେ । ଏହି ହେଲ୍ପ ଡେସ୍କ ଦ୍ୱାରା ପୁରୀ ପୁଲିସ ଏକ ଉତ୍ତରଦାୟୀ ଓ ଲୋକମୁଖୀ ପୋଲିସିଂ ବ୍ୟବସ୍ଥା ଉପସ୍ଥାପନ କରିବ । ପ୍ରତିଦିନ ଏଥିରେ ସଂଗ୍ରହ ହେଉଥିବା ଫିଡବ୍ୟାକ ଅନୁସାରେ ମନ୍ଦିର ପରିସରରେ ନିର୍ବିଘ୍ନ ଦର୍ଶନ ଓ ସୁବିଧା ବୃଦ୍ଧି ପାଇଁ କାର୍ଯ୍ୟ ଗ୍ରହଣ କରାଯିବ । ପର୍ଯ୍ୟଟକ-ମିତ୍ର ପୋଲିସିଂରେ ଏକ ମାଇଲଷ୍ଟୋନ୍ ଶ୍ରୀଜଗନ୍ନାଥ ଧାମ ଯାତ୍ରାକୁ ଅଧିକ ନିରାପଦ, ସମ୍ମାନଜନକ ଓ ଆଧ୍ୟାତ୍ମିକ ଅନୁଭବ କରାଇବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପିଙ୍କି ହେଲ୍ପ ଡେସ୍କ ମହିଳା ଓ ପର୍ଯ୍ୟଟକଙ୍କୁ ସ୍ୱାଗତ ଓ ସୁବିଧା ଦେବାରେ ପୁରୀ ପୁଲିସର ଏକ ଅନ୍ତରଙ୍ଗ ପ୍ରୟାସ । ଏହି ମାଧ୍ୟମରେ ମହିଳା ଭକ୍ତମାନଙ୍କ ସୁରକ୍ଷା ସୁନିଶ୍ଚିତ ହେବା ସହିତ ସେମାନଙ୍କ ପାଇଁ ଏକ ସ୍ନେହଭରା ସନ୍ଦେଶ ଦେବା ସମ୍ଭବ ହେବ । ପିଙ୍କି ହେଲ୍ପ ଡେସ୍କ ୧୮ତାରିଖ ଠାରୁ ଉତ୍ତର ଦ୍ୱାର ଠାରେ କାର୍ଯ୍ୟକ୍ଷମ ରହିବ ।



ପିଙ୍କି ହେଲ୍ପ ଡେସ୍କର ଏହାର ପ୍ରଥମ ସୋପାନ ଆରମ୍ଭ । ଚାରି ଧାମ ମଧ୍ୟରେ ଶ୍ରେଷ୍ଠ ଧାମ ପୁରୀ ଶ୍ରୀ ଜଗନ୍ନାଥ ଧାମ ଏହି କାର୍ଯ୍ୟକ୍ରମ ଧାମ ମଧ୍ୟରେ ପ୍ରଥମ । ଶୁକ୍ରବାର ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲଙ୍କ ଅଧକ୍ଷତାରେ ସେବା ପାଇଁ ନିଯୁକ୍ତ ମହିଳା ପିଙ୍କି ହେଲ୍ପ ଡେସ୍କକୁ ସକ୍ରିୟ ଓ କାର୍ଯ୍ୟକ୍ଷମ କରିବା ପାଇଁ ମୋଟ ୬ ଜଣ ମହିଳା କନ୍‌ଷ୍ଟେବଳଙ୍କୁ ତାଲିମ ଦିଆଯାଇଛି । ଉକ୍ତ

## ଭାଣ୍ଡିଲୋ ନାଳବନ୍ଧ ରାସ୍ତାକୁ ଜେସିବି ଲଗାଇ ଭାଙ୍ଗିଲେ ଦୁର୍ବୃତ୍ତ

କେନ୍ଦ୍ରାପଡା: କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ ଅନ୍ତର୍ଗତ ଭାଣ୍ଡିଲୋ ମାଇନର ନାଳବନ୍ଧ ରାସ୍ତାକୁ କିଛି ଦୁର୍ବୃତ ଜେସିବି ଲଗାଇ କାଟି ଦେଇଥିବା ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ରୁ ପ୍ରକାଶ ଯେ, ଜଳ ସେଚନ ବିଭାଗର କର୍ପୂରା ଦେବୀ ଠାକୁରାଣୀ ରାସ୍ତା ଉପରେ ବାଲି, ଗୋଡି ପକାଇବା ଦ୍ୱାରା ଗ୍ରାମବାସୀ ମାନେ ଯାତାୟତ ରେ ଅସୁବିଧା ହେଉଛି । ଏ ବିଷୟରେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅଭିଯୋଗ କଲାପରେ ତଦନ୍ତ କରି ଏହାର ବ୍ୟବସ୍ଥା କରିଥିଲେ । କିନ୍ତୁ ସ୍ଥାନୀୟ ଅଂଚଳର କିଛି ଦୁର୍ବୃତ ଭାଣ୍ଡିଲୋ ମାଇନର ନାଳବନ୍ଧ ରାସ୍ତାକୁ ଜେସିବି ଲଗାଇ କାଟି ଦେବା ଫଳରେ ସ୍ଥାନୀୟ ଅଂଚଳର ବାସିନ୍ଦା ମାନେ ଯାତାୟତ କରିପାରୁ ନାହାଁନ୍ତି । ତୁରନ୍ତ ଏହି ନାଳବନ୍ଧ ରାସ୍ତାକୁ ଠିକ୍ କରିବା ସହିତ ଦୁର୍ବୃତ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

### ଚାକିରି ଦେବା ପ୍ରତିଶ୍ରୁତିରେ ୬୦ଲକ୍ଷ ଠକେଇ

## ଅଭିଯୁକ୍ତ ଗିରଫ, ୬ଲକ୍ଷ ଜବତ

ଭୁବନେଶ୍ୱର, (ସବ୍ୟୁ) : ଚାକିରି ଦେବା ପ୍ରତିଶ୍ରୁତିରେ ୬୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜଣେ ଠକକୁ କମିଶନରେଟ୍ ପୋଲିସ ଗିରଫ କରିଛି । ତା'ନିକଟରୁ ପୋଲିସ ୬ଲକ୍ଷ ଟଙ୍କା ଜବତ କରିଛି । ଗିରଫ ଠକ ବିରୋଧରେ ଠକେଇର ଶିକାର ହୋଇଥିବା ୫ଜଣ ଚାକିରି ଆଶାୟୀ ଯୁବକ ଏତଲା କରିଛନ୍ତି । ଏହି ଏତଲା ବଢିପାରେ ବୋଲି ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମିନା କହିଛନ୍ତି ।

ଶୋଭନ ରଞ୍ଜନ ବେହେରା ନାମକ ଜଣେ ଝାରପଡା ଏନ୍-୧/୧୧୫ ନମ୍ବର ପ୍ଲଟ୍‌ରେ ସଂଯୋଗ କନ୍‌ସୁଲ୍‌ଟାନ୍ସି ନାମକ ଏକ ସଂସ୍ଥା କରି ଯୁବକମାନଙ୍କୁ ବେସରକାରୀ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେବା ସହ ସୋସିଆଲ୍ ମିଡିଆରେ ମଧ୍ୟ ବିଜ୍ଞାପନ ଦେଉଥିଲା । ଗତ ମାର୍ଚ୍ଚ ୨୩ ତାରିଖ ଦିନ ବୌଦ୍ଧ ଜିଲ୍ଲା ରାମଗଡାର ଦେବବ୍ରତ କରଣ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କଠାରୁ ଶୋଭନ ଚାକିରି ଦେବାକୁ କହି ୬ଲକ୍ଷ ଟଙ୍କା ଠକି ନେଇଛି । ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ଆଉ ୪ଜଣ ଅଭିଯୋଗ କରିଥିଲେ । ଭୁବନେଶ୍ୱର ମଞ୍ଚେଶ୍ୱରର ବିଶ୍ୱରଞ୍ଜନ ଦାସ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଠାରୁ ଚାକିରି ଦେବାକୁ କହି ସେ ୧୫ଲକ୍ଷ ଟଙ୍କା ନେଇଛି । ସେହିପରି ଗଞ୍ଜାମ ଜିଲ୍ଲାର ଦୈତାରୀ ବେହେରା ଅଭିଯୋଗ କରିଛନ୍ତି ଯେ, ତାଙ୍କ ଠାରୁ ଅଭିଯୁକ୍ତ ୧୫ଲକ୍ଷ ୭୫ ହଜାର ଟଙ୍କା ନେଇଛି । ବୌଦ୍ଧ ଜିଲ୍ଲାର ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଫୁଲବାଣୀର ସୁଧାଂଶୁ ଶେଖର ପାତ୍ର ଅଭିଯୋଗ କରିଛନ୍ତି ଯେ, ସେମାନଙ୍କ ଠାରୁ ଶୋଭନ ଚାକିରି ଦେବାକୁ କହି ୧୧ଲକ୍ଷ ଲେଖା ଟଙ୍କା ନେଇଛି । ଏହି ୫ଜଣଙ୍କ ଅଭିଯୋଗରେ ନୂଆପଲ୍ଲୀ ଥାନାରେ ୫ଟି ମାମଲା ରୁଜୁ କରାଯାଇଛି ।



ତଦନ୍ତ ଜାରି ରହିଥିବାରୁ ଆଉ ଯେଉଁମାନେ ଏହି ଅଭିଯୁକ୍ତ ଦ୍ୱାରା ଠକେଇର ଶିକାର ହୋଇଛନ୍ତି, ସେମାନେ ଏତଲା କରିବାକୁ ପୋଲିସ କହିଛି । ଡିସିପି ଜଗମୋହନ ମିନାଙ୍କ କହିବାନୁଯାୟୀ ଯଦି କେହି ଚାକିରି ଦେବାକୁ କହି ଟଙ୍କା ମାଗୁଛି ତେବେ ସେ ସମ୍ପର୍କରେ ନିକଟସ୍ଥ ଥାନାକୁ ଜଣାନ୍ତୁ । ଏହିପରି ଚାକିରି ଦେବା ବାହାନାରେ ଆଶାୟୀଙ୍କ ଠାରୁ ଟଙ୍କା ଠକି ନେଉଛନ୍ତି । ପୂର୍ବରୁ ସାଇବର ଥାନା ପୋଲିସ ମଧ୍ୟ ଚାକିରି ବାହାନାରେ ଟଙ୍କା ଠକିଥିବା କିଛି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଅନ୍ୟ ଥାନା ପୋଲିସ ମଧ୍ୟ ୩/୪ଟି ମାମଲାରେ ଏହିପରି ଠକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଶୁକ୍ରବାର ଅଭିଯୁକ୍ତ ଶୋଭନ ରଞ୍ଜନ ବେହେରାଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।




ଅପରେସନ୍ ସିନ୍ଦୁର ସଫଳତା ପାଳନ ଅବସରରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଠାରେ ଆୟୋଜିତ ସିନ୍ଦୁର ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ପୁତ୍ରକୁ ଆଶୀର୍ବାଦ କରୁଛନ୍ତି ମୁଖ୍ୟମନ୍ତ୍ରୀ ।

### ୧୯ ରୁ ହାଇକୋର୍ଟର ଗ୍ରୀଷ୍ମ ଅବକାଶ

# ୮ ଦିନ ବସିବ ଅବକାଶକାଳୀନ ଅଦାଲତ

କଟକ,(ସବ୍ୟୁ): ଆସନ୍ତା ୧୯ ତାରିଖରୁ ଆରମ୍ଭ ହେଉଛି ହାଇକୋର୍ଟର ଗ୍ରୀଷ୍ମ ଅବକାଶ । ଏହି ଅବକାଶ ଆରମ୍ଭ ହେବା ପୂର୍ବରୁ ଶୁକ୍ରବାର ଥିଲା ଶେଷ ଅଦାଲତ । ଗ୍ରୀଷ୍ମ ଅବକାଶ ଶେଷ ପରେ ଜୁନ୍ ୧୭ ରେ ପୁନର୍ବାର ଅଦାଲତ କାର୍ଯ୍ୟ କରିବ । ଏହି ସମୟ ମଧ୍ୟରେ ହାଇକୋର୍ଟର ୮ ଦିନ ଅବକାଶକାଳୀନ ଅଦାଲତ ବସିବ ବୋଲି ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ଛୁଟିଦିନକୁ ଛାଡ଼ିଦେଲେ ଅନ୍ୟ ଦିନମାନଙ୍କରେ ହାଇକୋର୍ଟ କାର୍ଯ୍ୟାଳୟ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିୟମିତ କାର୍ଯ୍ୟକରିବ । ପ୍ରଥମ ଅବକାଶକାଳୀନ ଅଦାଲତ ଆସନ୍ତା ୨୦ତାରିଖ ଦିନ ବସିବ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ, ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭିନ୍ନ ଜରୁରୀକାଳୀନ ମାମଲାର ଶୁଣାଣି କରିବେ । ଏଥିସହ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏବଂ ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ପୃଥକ ପୃଥକ ବେଞ୍ଚରେ ବିଭିନ୍ନ ମାମଲାର ଶୁଣାଣି କରିବେ । ସେହିପରି ୨୩ ତାରିଖରେ ଆଉ ଏକ ଅବକାଶକାଳୀନ ଅଦାଲତ ବସିବ । ୨୦ ତାରିଖର ବସୁଥିବା ସମସ୍ତ ବିଚାରପତି ୨୩ତାରିଖରେ ମଧ୍ୟ ବିଭିନ୍ନ ମାମଲାର ଶୁଣାଣି କରିବେ । ୨୭ ତାରିଖରେ ବସିବାକୁ ଥିବା ଆଉ ଏକ ଅବକାଶକାଳୀନ ଅଦାଲତରେ ଜଷ୍ଟିସ୍ କେ.ଆର. ମହାପାତ୍ର ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭିନ୍ନ ମାମଲାର ଶୁଣାଣି କରିବେ । ଜଷ୍ଟିସ୍ ଭି. ନରସିଂହ, ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏବଂ ଜଷ୍ଟିସ୍ ଏସ୍.କେ. ମିଶ୍ର ପୃଥକ ପୃଥକ ବେଞ୍ଚରେ ବିଭିନ୍ନ ମାମଲାର ଶୁଣାଣି କରିବେ । ୩୦ତାରିଖରେ ଆଉ ଏକ ଅବକାଶକାଳୀନ ଅଦାଲତ ବସିବ । ସେହିଦିନ ଜଷ୍ଟିସ୍ କେ.ଆର. ମହାପାତ୍ର ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭିନ୍ନ ମାମଲାର ଶୁଣାଣି କରିବେ । ଏଥିସହ ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ୍ ଏସ୍.କେ. ମିଶ୍ର ଏବଂ ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ପୃଥକପୃଥକ ବେଞ୍ଚରେ ବିଭିନ୍ନ ମାମଲାର ଶୁଣାଣି କରିବେ । ଜୁନ୍ ୩ତାରିଖରେ ଅନୁଷ୍ଠିତ ଅବକାଶକାଳୀନ ଅଦାଲତରେ ଜଷ୍ଟିସ୍ ବି.ପି. ଶତପଥୀ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବିଭିନ୍ନ ମାମଲାର ଶୁଣାଣି ହେବ । ପୁନର୍ବାର ଜଷ୍ଟିସ୍ ବି.ପି. ଶତପଥୀ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣ ପୃଥକପୃଥକ ଭାବେ ବିଭିନ୍ନ ମାମଲାର ଶୁଣାଣି କରିବେ । ପୁନର୍ବାର ୪ ତାରିଖରେ ହେବାକୁ ଥିବା ଅବକାଶକାଳୀନ ଅଦାଲତରେ ଜଷ୍ଟିସ୍ ବି.ପି. ଶତପଥୀ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣ ବିଭିନ୍ନ ମାମଲାର ଶୁଣାଣି କରିବେ । ଜୁନ୍ ୧୦ ତାରିଖରେ ପୁନର୍ବାର ଆଉ ଏକ ଅବକାଶକାଳୀନ ଅଦାଲତ ବସିବ । ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭିନ୍ନ ମାମଲାର ଶୁଣାଣି କରିବେ । ପୁନର୍ବାର ଉଭୟ ବିଚାରପତି ବିଭିନ୍ନ ମାମଲାର ପୃଥକପୃଥକ ଶୁଣାଣି କରିବେ ଜୁନ୍ ୧୩ ତାରିଖରେ ଶେଷ ଅବକାଶକାଳୀନ ଅଦାଲତ ବସିବ । ଯେଉଁଥିରେ ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭିନ୍ନ ମାମଲାର ଶୁଣାଣି କରିବେ । ପରେ ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ୍ ଏମ୍.ଏସ୍. ରମଣ ଏବଂ ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ବିଭିନ୍ନ ମାମଲାର ପୃଥକପୃଥକ ଶୁଣାଣି କରିବେ ।

## ରାଜପଥରେ ଜଳସେବା

ପାଣିକୋଇଲି, (ସବ୍ୟୁ): ଗ୍ରୀଷ୍ମର ପ୍ରଚଣ୍ଡ ପ୍ରଭାବକୁ ଆଖି ଆଗରେ ରଖି ପାଣିକୋଇଲି ପୁରୁଣା ଟୋଲଗେଟ ନିକଟରେ ଥିବା ପ୍ରସିଦ୍ଧ ଶାନ୍ତି ହୋଟେଲ ପକ୍ଷରୁ ରାଜପଥରେ ଜଳସେବା ଆରମ୍ଭ ହୋଇଛି । ରାଜପଥରେ ଯାଉଥିବା ଶହ ଶହ ତୃଷାର୍ତ୍ତ ଜନତାଙ୍କୁ ସୁସ୍ୱାଦୁ ଦହିପଣା ସରବତ ପାନ କରାଯାଇଥିଲା । ବିଶେଷ କରି ଟ୍ରକ, ବସ, ଚାରିଚକିଆ ଯାନ, ଅଟୋ ଓ ଦୁଇଚକିଆ ଚାଳକମାନଙ୍କୁ ଥଣ୍ଡା ପାନୀୟ ଯୋଗାଇ ଦିଆଯାଇଥିଲା । ଏହି ମହତ କାମରେ ବିବେକାନନ୍ଦ ଦାଶ, ବ୍ରଜକିଶୋର ଦାଶ, ଚିତରଂଜନ ଦାଶ, କାଠିଆ ବାରିକ, ଶୁଭ୍ରାଂଶୁ ଦାସ, ଧନଂଜୟ ମାଝୀ, କୁନି ଦାଶ, ଦୀପକ ସାହୁ ସନ୍ତୋଷ ଦାସଙ୍କ ସମେତ ରାଜପଥ ପୋଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ସହଯୋଗ କରିଥିଲେ ।

### ଉଚ୍ଚଶିକ୍ଷାରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଓବିସି ମୋର୍ଚ୍ଚାର କର୍ମକର୍ତ୍ତା ଓ ସଦସ୍ୟଗଣ



ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥିଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶହ ଶହ ସଂଖ୍ୟାରେ ଅନ୍ୟାନ୍ୟ ପଛୁଆବର୍ଗ ମୋର୍ଚ୍ଚାର କର୍ମକର୍ତ୍ତା, ସଦସ୍ୟ ଏବଂ ବିଭିନ୍ନ ଜାତିସଂଗଠନର ସଦସ୍ୟମାନେ ଭେଟି ଶିକ୍ଷା କ୍ଷେତ୍ରରେ ଏସ୍‌ଇବିସି ବର୍ଗଙ୍କ ପାଇଁ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିବାରୁ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ । ଗତ ମେ ୧୪ ତାରିଖ ଦିନ ଏହି ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି । ଏହା ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ରୁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ, ସରକାରୀ ଓ ଅନୁଦାନ ପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ଲାଗୁ ହେବ । ପୂର୍ବରୁ ଓଡ଼ିଶାରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି । କିନ୍ତୁ ଶିକ୍ଷା କ୍ଷେତ୍ରରେ ଏହା ଲାଗୁ କରିବା ପାଇଁ ଦୀର୍ଘଦିନର ଦାବୀ ରହିଥିଲା । ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାକ୍ଷେତ୍ରରେ ସାମାଜିକ ନ୍ୟାୟ ପାଇଁ ଯେଉଁ ଦୀର୍ଘ ଦିନର ଅପେକ୍ଷା ଥିଲା ତା'ର ଅନ୍ତ ଘଟିଛି । ଆଜି ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀ ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଖୋର୍ଦ୍ଧା, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ ଓ ଢେଙ୍କାନାଳ ଜିଲ୍ଲାରୁ ଓବିସି ମୋର୍ଚ୍ଚାର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସହିତ ଓବିସି ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ପ୍ରକାଶ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି, ବିଭିନ୍ନ ଜାତି ସଂଗଠନ ଯଥା- କଳିଙ୍ଗ ପାଇକ ସଂଗଠନ, ଉତ୍କଳ ବିକାଶ ପରିଷଦ, ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଉତ୍କଳ ଯାଦବ ମହାସଭା, ନିଖିଳ ଉତ୍କଳ ଶୁଣ୍ଡି ସମାଜ, ନିଖିଳ ଉତ୍କଳ ବାରିକ ମହାସଂଘ, ଗଞ୍ଜାମ କାଳଞ୍ଜି ଖଣ୍ଡାୟତ ସମାଜ, ପଛୁଆ ବର୍ଗ ଜନସାମୁଖ୍ୟ, ତୈଳିକ ବୈଶ୍ୟ ମହାସଂଘର ସଦସ୍ୟମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ ।

### ମାଓ-ପୋଲିସ ଗୁଳି ବିନିମୟ, ଛତ୍ରଭଙ୍ଗ ଦେଲେ ମାଓବାଦୀ

# ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମାଓ ଅଧ୍ୟୁଷିତ ଅଞ୍ଚଳ ଖପ୍ରାଖୋଲ ଥାନା ଅଧୀନସ୍ଥ ଗନ୍ଧମାର୍ଦ୍ଦନ ପାହାଡ଼ ଅଞ୍ଚଳରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଛି ପୋଲିସ । ଗନ୍ଧମାର୍ଦ୍ଦନ ପାହାଡ଼ ଓ ଛତରଦାଣ୍ଡି ଜଙ୍ଗଲରେ ମାଓବାଦୀ ଥିବା ଜଣାପଡ଼ିବା ପରେ ସେଠାରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ଫଳରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏନେଇ ସ୍ଥାନୀୟ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀର ଏସପି ଜି. ଅଭିଳାଷ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଗନ୍ଧମାର୍ଦ୍ଦନ ଜଙ୍ଗଲରେ ବଲାଙ୍ଗିର ଓଡ଼ିଶା ପୁଲିସ ଏବଂ ଡିଭିଏଫ ଯବାନଙ୍କ ମିଳିତ କମ୍ବିଂ ଅପରେସନ ଚାଲିଥିବା ବେଳେ ଜଙ୍ଗଲ ଭିତରେ ଏହି ମାଓ କ୍ୟାମ୍ପ ଠାବ ହୋଇଥିଲା । ପୋଲିସ କମ୍ବିଂ କରିବା ପୂର୍ବରୁ ମାଓବାଦୀ ମାନେ ଛତ୍ରଭଙ୍ଗ କରିଥିବା ସୂଚନା ରହିଛି । ଏହି ସମୟରେ ମାଓ କ୍ୟାମ୍ପରୁ ଯବାନ ମାନେ ଏକ ଆଇଡି ବୋମା ଠାବ କରିଥିଲେ । ଏହା ସହିତ ଅଫୁଟା ଗୁଳି, ମାଓବାଦୀଙ୍କ ପତାକା, ମାଓ ବ୍ୟବହୃତ କପଡା, ମାଓ ପୋଷାକ, ଟେଣ୍ଟ, ବାଜା ଆସବାବ ପତ୍ର, ଟିଫିନ୍ ବକ୍ସ,ବହି,ତାର, ରେଡ଼ିଓ, ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ସୂଚନା ଦିଆଯାଇଛି । ସେହିପରି ସେ ଅଞ୍ଚଳ ରେ କମ୍ବିଂ ଅପରେସନ ଜାରି ରହିଥିବା କହିଛନ୍ତି ଏସପି ଜି. ଅଭିଳାଷ ।

## ଦାଦନ ଖଟିବାକୁ ଯାଇ ଲିଟୁର ଶବ ଫେରିଲା ଘରକୁ

ଡେରାବିଶ, (ସବ୍ୟୁ): ଗ୍ରାମାଂଚଳ ଯୁବକମାନେ ପରିବାର ପ୍ରତିପୋଷଣ ଓ ଅଧିକ ରୋଜଗାର ଆଶାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ହେଲେ ବହୁ ସମୟରେ ଏହି ଯୁବକମାନେ ରାଜ୍ୟ ବାହାରେ ଦଲାଲଙ୍କ ଶିକାର ହୋଇ ବହୁ ହଇରାଣ ହରକତ ହେଉଛନ୍ତିତ ଅନ୍ୟ କେତେବେଳେ ଦୁର୍ଘଟଣାର ଶିକାର ହୋଇ ଅମୂଲ୍ୟ ଜୀବନ ହରାଉଛନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଇନ୍ଦାଳୋ ପଂଚାୟତ ଅନ୍ତର୍ଗତ ଅଡ଼ଙ୍ଗା ଗ୍ରାମରେ । ଗ୍ରାମର ଲିଟୁ ମଲିକ (୨୩) ଗତ ତିନି ବର୍ଷ ହେବ ସୁଦୂର ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ସେ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ । ସବୁକିଛି ଠିକ୍ ଠାକ୍ ଚାଲୁଥିବା ବେଳେ ହଠାତ୍ ଗତ ୧୧ ତାରିଖରେ ରାତିରେ ତାଙ୍କର କାର୍ଯ୍ୟ ସାରି ଭଡ଼ାଘରକୁ ଫେରୁଥିବା ବାଟରେ ରାସ୍ତା ଦୁର୍ଘଟଣାର ଶିକାର ହୋଇଥିଲେ । ସେଠାରେ ତାଙ୍କର ସାଥିମାନେ ତାଙ୍କୁ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଟାଙ୍ଗୀ ମଦନମୋହନ ସାହିରେ ଅଗ୍ନିକାଣ୍ଡ



ଚୌଦ୍ୱାର, (ସବ୍ୟୁ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କୋଟସାହି ପଂଚାୟତ ମଦନମୋହନ ସାହିରେ ଅଗ୍ନିକାଣ୍ଡ ଘଟି ପ୍ରଦୀପ ବାରିକ, ସତ୍ୟଭାମା ବାରିକ ଓ ବିନୋଦ ବାରିକଙ୍କ ଘର ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଛି । କୌଣସି କାରଣରୁ ମଧ୍ୟରାତ୍ରିରେ ବିଦ୍ୟୁତ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଯିବା ଫଳରେ ସେମାନଙ୍କ ଘରର ସମସ୍ତ ଆସବାପତ୍ର ସହ ସୁନାଅଳଙ୍କାର, ଟଙ୍କା, ଧାନ ଚାଉଳ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା । ଖବର ପାଇ ଚୌଦ୍ୱାର ଦମକଳ କେନ୍ଦ୍ର ପକ୍ଷରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଲିଭାଇବା ପାଇଁ ଚେଷ୍ଟା କରିଥିବା ବେଳେ ପ୍ରାୟତଃ ୩ ଜଣଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ପରେ ଟାଙ୍ଗୀ-ସାଲେପୁର ବିଜେପି ଯୁବ ସଂଗଠକ ହିମାଂଶୁ ମହାନ୍ତି ଘଟଣାସ୍ଥଳରେ ପହଂଚି ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ଆର୍ଥିକ ସହାୟତା ଓ ରାସନ୍ ସାମଗ୍ରୀ ପ୍ରଦାନ ସହ ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କ ସହ ଯୋଗାଯୋଗ କରି ଅଗ୍ନିକାଣ୍ଡ ବିପନ୍ନ ପରିବାରଙ୍କୁ ସରକାରୀସ୍ତରରେ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବିକରିବା ସହ ଟାଙ୍ଗୀ ଅଂଚଳରେ ବହୁଦିନରୁ ଏକ ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ହୋଇଆସୁଥିବା ଦାବିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ସାହୁ, ସମରେନ୍ଦ୍ର ଷଡ଼ଙ୍ଗୀ, ଭରତ ସାହୁ, ଆକାଶ ପାତ୍ର, ପ୍ରସନ୍ନ ବେହେରା, ଲୋକନାଥ ସାହୁ, ରାଜକିଶୋର ନାୟକ, ସୁଧାଂଶୁ ଶେଖର ସାହୁ ଓ ରେଣୁବାଳା ପାଗଳ ପ୍ରମୁଖ ବିପନ୍ନ ପରିବାରଙ୍କ ନିକଟରେ ଉପସ୍ଥିତ ଥିଲେ।

### ସମ୍ବଲପୁର ଚିପିଲିମା କୃଷି ମହାବିଦ୍ୟାଳୟରେ ନୂତନ ଅଡିଟୋରିୟମ ଉଦ୍‌ଘାଟିତ

# ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବ : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ସ୍ଥିତ ଓୟୁଏଟି ଚିପିଲିମା କୃଷି ମହାବିଦ୍ୟାଳୟରେ ଉଦଘାଟିତ ନୂତନ ଅତ୍ୟାଧୁନିକ ସଭାଗୃହ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ବୋଲି ଶୁକ୍ରବାର ଉକ୍ତ ଅଡିଟୋରିୟମକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଓୟୁଏଟିର ଏହି ଚିପିଲିମା ଓୟୁଏଟି କ୍ୟାମ୍ପସ ହୀରା ସଦୃଶ ନୂଆ ନୂଆ ମେଧାବୀ ଛାତ୍ରୀଛାତ୍ରୀଙ୍କୁ ତିଆରି କରେ । ଏହି ଚିପିଲିମା କ୍ୟାମ୍ପସର ଭିତ୍ତିଭୂମିକୁ ଆହୁରି ଅଧିକ ମଜଭୁତ କରିବା ପାଇଁ ରାଜ୍ୟ ସରକାର ଅତିରିକ୍ତ ୮୦ କୋଟି ଟଙ୍କା ଅନୁଦାନର ବ୍ୟବସ୍ଥା କରିଛନ୍ତି । ଏହି ଅର୍ଥ ହଷ୍ଟେଲ, ଏକାଡେମିକ ଏବଂ ପ୍ରଶାସନିକ ବ୍ଲକ ସହ ଛାତ୍ରଛାତ୍ରୀଙ୍କୁ ସୁବିଧା ହେବା ଭଳି ବିଭିନ୍ନ ଭିତ୍ତିଭୂମିର ବିକାଶ ଦିଗରେ ଖର୍ଚ୍ଚ କରାଯିବ । ଏହାବ୍ୟତୀତ ପ୍ରାୟ ୧୦ କୋଟି ୫୦ ଲକ୍ଷ ଟଙ୍କା ନିବେଶରେ ଅଡିଟୋରିୟମର ଲୋକାର୍ପଣ ହୋଇଛି, ଯେଉଁ ସଭାଗୃହ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ସମ୍ବଲପୁର ସମେତ ଆଖପାଖ ଜିଲ୍ଲାର ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ । ଓୟୁଏଟି, ଚିପିଲିମା 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସେତୁବନ୍ଧ ହେବ । ଆଜିର ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତଥା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସମ୍ବଲପୁର କୃଷି ହେଉଛି ଆଞ୍ଚଳିକ ଅର୍ଥନୀତିର ମେରୁଦଣ୍ଡ । କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ । ଆଗାମୀ ଦିନରେ ସମ୍ବଲପୁର କୃଷି ମହାବିଦ୍ୟାଳୟରେ ଚାଷରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନେଇ ନୂଆ ପାଠ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ଯୋଜନା ହେବ । ଚାଷୀମାନଙ୍କୁ ପ୍ରଶିକ୍ଷଣ, ଧାନଚାଷ ସମେତ ଅନ୍ୟାନ୍ୟ ଫସଲ ସାମଗ୍ରୀ ଉତ୍ପାଦନ ବୃଦ୍ଧି କରିବା, ଫସଲର କ୍ଷୟକ୍ଷତିକୁ ହ୍ରାସ କରିବା ତଥା ସମ୍ବଲପୁର ଜିଲ୍ଲାରେ କୃଷିଭିତ୍ତିକ ଅର୍ଥନୀତିକୁ ସୁଦୃଢ କରିବା ଦିଗରେ ଆମ ସରକାରଙ୍କ ପକ୍ଷରୁ ଯୋଜନା କରାଯିବ । ଏଠାରେ କୃଷିର ବିଭିନ୍ନ କ୍ଷେତ୍ରରେ ନୂଆ ବିଭାଗ ଖୋଲିବା ପାଇଁ ଉଦ୍ୟମ ହେବ ।

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି ବାବଦ ଚାଷୀମାନଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଛି । ଖରିଫ ଋତୁରେ ପ୍ରାୟ ୭୦ ଲକ୍ଷରୁ ଅଧିକ କୁଇଣ୍ଟାଲ ଧାନ ରାଜ୍ୟ ସରକାର କ୍ରୟ କରିଛନ୍ତି । ରବି ଋତୁରେ ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଚାଷୀମାନଙ୍କ ପାଇଁ ଏତେ ଦାୟିତ୍ୱ କେଉଁ ସରକାର ନେଇନଥିଲେ । ଏଠାରେ ଧାନ ମଣ୍ଡିକୁ ସୁବ୍ୟବସ୍ଥା କରାଯିବ । ଭାରତ ସରକାରଙ୍କ ସହଯୋଗରେ ଏହି ଅଞ୍ଚଳରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ପ୍ରକ୍ରିୟାକରଣ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଠାରେ ଓମଫେଡରୁ କେବଳ କ୍ଷୀର ନୁହେଁ ବରଂ କ୍ଷୀର ଫାଉଡର ଓ ଚକୋଲେଟ ଭଳି ଅନ୍ୟ ଉତ୍ପାଦିତ ଜିନିଷ ତିଆରି କରାଯିବ । କୁଚିଣ୍ଡାର ଲଙ୍କା, ସମ୍ବଲପୁରର ଧାନ, ଡାଲିଜାତୀୟ ଦ୍ରବ୍ୟ, ପନିପରିବା ଓ ଦୁଗ୍ଧ ଏବଂ ପଶୁପାଳନ ଚାଷର ଯେଉଁ ସମ୍ଭାବନା ଅଛି, ସେହି ସମ୍ଭାବନାକୁ ଉପଯୋଗ କରିବା ପାଇଁ ପ୍ରୟାସ ହେବ । ଆମ ଅଞ୍ଚଳରୁ ସ୍ଥାନୀୟ ଫସଲ ସାମଗ୍ରୀକୁ ବିଶ୍ୱ ବଜାରକୁ ପଠାଇବା ପାଇଁ ଯୋଜନା କରିବା ଦିଗରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଫାର୍ସାରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ ତଥା ମଙ୍ଗଳପୁର ଥାନା କଁୟା ପଞ୍ଚାୟତ ଗରବନ୍ଧ ଗ୍ରାମରେ ଅଭାବନୀୟ ଘଟଣା ଘଟିଯାଇଛି । ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର ଜଣେ ଯୁବକ ସେହି ଗ୍ରାମର ଅନ୍ୟ ଜଣେ ଯୁବକଙ୍କୁ ଫାର୍ସା ଚୋଟରେ ମରଣାନ୍ତକ ଆକ୍ରମଣ କରି ଗୁରୁତର ଆହତ କରିଥିବା ନେଇ ମଙ୍ଗଳପୁର ଥାନାରେ ଆହତ ଯୁବକଙ୍କ ମାଆ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଗରବନ୍ଧ ଗ୍ରାମର ବୈଦନାଥ ମଲ୍ଲିକଙ୍କ ପୁଅ ପ୍ରକାଶ ମଲ୍ଲିକ ଗୁରୁବାର ସନ୍ଧ୍ୟା ପ୍ରାୟ ୫. ୩୦ ସମୟରେ ତାଙ୍କ ଘର ପାଖ ଜଣେ ପଡୋଶୀଙ୍କ ନିକଟକୁ କୌଣସି କାର୍ଯ୍ୟରେ ଯାଇଥିବା ବେଳେ ସେଠାରୁ ଅଳ୍ପ ଦୂରରରେ ଥିବା ସେହି ଗ୍ରାମର ସଂଜୟ ମଲ୍ଲିକଙ୍କ ପୁଅ ସୌରଭ ମଲ୍ଲିକ ଏକ ଧାରୁଆ ଫାର୍ସାରେ ଆକ୍ରମଣ କରିଥିଲା । ଜୀବନ ବଞ୍ଚାଇବାକୁ ଯାଇ ପ୍ରକାଶ ଫାର୍ସା ସମ୍ମୁଖକୁ ହାତ ଦେଖାଇ ଦେବାରୁ ତାଙ୍କ ବାମ କାନ୍ଧରେ ଗୁରୁତର ଆଘାତ ଲାଗିଥିଲା । ପ୍ରବଳ ରକ୍ତସ୍ରାବ ଅବସ୍ଥାରେ ପ୍ରକାଶ ଆକ୍ରମଣରୁ ବର୍ତ୍ତିବା ପାଇଁ ନିଜ ଘର ପାର୍ଶ୍ୱ ରାସ୍ତାରେ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତ ସୌରଭ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଫାର୍ସାରେ ଆକ୍ରମଣ କରିଥିଲା । ପ୍ରକାଶ ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ପଡିଥିବା ବେଳେ କିଛି ପଡୋଶୀ ତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।


B-122

**WORKS DEPARTMENT**
**OFFICE OF THE SUPERINTENDING ENGINEER**
**MAYURBHANJ (R & B) DIVISION, BARIPADA**
**e-mail - bpd_eerb@rediffmail.com**

**Government of Odisha "e" Procurement Notice**
**Bid Identification No.-S.E.-03/2025-26**

1. Number of works - 07 (Seven) number of road works
2. Approximate estimated cost: - 9.13 lakh to 99.94 lakh
3. Period of Completion :- 03 (Three) & 02 (Two) Calendar Months
4. Date & Time of availability of bid documents in the portal :- Dt. 16.05.2025 to 30.05.2025
5. Last Date / Time of receipt of bid in the portal :- Dt. 30.05.2025 up to 5.00 PM
6. Date of Opening of bid:- Dt. 31.05.2025 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada.

Further details can be seen from the e-procurement portal **http://www.tendersodisha.gov.in**

OIPR : 34025/11/0023/2526

Sd/- R.G Ray
Superintending Engineer
Mayurbhanj (R&B) Division



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-431 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୮୧ **ବିଜ୍ଞାପନ** ତା : ୮.୫.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ ଅଶୋକ କୁମାର ଦାସ<br>ପିତା-ଶାନ୍ତନୁ କୁମାର ଦାସ<br>ସା-ପ୍ଲଟ ନଂ-୫୨, ବୁଦ୍ଧ ନଗର<br>ପୋ-ବୁଦ୍ଧେଶ୍ୱରୀ, ଥାନା-ଲକ୍ଷ୍ମୀସାଗରୟୁନିଟ୍-୬, ଗଙ୍ଗନଗର<br>ଜିଲ୍ଲା-ଖୋର୍ଦ୍ଧା | ବି-୨/୪୪<br>(B-2/44)<br>ବନଜା ଆପାର୍ଟମେଣ୍ଟ<br>ଭୁବନେଶ୍ୱର | ୧. ଶେଫାଳୀ ମଲ୍ଲିକ (ସ୍ତ୍ରୀ)<br>୨. ଗାର୍ଗୀ ଦାସ (ଝିଅ)<br>୩. ମୈତ୍ରୀ ଦାସ (ଝିଅ) |

OIPR : 13030/11/0613/2526

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ଡ୍ରିମ୍ସରେ ଡ୍ରୋନ୍ ଟେକ୍ନୋଲୋଜି ସଂକ୍ରାନ୍ତ କର୍ମଶାଳା



କଟକ, (ସବ୍ୟୁ): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍ନୋଲୋଜିରେ ଇନଷ୍ଟିଚ୍ୟୁସନ୍ ଇନୋଭେସନ୍ କାଉନସିଲ ଓ ରିସର୍ଚ୍ଚ ଓ ଡେଭଲପମେଣ୍ଟ ସେଲ ମିଳିତ ଆନୁକୂଲ୍ୟରେ ବିକଶିତ ରାଷ୍ଟ୍ରରେ ଉଦ୍ୟୋଗ ପରିଚାଳନା କ୍ଷେତ୍ରରେ ଡ୍ରୋନ୍ ଟେକ୍ନୋଲୋଜିର ଉପଯୋଗ ସଂକ୍ରାନ୍ତ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ପ୍ରାରମ୍ଭରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧମରେ କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ କ୍ଷେତ୍ରରେ ଡ୍ରୋନ୍ ଟେକ୍ନୋଲୋଜିର ବ୍ୟବହାର ବିକାଶକୁ ବହୁଗୁଣିତ କରିଛି ବୋଲି ପ୍ରକାଶ କରିଥିଲେ । କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ତାଙ୍କ ବକ୍ତବ୍ୟରେ ଡ୍ରୋନ୍ ଟେକ୍ନୋଲୋଜି ଜରିଆରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପାନୁଷ୍ଠାନ ମଧ୍ୟରେ ସଂପର୍କ ସୁଦୃଢ଼ କରିବା ସହ ଛାତ୍ର ଓ ଗବେଷକଙ୍କ ଜ୍ଞାନ ବୃଦ୍ଧି କ୍ଷେତ୍ରରେ ଏହି କର୍ମଶାଳାର ବିଶେଷ ସହାୟକ ହେବ ବୋଲି ଆଶ ବ୍ୟକ୍ତ କରିଥିଲେ । ରେଡୋର୍କ୍ସ ଅଟୋମେସନ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଇଂ ସଚ୍ଚିଦାନନ୍ଦ ପୃଷ୍ଟି ଏବଂ ତାଙ୍କର ସହଯୋଗୀ ଡ୍ରୋନ୍ ଟେକ୍ନୋଲୋଜି ଉପରେ ପ୍ରଶିକ୍ଷଣ ପ୍ରଦାନ ସହ ଡ୍ରୋନ୍ ଉଡାଣର ଡେମୋ ପ୍ରଦର୍ଶନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପ୍ରଶସନିକ ନିର୍ଦ୍ଦେଶକ ପଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଡିନ୍ ( ରିସର୍ଚ୍ଚ) ଡ. ବିଶ୍ୱରଂଜନ ମହାନ୍ତି, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱାଳ, ଆବାହକ ଡ. ଦୀପକ ରଂଜନ ବିଶ୍ୱାଳ, ପ୍ରଫେସର ଡ. ବିଶ୍ୱଜିତ୍ ତ୍ରିପାଠୀ, ପ୍ରଫେସର ସୁରଜିତ୍ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶିକ୍ଷାନୁଷ୍ଠାନ ପକ୍ଷରୁ କୁଳପତି ଡ. ହୋତା ପ୍ରଶିକ୍ଷକ ଇଂ ସଚ୍ଚିଦାନନ୍ଦ ପୃଷ୍ଟିଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

# ଦୋକାନରୁ ଚୋରି ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ବ୍ରଜନଗର ରାଧାକୃଷ୍ଣ ମନ୍ଦିର ସାହି ଠାରେ ଥିବା ଏକ ଭେରାଇଟ ଷ୍ଟୋରରୁ ୧୬ ହଜାର ଟଙ୍କାର ସାମଗ୍ରୀ ଚୋରି ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ରାଜେନ୍ଦ୍ର କୁମାର ମହାରଣା(୫୦) । ସୂଚନାପ୍ରକାରେ, ଗେଟବଜାର ଧୋବାସାହିର କେ. ୱାନସିର ରାଧାକୃଷ୍ଣ ମନ୍ଦିର ସାହିରେ ଏକ ଭେରାଇଟି ଷ୍ଟୋର ରହିଛି । ଗତ ୯ ତାରିଖରେ ଏହି ଦୋକାନର ଗ୍ରୀଲ ଭାଙ୍ଗି ୩ ଜଣ ଦୁର୍ବୃତ୍ତ ବହୁ ସାମଗ୍ରୀ ଚୋରି କରି ନେଇ ଯାଇଥିଲେ । ଏନେଇ ୱାନସିର ଥାନାରେ ଅଭିଯୋଗ କରିବା ସହ ଏହି ଚୋରି ଘଟଣାରେ ରାଜେନ୍ଦ୍ରଙ୍କ ହାତ ରହିଥିବା ପୁଲିସକୁ ଜଣାଇଥିଲେ । ସେହିକ୍ରମରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରାଜେନ୍ଦ୍ରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ବହୁ ଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲା

## ଫେରାର ମାଧବଙ୍କୁ ଭୁବନେଶ୍ୱରରୁ ବାନ୍ଧିଲା ପୋଲିସ



ବ୍ରହ୍ମପୁର, (ସବ୍ୟୁ): ବହୁ ଚର୍ଚ୍ଚିତ ବ୍ରହ୍ମପୁର ଗୋସାଇଁନୂଆଗାଁର ଶାନ୍ତି ମିଶ୍ର ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ଘଟଣା ପରଠାରୁ ଫେରାର ଥିବା ବେଳେ ବ୍ରହ୍ମପୁର ପୁଲିସ ତାଙ୍କୁ ଗିରଫ କରିଛି । ସେ ହେଲେ ଗୋସାଇଁନୂଆଗାଁ ତ୍ରିନାଥ ମନ୍ଦିର ସାହିର ମାଧବ ପାଣିଗ୍ରହୀ(୪୨) । ଦୀର୍ଘ ୧୨ ବର୍ଷ ଧରି ମାଧବ ଫେରାର ରହିବା ସହ ଗୁଜୁରାଟରେ ଆତ୍ମଗୋପନ କରିଥିଲେ। ନିକଟରେ ସେ ଭୁବନେଶ୍ୱରରେ ଆସି ବ୍ୟବସାୟ କରୁଥିବା ଜଣାପଡିବା ପରେ ବ୍ରହ୍ମପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ ୨ ମାସ ଧରି ମାଧବଙ୍କ ଗତିବିଧି ଉପରେ ନଜର ରଖିବା ପରେ ତାଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି । କିଛି ଦିନ ତଳେ ଏହି ହତ୍ୟା ମାମଲାର ୧୨ତମ ଅଭିଯୁକ୍ତ ତଥା ଦୁର୍ଦାନ୍ତ ଅପରାଧୀ ମଉଜ ମିଶ୍ରଙ୍କୁ ଜଟଣୀରୁ ଗିରଫ କରାଯାଇଥିଲା । ମଉଜ ମିଶ୍ର ମଧ ଦୀର୍ଘ ବର୍ଷ ଧରି ବ୍ରହ୍ମପୁରରୁ ଫେରାର ରହିଥିଲେ। ସୂଚନାଥାଉକି, ଗୋସାଇଁନୂଆଗାଁର ଶାନ୍ତି ମିଶ୍ରଙ୍କୁ ୨୦୧୩ ଜାନୁଆରୀ ୨୯ ରେ ବୋମା ମାଡ ସହ ଖଣ୍ଡାରେ ଆକ୍ରମଣ କରି ହତ୍ୟା କରାଯାଇଥିଲା । ଏହି ଘଟଣାରେ ମୋଟ ୧୩ ଜଣ ଅଭିଯୁକ୍ତ ରହିଥିଲେ। ପୋଲିସ ପର୍ଯ୍ୟାୟକ୍ରମେ ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ସେହି ମାମଲାର ବିଚାରଣା କରି ୧୧ ଜଣ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡ ଶୁଣାଇଥିଲେ। ହେଲେ ଏହି ମାମଲାରେ ଅନ୍ୟ ୨ ଅଭିଯୁକ୍ତ ଯଥା ମଉଜ ମିଶ୍ର ଓ ମାଧବ ପାଣିଗ୍ରାହୀ ଘଟଣା ପରଠାରୁ ଫେରାର ହୋଇଯାଇଥିଲେ । ମଉଜ ମିଶ୍ର ଦୀର୍ଘ ବର୍ଷ ଧରି ଖୋର୍ଦ୍ଧା ଜଟଣୀରେ ଲୁଚି ରହିଥିଲେ ।

ଖବର ମିଳିବା ପରେ ବ୍ରହ୍ମପୁର ପୁଲିସର ଏକ ଟିମ ଜଟଣୀ ଯାଇ ନିଜ ବେଶ ବଦଳାଇ ସେଠାରେ କିଛି ଦିନ ରହିଥିଲେ। ସୁଯୋଗ ଦେଖି ମଉଜଙ୍କୁ ଏପ୍ରିଲରେ ଗିରଫ ପରେ ବ୍ରହ୍ମପୁର ଆଣିଥିଲେ। ସେହିପରି ଏହି ମାମଲାର ଅଭିଯୁକ୍ତ ଥିବା ମାଧବ ପାଣିଗ୍ରାହୀ ମଧ ୨୦୧୩ ଠାରୁ ଫେରାର ରହିଥିଲା। ପ୍ରଥମେ ସେ ଗୁଜୁରାଟ ଯାଇ ସେଠାରେ ଲୁଚି ରହିବା ସହ କାମଧନ୍ଦା କରି ଚଳୁଥିଲା ।

ତେବେ ନିକଟରେ ପୁଲିସ ମାଧବ ବିଷୟରେ ତଥ୍ୟ ସଂଗ୍ରହ ବେଳେ ସେ ବର୍ତ୍ତମାନ ଭୁବନେଶ୍ୱରରେ ରହି କାର ବ୍ୟବସାୟ କରୁଥିବା ଜଣାପଡିଥିଲା। ସେହିକ୍ରମରେ ଗୋସାଇଁନୂଆଗାଁ ଥାନା ଅଧିକାରୀ ତଥା ଡିଏସପି ସ୍ମୃତିପ୍ରଭା ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଭୁବନେଶ୍ୱର ଯାଇ ମାଧବଙ୍କୁ ଠାବ କରିବା ସହ ତାଙ୍କୁ ଗିରଫ କରି ବ୍ରହ୍ମପୁର ଆଣିଥିବା ଏସପି ସୂଚନା ଦେଇଛନ୍ତି । ଆଜି ମାଧବଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ତୁରନ୍ତ ଟିଟାନିୟମ କମ୍ପାନୀ କାର୍ଯ୍ୟକ୍ଷମ ଦାବି

ଛତ୍ରପୁର, (ସବ୍ୟୁ): ନଭେମ୍ବର ୫ ତାରିଖରୁ ଛତ୍ରପୁର ଉପକଣ୍ଠ ସରାଫ ଏଜେନ୍ସି ପ୍ରାଇଭେଟ ଲିମିଟେଡ ସଂସ୍ଥା (ଟିଟାନିୟମ) କର୍ମଚାରୀମାନଙ୍କୁ ଅସ୍ଥାୟୀ ବିରତି କରିଛି। ଦୀର୍ଘ ମାସ ହେଲା କମ୍ପାନୀର ଉତ୍ପାଦ ଅଡର ନଥିବାରୁ ମାର୍ଚ୍ଚ ୨୦୨୫ ବେଳକୁ ଏହାର ସ୍ଥିତି ସୁଧାର ଆସିବ ବୋଲି ସେହି ସମୟରେ କମ୍ପାନୀ ପକ୍ଷରୁ କୁହାଯାଇଥିଲା । ଫଳରେ ସେହି ସମୟରେ ନିୟୋଜିତ ଶ୍ରମିକ ମାନେ ରାଜି ହୋଇଥିଲେ। କିନ୍ତୁ ମାର୍ଚ୍ଚ ଯାଇ ଏବେ ମେ ସରିବାକୁ ଗଲାଣି ଅଥଚ କମ୍ପାନୀ କାମ ଚଲାଇବାକୁ ଉଦ୍ୟମ ନକରି ବନ୍ଦ କରି ରଖିଛି, ଯାହାଫଳରେ ଏହି କମ୍ପାନୀ ଉପରେ ନିର୍ଭର କରି ଚଳୁଥିବା ଶତାଧିକ ଶ୍ରମିକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତ। ଏନେଇ ଟିଟାନିୟମ ଏମ୍ପଲୟର ୟୁନିୟନ ପକ୍ଷରୁ ବହୁ ଶ୍ରମିକମାନେ ଗଞ୍ଜାମ ଜିଲାପାଳଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି । ଏହି କମ୍ପାନୀ ନିର୍ମାଣ ସମୟରେ ବହୁ ଲୋକ ଜମି ଦେଇଥିଲେ । କିନ୍ତୁ କମ୍ପାନୀ ଆମକୁ ଠକୁଥିବା କହିଥିଲେ। ଏବେ ଭୁବିସ୍ଥାପିତ ପରିବାର ଓ କମ୍ପାନୀରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସମସ୍ୟା ଏବେ ଦୁଇ ଗୁଣିତ ହୋଇଯାଇଛି । ତୁରନ୍ତ ଜିଲାପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଦାବୀ ହୋଇଛି। ଏପରିକି ଏହି ୟୁନିଅନ ପକ୍ଷରୁ ମାର୍ଚ୍ଚ ୨୭ ମଧ ଜିଲାପାଳଙ୍କ ଭେଟି କମ୍ପାନୀ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଯଦି କମ୍ପାନୀ ଆସନ୍ତା ୫ ଦିନ ମଧ୍ୟରେ କେଉଁ ଦିନ ପୁନଃ କାର୍ଯ୍ୟକ୍ଷମ କରିବା ସହିତ ତାରିଖ ଧାର୍ଯ୍ୟ ନକରିବେ ସମସ୍ତ କର୍ମଚାରୀ ଓ ଭୁ ବିସ୍ଥାପିତ ପରିବାର କମ୍ପାନୀ ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସିବୁ ବୋଲି ସ୍ମାରକ ପତ୍ରରେ ଉଲେଖ କରିଛନ୍ତି । ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ୟୁନିଅନ ସଭାପତି ଆର.ଦପାଣି ରେଡି, ସଂପାଦକ ଶଙ୍କର ବେହେରାଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ପ୍ରାକ୍ତନ ସମିତି ସଭ୍ୟଙ୍କୁ ବନ୍ଧୁକରେ ଆକ୍ରମଣ



ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ପାଙ୍ଗିଡି ଗ୍ରାମରେ ପ୍ରାକ୍ତନ ସମିତି ସଭ୍ୟ ସନ୍ତୋଷ କୁମାର ପାତ୍ର ଗୁରୁବାର ରାତିରେ ଜନୈକ ଅଜଣା ବ୍ୟକ୍ତି ଦ୍ୱାରା ଛେରା ବନ୍ଧୁକ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବୁଗୁଡା ଥାନାରେ କେସ୍ ନଂ ୩୧୮/୨୫ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

ପ୍ରକାଶ ଯେ, ଗତ ଗୁରୁବାର ରାତିରେ ସନ୍ତୋଷ ଘର ବାରଣ୍ଡାରେ ବସି ତାଙ୍କର ପୁଅ ଓ ପୁତୁରାକୁ ପାଠ ପଢାଉଥିଲେ। ଏହି ସମୟରେ ଜନୈକ ମୁଖାଧାରୀ ଅଜଣା ବ୍ୟକ୍ତି ତାଙ୍କ ନିକଟକୁ ଆସି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଛେରା ବନ୍ଧୁକରେ ଆକ୍ରମଣ କରିଥିଲା। ଫଳରେ ସନ୍ତୋଷର ଦେହରେ ୬୦ଟି ଜାଗାରେ ଛୁରା ମାଡ ହୋଇଥିବା ବେଳେ ପୁତୁରାର ଗୋଡର ଗୋଟିଏ ଜାଗାରେ ଛେରା ବାଜିଥିଲା। ସେ ଆହତ ଅବସ୍ଥାରେ ବୁଗୁଡା ମେଡିକାଲରେ ଭର୍ତ୍ତି ହୋଇଥିଲେ । ତେବେ ଏହି ଆକ୍ରମଣ ଘଟଣା ପଛରେ ଜମିଜମା ମାମଲାକୁ ନେଇ ରହିଥିବା ପୂର୍ବ ଶତ୍ରୁତାକୁ ଦର୍ଶାଇ ମାଣିବନ୍ଧ ଗ୍ରାମର ଦୁଇ ଜଣ ଏବଂ ଏକଡାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମ ସନ୍ତୋଷ ତାଙ୍କର ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଏହି ମାମଲାଟି ଏସସି /ଏସଟି ଆକ୍ଟ ଅନ୍ତର୍ଭୁକ୍ତ ହୋଇଥିବା ହେତୁ ଭଞ୍ଜନଗର ଏସଡିପିଓ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ନାବାଳିକା ଦୁଷ୍କର୍ମ ମାମଲା: ଯୁବକଙ୍କୁ ୨୦ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ବିଚାରପତି ପ୍ରତିମା ପାତ୍ର ଅଭିଯୁକ୍ତ ଗପେଶ୍ୱର ଭଦ୍ରା(୩୦)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୨ବର୍ଷ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି ।

ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ । ଘଟଣାରୁ ପ୍ରକାଶ ଯେ, ୨୦୨୨ ମସିହା ଜାନୁଆରୀ ୧୬ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅଞ୍ଚଳର ଗପେଶ୍ୱର ଭଦ୍ରା ନିକଟସ୍ଥ ଆକସିଆ ଜଙ୍ଗଲରେ ଜଣେ ନାବାଳିକାକୁ ଏକୁଟିଆ ପାଇ ଭୁଜାଲି ଦେଖାଇ ଜୋର ଜୋବରଦସ୍ତ ଦୁଷ୍କର୍ମ କରିଥିଲେ । ପୀଡିତା ନାବାଳିକା ଜଣଙ୍କୁ ଏ ବିଷୟରେ କାହାକୁ କହିବା ପାଇଁ ମନା କରିବା ସହ ଜୀବନରୁ ମାରିଦେବାର ଧମକ ମଧ ଦେଇଥିଲେ ।

ପରେ ପୀଡିତାଙ୍କ ପରିବାର ପକ୍ଷରୁ ଯଶିପୁର ଥାନାରେ ଅଭିଯୋଗ କ୍ରମେ ୧୪/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁଚ୍ଛ ଗପେଶ୍ୱର ଭଦ୍ରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ଶୁକ୍ରବାର ୧୪ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି । ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୭ଲକ୍ଷ ଟଙ୍କା ଜିଲ୍ଲା ଆଇନ୍ ସହାୟତା କର୍ତ୍ତୃପକ୍ଷଙ୍କୁ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ୨୦ ଭରି ରୂପା ପାଉଁଜି ଚୋରି

ବ୍ରହ୍ମପୁର, (ସବ୍ୟୁ): ଶକ୍ତିନଗର ୭ମ ଲାଇନରେ ଥିବା ଏକ ତାଲା ବନ୍ଦ ଘରୁ ୨୦ ଭରି ରୂପା ପାଉଁଜି ଚୋରି ହୋଇଛି । ଏନେଇ ସଦର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନାପ୍ରକାରେ, ଶକ୍ତିନଗର ୭ମ ଲାଇନରେ ରହୁଥିବା ଗୋପାଳଚନ୍ଦ୍ର ପଟ୍ଟନାୟକ ଗତ ୧୪ ତାରିଖରେ ଏକ ଭୋଜିରେ ଯୋଗ ଦେବାକୁ ପାରଳାଖେମୁଣ୍ଡି ଚାଲିଯାଇଥିଲେ । ଘରେ କେହି ନଥିବାରୁ ତାଲା ପଡିଥିଲା। ହେଲେ ୧୫ ତାରିଖରେ ଗୋପାଳଚନ୍ଦ୍ରଙ୍କ ପଡୋଶୀ ଫୋନ କରି ଘରର ତାଲା ଭଙ୍ଗା ଯାଇଥିବା ଜଣାଇଥିଲେ। ଏହାପରେ ଗୋପାଳଚନ୍ଦ୍ର ପାରଳାଖେମୁଣ୍ଡିରୁ ଫେରି ଘର ଭିତରକୁ ଯାଇ ଯାଞ୍ଚ ବେଳେ ଘରେ ରଖାଯାଇଥିବା ୨୦ ଭରି ଓଜନର ରୂପା ପାଉଁଜି ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ ।

# କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ରୋସ୍ନୀଙ୍କ ସଫଳତା



କେନ୍ଦ୍ରାପଡା, (ସବ୍ୟୁ): ଏଥିମଧ୍ୟରେ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି । କେନ୍ଦ୍ରାପଡା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ରୋସ୍ନୀ ରାଉତ ୯୫% ମାର୍କ ରଖି ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଏ ୱାନ୍ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ରୋସ୍ନୀ ହେଉଛନ୍ତି ପୂର୍ବତନ ବିଧାୟକ ସ୍ୱର୍ଗତଃ ଇନ୍ଦ୍ରମଣି ରାଉତଙ୍କ କନିଷ୍ଠ ପୁତ୍ର ବରିଷ୍ଠ କଂଗ୍ରେସ ନେତା ସଞ୍ଜୟ ରାଉତ ଓ ମାତା ଶିକ୍ଷୟତ୍ରୀ ସସ୍ମିତା ସୁବୁଦ୍ଧିରାୟଙ୍କ ସାନ ଝିଅ । ରୋସ୍ନୀ ପିଲାଟିବେଳୁ ମେଧାବୀ ଛାତ୍ରୀ । ସେ ଭବିଷ୍ୟତରେ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ୍ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି । ସେ ବର୍ତ୍ତମାନ ଭୁବନେଶ୍ୱର ୟୁନିଟ-୮ ସ୍ଥିତ ଡିଏଭି ସ୍କୁଲର ବାଣିଜ୍ୟ ବିଭାଗରେ ନାମ ଲେଖାଇବା ପାଇଁ ମନୋନୀତ ହୋଇଛନ୍ତି ।

# ପଦାଧିକାରୀଙ୍କ ବକେୟା ପ୍ରଦାନ ପ୍ରତିଶୃତି ପରେ

## ଏସିସି ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା ସ୍ଥଗିତ

ଆସିକା, (ସବ୍ୟୁ): ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ (ଏସିସିବ୍ୟାଙ୍କ)ଲିଃ ରୁ ଅବସର ଗ୍ରହଣ କରି ଥିବା କର୍ମଚାରୀ ମାନଙ୍କ ଗତ ୨୦୧୬ ମସିହା ଜାନୁଆରୀରୁ ବକେୟା ଥିବା ସପ୍ତମ ବେତନ କମିଶନର ବକେୟା ପ୍ରାପ୍ୟ ଦାବୀ ନେଇ ଶୁକ୍ରବାର ଠାରୁ ହେବାକୁ ଥିବା ଧାରଣାକୁ ସ୍ଥଗିତ ରଖାଯାଇଥିବା ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ନୀଳକଣ୍ଠ ଦାଶ ସୂଚନା ଦେଇଛନ୍ତି ।

ବକେୟା ପ୍ରାପ୍ୟ ଆସନ୍ତା ୧୯ ତାରିଖ ସୁଦ୍ଧା ପ୍ରଦାନ କରାଯିବ ବୋଲି ବ୍ୟାଙ୍କ ପଦାଧିକାରୀ ନିର୍ଭର ପ୍ରତିଶୃତି ଦେବା ପରେ ତାହାକୁ ସମ୍ମାନ ଜଣାଇ ପ୍ରସ୍ତାବିତ ଧାରଣା ସ୍ଥଗିତ ରଖା ଯାଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଆଜି ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଶ୍ରୀ ଦାଶ ଙ୍କ ନେତୃତ୍ୱରେ ସଂଘର ସଦସ୍ୟ କୃଷ୍ଣ ଚନ୍ଦ୍ର ସ୍ୱାଇଁ, କାମେଶ୍ୱର ରାଉତ, ନିରଞ୍ଜନ ପୃଷ୍ଟି, ସୀତାରାମ ପ୍ରଧାନ, ପ୍ରଫୁଲ୍ଲ ଜେନା, ସତ୍ୟ ନାରାୟଣ ପଶୁପାଳକଙ୍କ ସମେତ ବହୁ ଅବସରପ୍ରାପ୍ତ କର୍ମଚାରୀ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଓ ବିଭାଗୀୟ ପଦାଧିକାରୀଙ୍କ ସହ ସପ୍ତମ ବେତନ କମିଶନର ବକେୟାପ୍ରାପ୍ତ ପ୍ରଦାନ ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା କରିବା ପରେ କର୍ତ୍ତୃପକ୍ଷଙ୍କ ନିର୍ଭର ପ୍ରତିଶୃତିକୁ ସମ୍ମାନ ଜଣାଇ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ ।

# ଗଣ୍ଡଗୋଳ ଘଟଣାରେ ୩ ଜଣଙ୍କୁ ବାନ୍ଧିଛି ପୋଲିସ

ବ୍ରହ୍ମପୁର, (ସବ୍ୟୁ): ଏକ ଗଣ୍ଡଗୋଳ ଘଟଣାରେ ସଦର ଥାନା ପୋଲିସ ଦୁଇ ଗୋଷ୍ଠିର ୩ ଜଣ ଅଭିଯୁକ୍ତଙ୍କୁ ବାନ୍ଧିଛି। ସେମାନେ ହେଲେ ଗୌତମୀ କେଉଟ ସାହିର ଜଳଖିଆ ଦୋକାନୀ ବସନ୍ତ ବେହେରା (୩୦) ଏବଂ ବିପକ୍ଷ ଗୋଷ୍ଠୀର ଉପର ସାହିର ଉଦ୍ଧବ ସାହୁ (୨୪) ଓ ଶିବ ଦାସ(୨୦) । ସୂଚନାପ୍ରକାରେ, ଗୌତମୀ କେଉଟ ସାହିର ବସନ୍ତଙ୍କ ଏକ ଜଳଖିଆ ଦୋକାନ ରହିଛି । ଗତ ୧୪ ତାରିଖରେ ଅଭିଯୁକ୍ତ ଉଦ୍ଧବ ତାଙ୍କ ଭାଇ ପାଣ୍ଡବ ଓ ସୀତାରାମ ସେହି ଜଳଖିଆ ଦୋକାନକୁ ଯାଇ ଜଳଖିଆ ଖାଇଥିଲେ।

ଏହାପରେ ବସନ୍ତ ପୂର୍ବରୁ ରହିଥିବା ବାକି ଟଙ୍କା ପରିଶୋଧ କରିବାକୁ ତାଙ୍କୁ କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଉଦ୍ଧବ ଓ ତାଙ୍କ ଭାଇମାନେ ଜଳଖିଆ ଦୋକାନୀ ବସନ୍ତ ଓ ତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହ ଦୋକାନ ବନ୍ଦ କରିଦେବେ ବୋଲି ଧମକ ଦେଇଥିଲେ । ଏହାପର ଦିନ ଉଦ୍ଧବଙ୍କ ସମେତ ଅନ୍ୟ ୫ ରୁ ୬ ଜଣ ବସନ୍ତଙ୍କ ଜଳଖିଆ ଦୋକାନରେ ପହଞ୍ଚି ଗାଳିଗୁଲଜ କରିବା ସହ ଲୁହା ରଡରେ ଆକ୍ରମଣ କରିଥିଲେ । ଏପରିକି ଦୋକାନର ଜିନିଷପତ୍ର ଭଙ୍ଗାରୁଜା ମଧ କରିଥିଲେ । ଆକ୍ରମଣରେ ବସନ୍ତ ଆହତ ହୋଇଥିଲେ ।

ଘଟଣାକୁ ନେଇ ବସନ୍ତ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ୨୨୭/୨୫ର୍ଡ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଉଦ୍ଧବ ଓ ତାଙ୍କ ସହଯୋଗୀ ଶିବ ଦାସଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା । ଅନ୍ୟପକ୍ଷରେ ଜଳଖିଆ ଦୋକାନୀ ବସନ୍ତ ମଧ ଏକ ଛୁରୀ ସାହାର୍ଯ୍ୟରେ ସେମାନଙ୍କୁ ଆକ୍ରମଣ କରିଥିଲେ ବୋଲି ଉଦ୍ଧବଙ୍କ ଭାଇ ପାଣ୍ଡବ ସଦର ଥାନାରେ ଅଭିଯୋଗ କରିଥିଲେ। ବସନ୍ତ ଓ ତାଙ୍କ ଭାଇମାନେ ମିଶି ପାଣ୍ଡବଙ୍କୁ ଗାଳିଗୁଲଜ କରି ମୁଥ ମାରିବା ସହ ଛୁରୀରେ ଆକ୍ରମଣ କରିବା ଯୋଗୁଁ ସେ ରକ୍ତାକ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ବୋଲି ଅଭିଯୋଗ କରିଥିଲେ । ପାଣ୍ଡବଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଦୋକାନୀ ବସନ୍ତଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରିଛି ।

# ବଜ୍ରାଘାତରେ ଜଣେ ମୃତ, ଜଣେ ଆହତ

ଭଂଜନଗର, (ସବ୍ୟୁ): ବଜ୍ରାଘାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଆହତ ହୋଇଛନ୍ତି । ବେଲଗୁଣ୍ଠା ଥାନା ଅନ୍ତର୍ଗତ ଭିନ୍ନ ଭିନ୍ନ ଦୁଇଟି ସ୍ଥାନରେ ଘଟିଛି ଏଭଳି ଘଟଣା। ଏହି ଥାନା ଅନ୍ତର୍ଗତ କେବିରି ବ୍ରହ୍ମପୁର ଗ୍ରାମରେ ବଜ୍ରାଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି ।

ମୃତ ମହିଳା ଜଣକ, ନିକଟସ୍ଥ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ, ବଜ୍ରାଘାତରେ ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଭଂଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ମୃତ ମହିଳା ଜଣକ ରୀତା ଗୌଡ (୩୦) ବୋଲି ଜଣା ପଡିଛି। ସେହିଭଳି ଏହି ଥାନା ଅନ୍ତର୍ଗତ ତନରଡା ଗ୍ରାମର, ନର୍ମଦା ପୋଲାଇ(୩୦) ନାମକ ଜଣେ ମହିଳା ନିଜ ଘର ବାରଣ୍ଡାରେ ବସିଥିବା ବେଳେ, ବଜ୍ରାଘାତରେ ସେ ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ଭଂଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ଚିକିତ୍ସା ଜାରି ରହିଛି ।

# ସିଦ୍ଧଗିରି ପୀଠରେ ସାଂସ୍କୃତିକ ସଂଧ୍ୟା

କଟକ, (ସବ୍ୟୁ): ପବିତ୍ର ବୈଶାଖ ପୂର୍ଣ୍ଣିମା ସଂଧ୍ୟାରେ ଯୁବ କବି ଅନାଦି ଚରଣ ଦାସଙ୍କ ଗୀତ ରଚନା ଓ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି, ସୁପ୍ରିୟା ନାୟକ ଓ ମିଟୁ କିଶୋର ପ୍ରମୁଖଙ୍କ କଣ୍ଠଦାନରେ ପ୍ରସ୍ତୁତ ଭଜନ କ୍ୟାସେଟ୍ ନିଦ୍ରା ତେଜ ଉନ୍ମୋଚିତ ହୋଇଛି । ଟାଙ୍ଗୀ-ଚୌଦ୍ୱାର ଅନ୍ତର୍ଗତ ମାଳିକା ପ୍ରସିଦ୍ଧ ସିଦ୍ଧଗିରି ପୀଠରେ ଆୟୋଜିତ ସାରସ୍ୱତ ଉତ୍ସବରେ ବାବା ବିଶ୍ୱନାଥ ଦାସ ମୁଖ୍ୟ ପୁରୋଧା ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ ନିଦ୍ରା ତେଜକୁ ଲୋକାର୍ପିତ କରିଥିଲେ । ଶୁଭାଶୀର୍ବାଦ ପ୍ରଦାନ କରି ବାବାଜୀ ଶ୍ରୀ ଦାସ ସନାତନ ଧର୍ମ, ଦର୍ଶନ, ହିନ୍ଦୁତ୍ୱର ବ୍ୟାଖ୍ୟା କରିବା ସହିତ ଆଧାତ୍ମିକତା ହିଁ ମନୁଷ୍ୟକୁ ପ୍ରକୃତ ସୁଖ ଦେବା ସହିତ ବିଶ୍ୱରେ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ମିଶ୍ର ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଧର୍ମ ଧାରା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ, ସାମ୍ବାଦିକ ଦିଗମ୍ବର ମହାପାତ୍ର, ସମାଜସେବୀ ହିମାଂଶୁ ରାୟ ଓଡିଶାର କଳା, ସାହିତ୍ୟ, ସଂସ୍କୃତିର ଉତ୍କର୍ଷ ଉପରେ ଆଲୋକପାତ କରି କବି ଅନାଦି ଚରଣଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ କାମନା କରିଥିଲେ । ଏହି ଅବସରରେ ଓଡିଶୀ ନୃତ୍ୟ ଶିଳ୍ପୀ ସ୍ମୃତିପ୍ରିୟା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୁଦ୍ର ମ୍ୟୁଜିକ୍‌ର ପ୍ରଯୋଜିକା ଆଶାଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସଂସ୍କୃତିପ୍ରେମୀ, ଶ୍ରଦ୍ଧାଳୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

# ବିଭାଗ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱ




ବାରିପଦା, (ସବ୍ୟୁ) : ଚଳିତ ବର୍ଷ ବାରିପଦା ରଥଯାତ୍ରା କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା ନିମନ୍ତେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବାରିପଦା ଦେବତ୍ତର ବିଭାଗ ପକ୍ଷରୁ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ରଥଯାତ୍ରା ସମନ୍ୱୟ କମିଟିର ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ଶ୍ରୀଶ୍ରୀ ବଳଭଦ୍ର, ଶ୍ରୀଶ୍ରୀ ଜଗନ୍ନାଥ ଓ ମାଶୁଭଦ୍ରାଙ୍କୁ ଭକ୍ତିପୂତ ନୈବେଦ୍ୟ ଜଣାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବୈଠକ ପ୍ରାରମ୍ଭରେ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରବଚକ ଭାଗବତ ପଣ୍ଡା ସ୍ୱାଗତ ଜଣାଇ ବୈଠକ ପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଚଳିତବର୍ଷ ବାରିପଦା ରଥ ଯାତ୍ରା ପୂର୍ବ ବର୍ଷ ଭଳି ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ ଯଥା ରୀତିରେ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦାଃ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବାରିପଦା ପୌରପାଳିକାର ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ ପ୍ରମୁଖ ଯୋଗ ଦେଇଥିଲେ । ଉପଜିଲ୍ଲାପାଳ ଡଃ ପରିଡା ବାରିପଦା ଦେବତ୍ତର ବିଭାଗ ତତ୍ତ୍ୱାବଧାନରେ ଚଳିତ ବର୍ଷ ରଥଯାତ୍ରା -୨୦୨୫ ପାଳନ ସମ୍ପର୍କିତ ପ୍ରସ୍ତୁତ କାର୍ଯ୍ୟସୂଚୀର ବିଶଦ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ, ଦେବତ୍ତର ବିଭାଗ ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟ ରଖି ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସୁଚାରୁ ରୂପେ ସମ୍ପାଦନ ପୂର୍ବକ ବ୍ୟବସ୍ଥିତ ଢଙ୍ଗରେ ସୁପରିଚାଳନା ପାଇଁ ପରାମର୍ଶ ଦିଆଯାଇଛି । ବାରିପଦା ରଥ ଯାତ୍ରା -୨୦୨୫ କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ତା ୨୫-୦୬-୨୦୨୫ ଅଧିବାସ, ତା ୨୬-୦୬-୨୦୨୫ରିଖ ନେତ୍ର ଲାଗି, ତା.୨୭-୦୬-୨୦୨୫ରିଖ କଳସ ଓ ରଥ ପ୍ରତିଷ୍ଠା, ଶ୍ରୀ ଶ୍ରୀ ମାଅମ୍ବିକା ଠାକୁରାଣୀଙ୍କ ଦାସୀର ରଥ ପ୍ରଦକ୍ଷୀଣ ଚକା ଛଡା, ଛେରା ପହଁରା, ରଥକୁ ମହାପ୍ରଭୁ ମାନଙ୍କ ଶ୍ରୀ ଗୁଣ୍ଡିଚା ପହଣ୍ଡି ବିଜେ ଅପରାହ୍ଣରେ । ତା ୨୮-୦୬-୨୦୨୫ରିଖ ରଥ ଟଣା, ତା ୨୯-୦୬-୨୦୨୫ ରିଖ ରଥ ଟଣା ଏବଂ ପରେ ମହାପ୍ରଭୁ ମାନଙ୍କ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡପ ମଣ୍ଡପକୁ ପହଣ୍ଡି ବିଜେ । ତା ୩୦-୦୬-୨୦୨୫ ରିଖ ରୁ ତା ୦୪-୦୭-୨୦୨୫ ରିଖ ପର୍ଯ୍ୟନ୍ତ ଆଡପ ମଣ୍ଡପରେ ପ୍ରତ୍ୟେହ ମହାପ୍ରଭୁ ମାନଙ୍କ ବେଶ ଦର୍ଶନ ହେବ । ତା ୦୧-୦୭-୨୦୨୫ ରିଖ ହେରା ପଞ୍ଚମୀ ଭେଟ ଓ ବିପତ୍ତାରିଣୀ ବ୍ରତ, ତା ୦୫-୦୭-୨୦୨୫ରିଖ ଦ୍ୱାରିକା ବେଶ ସର୍ବସାଧାରଣଙ୍କୁ ପ୍ରସାଦ ବଣ୍ଟନ, ଚକା ଛଡା, ରଥ ଉପରକୁ ଶ୍ରୀଜୀଉ ମାନଙ୍କ ବାହୁଡା ପହଣ୍ଡି ବିଜେ । ତା. ୦୬-୦୭-୨୦୨୫ ରିଖ ରଥ ଟଣା, ତା ୦୭-୦୭-୨୦୨୫ ରିଖ ରଥ ଟଣା ଲକ୍ଷ୍ମୀ ଭେଟ ଓ ଶ୍ରୀ ମନ୍ଦିରକୁ ମହାପ୍ରଭୁ ମାନଙ୍କର ନୀଳାଦ୍ରୀ ବିଜେ ପହଣ୍ଡି । ସେହିପରି ଶ୍ରୀଶ୍ରୀ ସାନ ଜଗନ୍ନାଥ ମହାପ୍ରଭୁ ବିଜେଙ୍କ ରଥଯାତ୍ରା କାଯ୍ୟସୂଚୀ ଅନୁଯାୟୀ ରଥଟଣା: ତା ୨୯-୦୬-୨୦୨୫ ରିଖ, ତା ୩୦-୦୬-୨୦୨୫ ରିଖ ରୁ ତା ୦୪-୦୭-୨୦୨୫ ରିଖ ପର୍ଯ୍ୟନ୍ତ ଶ୍ରୀ ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ପ୍ରତ୍ୟେହ ମହାପ୍ରଭୁ ମାନଙ୍କ ବେଶ ଦର୍ଶନ ଏବଂ ତା ୦୭-୦୭-୨୦୨୫ ରିଖ ରଥଟଣା ଅନୁଷ୍ଠିତ ହେବ । ବାରିପଦା ରଥ ଯାତ୍ରାର ସ୍ୱତନ୍ତ୍ର ତଥା ନିଆରା ପରମ୍ପରା ଅନୁଯାୟୀ ମା ଶୁଭଦ୍ରାଙ୍କ ରଥକୁ କେବଳ ମହିଳା ମାନଙ୍କ ଦ୍ୱାରା ଟଣା ଯିବା ନେଇ ନିଷ୍ପତି ନିଆଯାଇଥିବା ବେଳେ ଇନର କର୍ଡନ ରେ ଆବଶ୍ୟକ ସଂଖ୍ୟକ ମହିଳା ପୋଲିସ କର୍ମଚାରୀ ନିୟୋଜିତ କରାଯାଇ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବିଭାଗୀୟ ଅଧିକାରୀ ତଥା ଦେବତ୍ତର ବିଭାଗ ର ସେବାୟତ ମାନଙ୍କ ସକ୍ରିୟ ସହଯୋଗ କାମନା କରାଯାଇଛି । ଚଳିତ ବର୍ଷ ବାରିପଦା ରଥ ଯାତ୍ରା ପାଇଁ ଆନୁମାନିକ ୬୧ଲକ୍ଷ ୨୭ହଜାର ଟଙ୍କା ବ୍ୟୟ ଅଟକଳ ଆକଳନ କରାଯାଇଥିବା ବେଳେ ବାରିପଦା ଦେବନ୍ତର ଅଧିନସ୍ଥ ପେରିଫେରିଆଲ ରଥ ଯାତ୍ରା ପାଇଁ ୮ ଲକ୍ଷ ୦୫ ହଜାର ଟଙ୍କାର ବ୍ୟୟ ଅଟକଳ ଆକଳନ ସହିତ ସମୁଦାୟ ୬୯ ଲକ୍ଷ ୩୨ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି. ବାରିପଦା ପୌର ପାଳିକା ତରଫରୁ ରଥ ଯାତ୍ରା ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବା ନେଇ ସ୍ପଷ୍ଟ କରାଯାଇଛି ।

ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ ପଦାଧିକାରୀ, ସେବାୟତ, ରଥ ମହାରଣା, ରଥ ମହାପାତ୍ର, ପରିଛା, ସହର ର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଗଣମାଧମ ର ପ୍ରତିନିଧି ମାନେ ଯୋଗ ଦେଇ ରଥ ଯାତ୍ରା ସମ୍ପର୍କିତ ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରି ନିଜ ନିଜ ର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ଉପଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରାଦୀପରେ ପରାକ୍ରମ ଶୋଭାଯାତ୍ରା



ପାରାଦୀପ, (ଜିପ୍ର) : ଅପରେସନ ସିନ୍ଦୁରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଆଜି ପାରାଦୀପ ର ସମୁଦ୍ର କୂଳ ଠାରୁ ଗୋପବନ୍ଧୁ ଷ୍ଟାଡିୟମ ପର୍ଯ୍ୟନ୍ତ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମନ୍ତ୍ରୀ ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ ଜାତୀୟ ପତାକା ଦେଖାଇ ଏହି ପରାକ୍ରମ ବାଇକ ଶୋଭାଯାତ୍ରାର ଶୁଭ ଉଦ୍ଘାଟନ କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାକ୍ରମର ଏହି ଶୋଭାଯାତ୍ରା ଦେଶର ସୀମାନ୍ତରେ ଲଢୁଥିବା ଜାଗ୍ରତ ପ୍ରହରୀ ଭରତୀୟ ସେନାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବୋଲି କହିଥିଲେ। ଦେଶଭକ୍ତିର ଭାବନାରେ ଉଦବୁଦ୍ଧ ହୋଇ ପ୍ରତ୍ୟେକ ଜନ ସାଧାରଣ ଏଥିରେ ଭାଗ ନେବାପାଇଁ ସେ ଉତ୍ସାହିତ କରିଥିଲେ । ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ,ପୋଲିସ ବାହିନୀ, ଅବସର ପ୍ରାପ୍ତ ସେନା ଅଧିକାରୀ, ସ୍କାଉଟ୍,ଏନସିସି କ୍ୟାଡେଟ୍, ଏନ ଏସ ଏସ,ଶିକ୍ଷକ, ମିଶନ ଶକ୍ତି ମହିଳା, ଛାତ୍ରଛାତ୍ରୀ, କ୍ରୀଡ଼ାବିତ, ବୁଦ୍ଧିଜୀବୀ, ସିଭିଲ ଡିଫେନସ୍ ଓ ଗଣ ମାଧ୍ୟମ ପ୍ରତିନଧି ପ୍ରମୁଖ ସାମିଲ ହୋଇଥିଲେ । ଜାମ୍ମୁ କାଶ୍ମୀରର ପହେଲଗାଓଁଠାରେ ହୋଇଥିବା ଆତଙ୍କବାଦୀ ଘଟଣା ପ୍ରତିବଦଳରେ ଅପରେସନ ସିନ୍ଦୁରର ସଫଳତା,ଦେଶର ସୀମା ସୁରକ୍ଷା ଦାୟିତ୍ୱରେ ଥିବା ଜାଗ୍ରତ ପ୍ରହରୀଙ୍କୁ ସମ୍ମାନ ଜଣାଇ ପାରାଦୀପ ସମୁଦ୍ର କୂଳ ଠାରୁ ଆରମ୍ଭ ହୋଇଥିବା ପରାକ୍ରମ ରାଲି ସହର ପରିକ୍ରମା କରି ଗୋପବନ୍ଧୁ ଷ୍ଟାଡିୟମ ଠାରେ ପହଞ୍ଚିଥିଲା । ଏହି ଅବସରରେ ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ,ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା , ନିର୍ବାହୀ ଅଧିକାରୀ , ପାରାଦୀପ ପୌର ପରିଷଦ ଅଭିଷେକ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ପାରାଦୀପ ସ୍ମୃତି ରଞ୍ଜନ କର , ବିଭିନ୍ନ ଏନଜିଓ ଓ ଏନସିସିର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ବହୁ ସଂଖ୍ୟାରେ ଜନସାଧାରଣ ଉତ୍ସାହିତ ହୋଇ ହାତରେ ତ୍ରିରଙ୍ଗା ଧରି ଏହି ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## ଚଣ୍ଡିଖୋଲ କୋର୍ଟରେ ନୂତନ ନୋଟାରୀ ପବ୍ଲିକ ନିଯୁକ୍ତ

ଚଣ୍ଡିଖୋଲ, (ସବ୍ୟୁ) : ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ନ୍ୟାୟିକ ବ୍ୟାପାର ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ କୋର୍ଟରେ ବରିଷ୍ଠ ଆଇନଜୀବୀ ଉଦୟନାଥ ସାହୁଙ୍କୁ ନୂତନ ନୋଟାରୀ ପବ୍ଲିକ ଭାବେ ନିଯୁକ୍ତି ଦେଇଛନ୍ତି ।

ଗତ ୧୩ ତାରିଖରେ ଏହି ନିଯୁକ୍ତି ନେଇ କେନ୍ଦ୍ର ନ୍ୟାୟିକ ବ୍ୟାପାର ବିଭାଗର ଉପ ନ୍ୟାୟିକ ଉପଦେଷ୍ଟା ସୁରେନ୍ଦ୍ର କୁମାର ଚିଠି ମାଧ୍ୟମରେ ଶ୍ରୀ ସାହୁଙ୍କୁ ଅବଗତ କରିବା ସହ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି ।ଏହା ଜଣାପଡିବା ପରେ ଚଣ୍ଡିଖୋଲ କୋର୍ଟର ଆଇନଜୀବୀ ମାନେ ଶ୍ରୀ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ନିଯୁକ୍ତି ପାଇବାରେ ଶ୍ରୀ ସାହୁ ଚଣ୍ଡିଖୋଲ ଅଞ୍ଚଳରେ ପ୍ରଥମ ଆଇନଜୀବୀ ବୋଲି ଜଣାପଡିଛି। ଉକ୍ତ ନିଯୁକ୍ତି ପରେ ଜନସାଧାରଣଙ୍କୁ ଉପଯୁକ୍ତ ନ୍ୟାୟିକ ସହାୟତା ଯୋଗାଇ ଦେବେ ବୋଲି ଶ୍ରୀ ସାହୁ ପ୍ରକାଶ କରଛନ୍ତି ।

# ଡେରିକି ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ

ନାଉଗାଁ, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅଧୀନ ଡେରିକି ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ଅଭିଯୋଗ । ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ରାଜେଶ କୁମାର ସାହୁ ଆଜି ଓସକଣା ମଉଜାବାସୀଙ୍କ ଅଭିଯୋଗକୁ ଆଧାର କରି ମାପଚୁପ କରିବାକୁ ଯାଇଥିଲେ । ଉକ୍ତ ମୌଜାରେ ଗ୍ରାମ୍ୟ ଜଙ୍ଗଲ ସରକାରୀ ଜମିରେ ଥିବା କିଛି ଗଛକୁ କାଟି ଉକ୍ତ ସରକାରୀ ଜମିକୁ ଡାକହାକ କରି ସେଠାରେ କିଛି ବ୍ୟକ୍ତି ଘର କରି ସାରିଲେଣି ।

ଏଭଳି ଅଭିଯୋଗକୁ ଭିତ୍ତିକରି ଆଜି ରାଜସ୍ୱ ନିରୀକ୍ଷକ ଓ ତାଙ୍କ ସହ କର୍ମଚାରୀ ସେଠାରେ ପହଂଚି ମାପ ଚୁପ ଆରମ୍ଭ କରୁଥିବା ସମୟରେ ସେହି ମୌଜାର ହୃଦାନନ୍ଦ ନାୟକ ଓ ମୁକ୍ତିଆ ଗ୍ରାମର ଖିରୋଦ ଦଳାଇ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଏକ ଠେଙ୍ଗା ଆଣି ଆକ୍ରମଣ କରିବାକୁ ଆସିଥିଲେ । ସେଠାରୁ ରାଜସ୍ୱ ନିରୀକ୍ଷକ ଓ ତାଙ୍କ ସହ କର୍ମଚାରୀ ପଳାଇ ଆସୁଥିବାବେଳେ ତାଙ୍କ ଗାଡିକୁ ପଛରୁ ଆସି ଗୋଇଠା ମଧ୍ୟ ମାରିଥିବା ସେ ନାଉଗାଁ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ । ନାଉଗାଁ ତହସିଲଦାର ଏ ସଂକ୍ରାନ୍ତରେ ଆଜି ତହସିଲ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୪୦୭ ରେ ନାଉଗାଁ ଥାନାକୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ନାଉଗାଁ ପୋଲିସ ଏହି ଅଭିଯୋଗକୁ ଭିତ୍ତିକରି ୧୩୨/୨୦୨୫ରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି ।

# ଭିସା ଗ୍ରୁପ ପକ୍ଷରୁ ଦାନଗଦି ବ୍ଲକ ସମ୍ମୁଖରେ ଜଳଛତ୍ର ଉଦ୍‌ଘାଟିତ

ବ୍ୟାସନଗର, (ଜିପ୍ର ): ପ୍ରଚଣ୍ଡ ଖରା ସହିତ ଅସହ୍ୟ ଗୁଳୁଗୁଳି ପାଇଁ ଲୋକ ଙ୍କୁ ଯାତାୟାତ ରେ ବହୁ ହଇରାଣ ହେବାକୁ ପଡୁଛି । ଯାହା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଛକ ଛକରେ ଜଳଛତ୍ର କରାଯାଇଥିବା ଦେଖିବାକୁ ମିଳିଥାଏ । ଯାଜପୁର ଜିଲ୍ଲା କଳିଙ୍ଗନଗର ରେ ଥିବା ଭିସା ଗ୍ରୁପ ପକ୍ଷରୁ ଦୁଇଟି ସ୍ଥାନରେ ଜଳଛତ୍ର ଉଦ୍ଘାଟନ କରିଥିବା ଦେଖିବାକୁ ମିଳିଛି ।




ପ୍ରଥମ ଟି ଦାନଗର୍ଦି ମିଲେଟାରି ଛକ ଓ ଅନ୍ୟଟି ଦାନଗର୍ଦି ବ୍ଲକ ସମ୍ମୁଖରେ ଉଦ୍ଘାଟନ କରାଯାଇଛି । ଭିସା ଗ୍ରୁପ ପକ୍ଷରୁ ଆସନ୍ତା ଦୁଇ ମାସ ପର୍ଯ୍ୟନ୍ତ ପ୍ରତିଦିନ ଜଳଛତରେ ଜଳ ଶୋଷିଲା ଲୋକଙ୍କୁ ଦେବା ପାଇଁ ସୂଚନା ମିଳିଛି । ଏହି ଜଳଛତ୍ର ଉଦ୍ଘାଟନ କରିଥିବା ବେଳେ ଦାନଗଦି ବ୍ଲକ ବିଡ଼ିଓ ଭିସା ଗ୍ରୁପ ପକ୍ଷରୁ ଏପରି କାର୍ଯ୍ୟକୁ ପ୍ରଶଂସନୀୟ ଓ ଉତ୍ତମ କାର୍ଯ୍ୟ ବୋଲି ଭିସା ଗ୍ରୁପକୁ ଧନ୍ୟବାଦ ଦେଇଥିବା ଦେଖିବାକୁ ମିଳିଛି ।

# ବାଲିଗାଡି ଚାନ୍ଦା ଆଦାୟ ମାମଲା, ପୁଣି ଦୁଇ ଗିରଫ

ପାଣିକୋଇଲ, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ଦେପଦା ଛକ ନିକଟରେ ପ୍ରତ୍ୟେହ ବେଆଇନଭାବେ ବାଲି ଗାଡିରୁ ଚାନ୍ଦା ଆଦାୟ କରାଯାଉଛି । ବରୁଣ୍ଡାଇ ଠାରୁ ସଠିପୁର ମଧ୍ୟରେ ଅନେକସ୍ଥାନରେ ଏଭଳି ବେଆଇନ ଚାନ୍ଦା ଆଦାୟ କରାଯାଉଥିବା ବେଳେ ଗତ ୧୦ ତାରିଖ ରାତିରେ ଏକ ବାଲି ବୋଝେଇ ହାଇୱାକୁ ଅଟକାଇ ଜବରଦସ୍ତ ଚାନ୍ଦା ଆଦାୟ ଓ ଅଶ୍ରାବ ଗାଳି ସହିତ ଟଙ୍କା ଛଡାଇ ନେଇ ମରଣାନ୍ତକ ଆକ୍ରମଣ ହୋଇଥିବାର ଅଭିଯୋଗ ହୋଇଥିଲା । ଭଦ୍ରକ ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ଦୋଳସାହି ଗାମର ମନୋରଂଜନ ପାଣିଗ୍ରାହୀ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ସାନଭାଇ ସୌମ୍ୟରଂଜନକୁ ମାଡ ମରି ବନ୍ଧୁକ ଓ ମରଣାସ୍ତ୍ର ଦେଖାଇ ବେଆଇନ ଚାନ୍ଦା ପାଇଁ ଆକ୍ରମଣ କରାଯାଇଥିଲା । ଫଳରେ ସୌମ୍ୟ ଆହତ ହୋଇ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକତ୍ସାଳୟକୁ ଚିକିତ୍ସା ନିମନ୍ତେ ଭର୍ତି ହୋଇଥିଲେ । ଏନେଇ ଥାନାରେ ଅଭିଯୋଗ ପରେ ଏକ ମାମଲା ୧୨୦/୨୫ ରୁଜୁ କରାଯାଇ ତଦନ୍ତ କରାଯାଇଥିଲା । ଏହି ମାମଲାରେ ଦେପଦା ଗ୍ରାମର ୪ ଜଣଙ୍କୁ ପୂର୍ବରୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିବା ବେଳେ ଆଜି ଦେପଦା ଗ୍ରାମର ଗିରଫ କରାଯାଇ ଦୈଦାସ ପାଟଣା ଗ୍ରାମର ଜଟେଶ୍ୱର ମଳିକଙ୍କ ପୁଅ ସନାତନ ମଲିକ(୪୦) ଓ ପଳସା ଗ୍ରାମର ସିଂଗରାଇ ମୁଣ୍ଡାଙ୍କ ପୁଅ ଉପେନ୍ଦ୍ର ମୁଣ୍ଡା (୨୩) ଅଦାଲତ ଚାଲାଣ କରାଯାଇଛି ।

## ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ନୟାଗଡ଼,(ସବ୍ୟୁ): ନୟାଗଡ଼ ଠାରେ ଗ୍ରୀଷ୍ମକାଳୀନ ଚେସ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ଚେସ ଆସୋସିଏସନ ଏବଂ ଓଡ଼ିଶା ଚେସ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଦୀର୍ଘ ୧୨ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଏହି ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଉଦଘାଟନ କରିଛନ୍ତି । ଶିବିରରେ ୬୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଚେସ ଖେଳ ମାନସିକ ତଥା ବୌଦ୍ଧିକ ବିକାଶରେ ସହାୟକ ହୋଇଥିବା ଅତିଥିମାନେ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଚେସ ଖେଳ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ସହଯୋଗ କରିବ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଏଠାରେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଏବଂ କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ପ୍ରମୁଖ ଯୋଗଦାନ କରି ଚେସ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ ଯୋଗଦାନ କରି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଚେସ ସଂଘ ସଭାପତି ଭାଗିରଥି ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉଦଘାଟନ ସଭାରେ କୋଷାଧ୍ୟକ୍ଷ ତାରୁନ ଖାଁ, ଜିଲ୍ଲା ସମ୍ପାଦକ ଲକ୍ଷ୍ମୀଧର ସାହୁ, ରାଜ୍ୟ ଚେସ ସଂଘ କାର୍ଯ୍ୟକାରୀ ସଦସ୍ୟ ରିତେଶ ରଥ, ସହ ସମ୍ପାଦକ ଉମାକାନ୍ତ ମିଶ୍ର, ସଦସ୍ୟ ଧିରେନ ପ୍ରଧାନ, ଭିକାରି ଚରଣ ଦାସ,ଅଜିତ କୁମାର ମିଶ୍ର, ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରଶିକ୍ଷକ ଭାବେ ଜୟ ପ୍ରକାଶ ବୈରୀଗଞ୍ଜନ, ଶିଶିର କୁମାର ନାୟକ, ବାଲାରସେନ ପାତ୍ର ଏବଂ ପ୍ରଦ୍ୟୁମ୍ନ ନନ୍ଦ ପ୍ରମୁଖ ପିଲାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟ ଶିକ୍ଷୟିତ୍ରୀ ରୋଜାଲିନ ମିଶ୍ର, ଚିତ୍ତରଞ୍ଜନ ପ୍ରଧାନ, ମଂଜିତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାଲି ଚୋରା ଚାଲାଣକାରୀଙ୍କ ପାଇଁ ହୀନସ୍ତାରେ ଲୋକେ : ପ୍ରତିଦିନ ଦୁର୍ଘଟଣା

ଡେରାବିଶ,(ସବ୍ୟୁ) :ସରକାରଙ୍କ ପକ୍ଷରୁ ଲଘୁ ଖଣିଜ ଦ୍ରବ୍ୟ ବାଲି ଚୋରା ଚାଲାଣ ରୋକିବା ପାଇଁ ଯେତେ ଚେଷ୍ଟା କଲେ ମଧ ତାହା ସମ୍ଭବ ହେଉନି । ଚୋରା ଚାଲାକାରୀମାନେ ଗଳାବାଟ ଦେଇ ଦୈନିକ ଶହଶହ ଟ୍ରିପ ବାଲି ଚାଲାଣ କରୁଛନ୍ତି । ତେବେ ଏହି ବାଲି ଚାଲାଣରେ ସରକାରଙ୍କର ଯେ ଖାଲି ରାଜସ୍ୱ ହାନୀ ହେଉଛି ସେକଥା ନୁହେଁ ହାଇୱା ଭଳି ଭାରୀଯାନ ଗ୍ରାମାଂଚଳର ରାସ୍ତାରେ ବାଲି ପରିବହନ କରିବା ଦ୍ୱାରା ଗ୍ରାମର ମୁଖ୍ୟ ରାସ୍ତାରେ ବାଲି ଝଡ଼ି ଓ ଉଡ଼ି ଗ୍ରାମାଂଚଳର ଲୋକମାନଙ୍କର ଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ଏପରି ଘଟଣା ଦେଖିବାକୁ ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ପଂଚାୟତର ଛୋଟି ବଜାରର ମୁଖ୍ୟ ରାସ୍ତାରେ । ଏହି ବଜାରର ରାସ୍ତା ଦେଇ ନିକଟସ୍ଥ ବିରୁପା ନଦୀରେ ଦୈନିକ ଶହଶହ ହାଇୱା ବାଲି ଚାଲାଣ କରୁଛି । ଏହି ହାଇୱା ଗୁଡ଼ିକ ବେପରୁଆ ଭାବେ ଆବଶ୍ୟକତା ଠାର ଅଧିକ ବାଲି ବୋଝେଇ କରି ଚାଲାଣ କରିବା ଫଳରେ ଏଥିରୁ ବାଲି ଝଡ଼ି ସମ୍ପୂର୍ଣ୍ଣ ରାସ୍ତାରେ ୬ ଇଂଚ ବହଳର ଜମି ରହିଛି । ଏପରିକି ହାଇୱା ଗଲାବେଳେ କିମ୍ବା ସାମାନ୍ୟ ପବନ ହେଲେ ନିକଟସ୍ଥ ହାଟ ଓ ବଜାରରେ ଲୋକମାନେ ଧୂଳବାଲିରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି । ଏଥିସହିତ ରାସ୍ତାରେ ବାଲି ଜମି ରହିବା ଯୋଗୁ ଦୈନିକ ବାଇକ୍ ଆରୋହୀ ଓ ସାଇକେଲ୍ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ବାରମ୍ବାର ସ୍ଥାନୀୟ ଲୋକମାନେ ଏହି ସମସ୍ୟା ଭୋଗକରିବା ପରେ ବାଧ ହୋଇ ଛୋଟି ବଜାରର କିଛି ଦୋକାନୀ ଓ ସାପ୍ତାହିକ ହାଟରେ ପରିବା ବିକ୍ରି କରୁଥିବା କିଛି ଚାଷୀ ରାସ୍ତାରୁ ଏହି ବାଲି ସଫା କରିବାକୁ ଅଂଟା ଭିଡ଼ିଛନ୍ତି । ଆଜି ପ୍ରଭାତ ଭୋଇ, ମନୋହର ସାହୁ, ରାଜକିଶୋର ମଳିକ, ଗଗନ ମଳିକ, ହୃଦାନନ୍ଦ ମଳିକ, ପ୍ରମୁଖ ମିଳିମିଶି ଦିନ ତମାମ ଟ୍ରଲି ଓ ବେଲଚା ସହାୟତାରେ ରାସ୍ତାରେ ବାଲି ସଫା କରିଥିବା ଦେଖିବାକୁ ମିଳିଥିଲା । ତେବେ ଏହି ଲୋକମାନଙ୍କର କାର୍ଯ୍ୟକୁ ସ୍ଥାନୀୟ ଅଂଚଳବାସୀ ପ୍ରଶଂସାକରିଥିବା ବେଳେ ବାଲି ଚାଲାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## କଟିକଟା-ଜୟପୁର ରାସ୍ତାରେ ବାଲିର ଆସ୍ତରଣ : ଟ୍ରାଫିକ ବିପର୍ଯ୍ୟସ୍ତ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : କେନ୍ଦ୍ରାପଡ଼ା ପୂର୍ତ୍ତବିଭାଗ ଅଧିନରେ ଥିବା କଟିକଟା-ଜୟପୁର ମୁଖ୍ୟ ରାସ୍ତାର ଅସୁରେଶ୍ୱର ବଜାରରେ ରାସ୍ତାର ଅଂଶରେ ଏକ ବାଲିର ଆସ୍ତରଣ ଦେଖାଦେଇଛି । ଏହି ରାସ୍ତାରେ ବହୁ ପରିମାଣରେ ବାଲି ଗଦା ହୋଇ ରହିଥିବାରୁ ଅନେକ ସମୟରେ ବାଇକ ଦୁର୍ଘଟଣା ହେଉଥିବା ଦେଖାଯାଇଛି । ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ହାଇୱା ନଦୀରୁ ବାଲି ଉଠାଇ ଏହି ବାଟ ଦେଇ ବିଭିନ୍ନ ସ୍ଥାନକୁ ଯାଉଥିବାରୁ ଏଭଳି ଅବସ୍ଥା ଦେଖାଦେଇଛି । ବାଲି ବୋଝେଇ ହାୱା ରାସ୍ତାରେ ଯିବାବେଳେ ସେଥିରୁ ପାଣି ସହିତ ବାଲି ବାହାରୁଥିବାରୁ ଏହା ରାସ୍ତାରେ ଜମା ହେବା ଯୋଗୁଁ ଯାତାୟତରେ ସମସ୍ୟା ଉପୁଜୁଛି । ଅସୁରେଶ୍ୱର ବଜାର ରାସ୍ତା ଅଣଓସାରିଆ ହୋଇଥିବା ସାଙ୍ଗକୁ ବହୁମାତ୍ରାରେ ହାଇୱା ଚାଲିବା ଯୋଗୁଁ ଅନେକ ସମୟରେ ଟ୍ରାଫିକ୍ ଜାମ୍ ରହୁଛି । ଯାହାଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନସ ହେଉକି ଦମକଳ ଯାତାୟତ ପାଇଁ ଟ୍ରାଫିକରେ ଫସି ବହୁ ସମୟ ଧରି ଅଟକି ରହୁଥିବା ଦେଖାଯାଇଛି । ଗତ ୩/୪ ଦିନ ତଳେ ଏକ ଅଗ୍ନିକାଣ୍ଡ କୁ ରୋକିବାକୁ ଯାଉଥିବା ଦମକଳ ମଧ ଏହି ଟ୍ରାଫିକରେ ଫସିରହିଥିବାରୁ ସମସ୍ୟା ଦେଖାଯାଇଥିଲା ।

ଦିନ ସମୟରେ ବାଲି ବୋଝେଇ ହାଇୱା ରାସ୍ତାରେ ଯାତାୟତ ନକରିବା ପାଇଁ ସରକାରଙ୍କ ପକ୍ଷରୁ କଡ଼ାକଡ଼ି ନିୟମ କରାଯାଇଥିଲେ ମଧ ପୋଲିସ ଓ ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଦିନ ରାତି ୨୪ଘଣ୍ଟା ବାଲି ବୋଝେଇ ହାଇୱାଗୁଡ଼ିକ ଯାତାୟତ କରୁଥିବା ଦେଖାଦେଇଛି । ହାଇୱା ଯାତାୟତ ସମୟରେ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି । ଶହ ଶହ ବାଲି ବୋଝେଇ ହାଇୱା ଟ୍ରକ ଯାତାୟତ ହେଉଥିବାରୁ ଧୂଳି ଧୂଆଁରେ ଅସୁରେଶ୍ୱର ଜଳବାୟୁ ଦୂଷିତ ହେବା ଯୋଗୁଁ ବ୍ୟବସାୟୀ ଓ ଜନସାଧାରଣ ମାନେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି । ଯାହାକୁ ନେଇ ଅଞ୍ଚଳବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହି ରାସ୍ତା ପାର୍ଶ୍ୱରେ ବହୁ ସ୍କୁଲ,କଲେଜ, ଡ଼ାକ୍ତରଖାନା ଓ ବିଭିନ୍ନ ଅଫିସ ରହିଥିବା ବେଳେ ଦିନରେ ବାଲି ବୋଝେଇ ହାଇୱା ଚାଲିବା ଦ୍ୱାରା ହଜାର ହଜାର ଲୋକ ଏଥିରେ ପ୍ରଭାବିତ ହେଉଛନ୍ତି । ଦିନବେଳା ଏହି ରାସ୍ତାରେ ବାଲି ବୋଝେଇ ହାଇୱା ଟ୍ରକ ଯାତାୟତ ବନ୍ଦ କରିବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ଫ୍ରିଡମ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ଶତପ୍ରତିଶତ ସଫଳତା




ସାଲେପୁର, (ସବ୍ୟୁ) : ସିବିଏସଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ସାଲେପୁର ନନ୍ଦୋଳଗଡ଼ା ସ୍ଥିତ ଫ୍ରିଡମ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀ ମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତ ।ଏହି ବିଦ୍ୟାଳୟରେ ଦଶମ ପରୀକ୍ଷା ଦେଇଥିବା ସମସ୍ତ ୯୫ଜଣ ଛାତ୍ରଛାତ୍ରୀ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ଜଣ ୯୫ ପ୍ରତିଶତରୁ ଅଧିକ, ୧୯ଜଣ ୯୦ ପ୍ରତିଶତରୁ ଅଧିକ ଓ ୪୪ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି । ସାଇସ୍ମୃତି ନାୟକ ୯୬.୪% ନମ୍ବର ରଖି ସ୍କୁଲ୍ ଟପର୍ ହୋଇଥିଲା ବେଳେ ଅଜକିୟା ଫାତିମା ଓ ଶୁଭସ୍ମିତା ନାୟକ ୯୬.୨% ନମ୍ବର ରଖି ଯୁଗ୍ମ ଦ୍ୱିତୀୟ ଏବଂ ଅମାତୁସ୍ ସୁବୁହ ସିଦ୍ରା୯୬%ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି । ସେହିପରି ଦ୍ୱାଦଶ ପରୀକ୍ଷା ଦେଇଥିବା ସମସ୍ତ ୧୧୨ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ସେମାନଙ୍କ ମଧ୍ୟରୁ ୧୫ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିଲା ବେଳେ ୯୫ ପ୍ରତିଶତ ନମ୍ବର ରଖି ଆଦିତ୍ୟ ତ୍ରିପାଠୀ ସ୍କୁଲ୍ ଟପର୍ ହୋଇଛନ୍ତି । ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ର ପ୍ରତିଷ୍ଠାତା ଅଜଗର ଅଲ୍ଲୀ, ସ୍କୁଲ୍ ଚେୟାରମ୍ୟାନ୍ ଇଂ ସେକ୍ ଜାହାଙ୍ଗୀର ଅଲ୍ଲୀ, ସ୍କୁଲ୍ ସମ୍ପାଦକ ଡକ୍ଟର ରିୟାଜୁର ରହେମାନ୍, ସାଧାରଣ ପ୍ରଶାସନିକ ସେବା ଅଧିକାରୀ ହେମନ୍ତ କୁମାର ନନ୍ଦଙ୍କ ସମେତ ବିଦ୍ୟାଳୟର ଅଧ୍ୟକ୍ଷ, ଗଙ୍ଗାଧର ବେହେରା ଶିକ୍ଷକ-ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ପ୍ରାଧ୍ୟାପକଙ୍କ ସ୍ମୃତିଚାରଣ ସଭା

ଡେରାବିଶ, (ସବ୍ୟୁ) : ଡେରାବିଶ ବ୍ଲକ ନହଙ୍ଗ ପଂଚାୟତ ଅନ୍ତର୍ଗତ ନହଙ୍ଗ ଗ୍ରାମରେ ପ୍ରାଧ୍ୟାପକ ମାନଗୋବିନ୍ଦ ପାତ୍ରଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମଅତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ନିରଞ୍ଜନ ପୋଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଜୟ କୁମାର ନାୟକ, ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଶିକ୍ଷାବିତ୍ ଇଶ୍ୱର ଚନ୍ଦ୍ର ପୃଷ୍ଟି, ଶୈଳେନ୍ଦ୍ର ନାରାୟଣ ସାମଲ, ଅଧ୍ୟାପକ ସୁବ୍ରତ କୁମାର ସାମଲ, ପ୍ରାଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ରାଜେଶ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିବା ସହିତ ଗୁଣାବଳୀ ସମ୍ପର୍କରେ କହିଥିଲେ । ସୂଚନାଯୋଗ୍ୟ ସ୍ୱର୍ଗତ ପାତ୍ର ବଡ଼ମ୍ବାର ମୋହନ ସୁବୁଦ୍ଧି ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଭାବେ ରହିଥିବା ଏହି କାର୍ଯ୍ୟକମ୍ରରେ ତାଙ୍କର ବହୁ ସାଥୀ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ସ୍ମୃତିଚାରଣ ସଭାକୁ ଆକାଶ ନାୟକ ସଂଚାଳନ କରିଥିଲେ ।

# ଭଙ୍ଗାହେବ ୭୦୦ ଏକର ବେଆଇନ ଚିଙ୍ଗୁଡି ଘେରି

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ରାଜନଗର ର ସମୁଦ୍ର କୂଳ ଅଂଚଳରେ ହୋଇଥିବା ବେଆଇନ ଚୁଙ୍ଗୁଡି ଘେରି ଗୁଡିକ ପରିବେଶକୁ ପ୍ରଦୂଷଣ କରିବା ସହ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବାରୁ ଭଙ୍ଗାଯିବ ବୋଲି ଜଣାପଡିଛି । ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ସ୍ଥାୟୀନ ତହସିଲଦାର ଅମୀୟ କେତନ ସ୍ୱାଇଁ ଓ ଅନ୍ୟ କର୍ମକର୍ତାଙ୍କ ସହ ଘଟଣା ସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ । ୭୦୦ ରୁ ଉର୍ଦ୍ଧ୍ୱ ଏକର ଜମି ଉପରେ ଚୁଙ୍ଗୁଡି ମାଫିଆ ମାନେ ବେଆଇନ ଭାବେ ଚୁଙ୍ଗୁଡି ଘେରି କରି କୋଟି କୋଟି ଟଙ୍କା ରାଜସ୍ୱ ଫାଙ୍କିବା ସହ ବେଆଇନ କାର୍ଯ୍ୟରେ ଲିପ୍ତ ଥିବାରୁ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଉଛି ।

ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବାପରେ ଉପ ଜିଲ୍ଲପାଳ ଶ୍ରୀ ନାୟକ ରଙ୍ଗଣୀ, ତାଳଚୁଆ, ଡାଙ୍ଗମାଳ, ଜଗତ ଯୋରୀ ପ୍ରଭୃତି ଅଂଚଳ ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ବହୁ ବର୍ଷ ପୂର୍ବେ ବିଶ୍ୱ ବ୍ୟାଙ୍କ ଓ ରାଜ୍ୟ ସରକାରଙ୍କ ସହାୟତା ରେ କରା ଯାଇଥିବା ଚୁଙ୍ଗୁଡି ଘେରି ପ୍ରକଳ୍ପ ବନ୍ଦ ହୋଇଯିବା ପରେ ଏହି ଘେରି ଅଂଚଳକୁ ମାଫିଆ ମାନେ ପୁନର୍ବାର ଖୋଳି ବେଆଇନ ଭାବେ ବିନା ଅନୁମତି ରେ ଘେରି କରି ପ୍ରଚୁର ମୁନାଫା ଅର୍ଜନ କରୁଛନ୍ତି ।

# ବରୀରେ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତ

ବରୀ, (ସବ୍ୟୁ ): ଦୀର୍ଘଦିନ ଧରି ବରୀ ଅଞ୍ଚଳରେ କୋର୍ଟ ପ୍ରତିଷ୍ଠାକୁ ନେଇ ଦାବି ହୋଇ ଆସୁଥିବା ବେଳେ ଆଜି ବରୀ ବ୍ଲକସ୍ଥିତ ବରିପାଳ ଠାରେ ପ୍ରଥମ ଶ୍ରେଣି ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟ ପ୍ରତିଷ୍ଠା ହେବା ଯୋଗୁଁ ସାଧାରଣରେ ଉତ୍ସାହ ଦେଖିବାକୁ ମିଳିଛି । ବିଶେଷ କରି ସମସ୍ତ ଅଦାଲତ ଗୁଡିକ ଯାଜପୁର ଜିଲ୍ଲା ସଦର ମହକୁମାଠାରେ ଥିବାରୁ ବରୀ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଯାତାୟାତ ନିମନ୍ତେ ୫୦ କିଲୋମିଟରରୁ ଅଧିକ ରାସ୍ତା ଅତିକ୍ରମ କରିବାକୁ ପଡ଼ିଥାଏ । ଉକ୍ତ ପ୍ରତିଷ୍ଠା ଉତ୍ସବରେ ଭିଡିଓ କନଫରେନ୍ସ ଜରିଆରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ଜଜ୍ ସଙ୍ଗମ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଜ ଅମୃତ ରଞ୍ଜନ ନନ୍ଦ, ଯାଜପୁର ଜିଲ୍ଲାପାଳ ଟି ଅନେଶ୍ୱା ରେଡ୍ଡୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ୟସ ପ୍ରସାଦ ଶ୍ରିମଲ୍, ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସମେତ ରାଜସ୍ୱ ବିଭାଗର ବହୁ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ସୂଚନା ଯୋଗ୍ୟ ନୂତନ କୋର୍ଟ ପ୍ରତିଷ୍ଠା ହେବା ସହ ଆଜି ପ୍ରଥମ ଦିନରେ ଗୋଟିଏ ମାମଲାର ଶୁଣାଣି କରାଯାଇ ସାକ୍ଷ୍ୟ ଗ୍ରହଣ କରା ଯାଇଥିଲା । ଏହା ଉତ୍ସରେ ଆଇନଯିବି ବିରଜା ପ୍ରସାଦ ପରିଡା, ରାଜ କିଶୋର ସାମଲ, ଅମ୍ବିକା ପ୍ରସାଦ ସାମଲ, ବାବାଜି ଚରଣ ଜେନା, ଧୀରେନ୍ଦ୍ର କୁମାର ସ୍ୱାଇଁ, ହରିଶ ଚନ୍ଦ୍ର ଧଳଙ୍କ ସମେତ ବହୁ ସଂଖ୍ୟକ ଆଇନଯିବି ଉପସ୍ଥିତ ଥିବା ବେଳେ ଆନ୍ୟମାନଙ୍କ ମଧ୍ୟରେ ସମାଜ ସେବୀ ଶିଶିର କୁମାର ମଲିକ, କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ଫକିର ଚରଣ ସିଂ, ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ତ୍ରିରଙ୍ଗା ଶୋଭାଯାତ୍ରା



କେନ୍ଦ୍ରାପଡ଼ା, (ସ୍ୱପ୍ର ) : ଅପରେସନ ସିନ୍ଦୁର ନାମରେ ଆତଙ୍କବାଦୀ ରାଷ୍ଟ୍ର ପାକିସ୍ତାନକୁ କଡ଼ା ଜବାବ ଦେଇ ଭାରତ ପାଇଁ ଗୌରବ ଆଣିଥିବା ଭାରତୀୟ ସେନାର ସମ୍ମାନାର୍ଥେ ଭାରତୀୟ ସେନାର ମନୋବଳ ବୃଦ୍ଧି ଉଦେଶ୍ୟ ପାଇଁ ଶୁକ୍ରବାର ଦିନ ସକାଳ ୮ ଘଟିକାରୁ କେନ୍ଦ୍ରାପଡା ବାଲା ବାବା ମଠ ପାଖରୁ *ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ପୁରୁଣା ବସଷ୍ଟାଣ୍ଡ ରେ ପହଞ୍ଚିଥିଲା ।ଏହି ଅବସରରେ ଜିଲ୍ଲାର ମାନ୍ୟଧାନ୍ୟ ବ୍ୟତିତ୍ୱ, ସ୍କୁଲ ଓ କଲେଜ ଛାତ୍ର, ଛାତ୍ରୀ, ସ୍କାଉଟ ଗାଇଡ଼,ବୁଦ୍ଧିଜୀବୀ, ସାମ୍ବାଦିକ ମାନେ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀ ମତି ଗୀତାଞ୍ଜଳି ସେଠୀ, ମହାକାଳପଡା ବିଜେପି ବିଧାୟକ ଦୁର୍ଗାପ୍ରଶନ ନାୟକ, କୃଷ୍ଣଚନ୍ଦ୍ରପଡା, ସାଂସଦ ପ୍ରତିନିଧି ସଞ୍ଜୟ ରଥ, ସଲିମ ଖାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଚଣ୍ଡିଖୋଲରେ ଆଉଏକ ଅତିରିକ୍ତ ସିଭିଲ ଜଜ୍ କୋର୍ଟ ଉଦ୍‌ଘାଟିତ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ କୋର୍ଟ ପରିସରରେ ଶୁକ୍ରବାର ଦିନ ଆଉଏକ ଅତିରିକ୍ତ ସିଭିଲ ଜର୍ଜ ଜୁନିୟର ଡିଭିଜନ ତଥା ଜେ ଏମ ଏଫ ସି କୋର୍ଟ ଉଦଘାଟିତ ହୋଇଛି । ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ ଆଭାଷି ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ ।

ଉକ୍ତ କୋର୍ଟ ଖୋଲିବା ଦ୍ୱାରା ଏହି ଅଞ୍ଚଳରେ ବିଚାର ପକ୍ରିୟା ତ୍ୱରାନ୍ୱିତ ହେବ ଓ ସାଧାରଣ ଲୋକେ ସଠିକ ସମୟରେ ଉପଯୁକ୍ତ ନ୍ୟାୟ ପାଇପାରିବେ ବୋଲି ମୁଖ୍ୟ ବିଚାରପତି ଆଶାବ୍ୟକ୍ତ କରିଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସଙ୍ଗମକୁମାର ସାହୁ ଯୋଗଦେଇ ଆଇନଜୀବୀ ମାନେ ଭଲ ଅର୍ଜି ପ୍ରସ୍ତୁତ କରିବା ସହିତ କୋର୍ଟରେ ଭଲାଭାବେ ଯୁକ୍ତି ଉପସ୍ଥାପନ କରି ନିଜ ପରାକାଷ୍ଠାକୁ ପ୍ରତିପାଦିତ କରନ୍ତୁ ବୋଲି କହିଥିଲେ ।ଏହି ଉଦଘାଟନ ଉତ୍ସବରେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଦୌରାଜଜ ଗୋପବନ୍ଧୁ ଗଡନାୟକ, ସବ୍ ଜଜ୍ ବିଶ୍ଦୀପକ ସାହୁ, ଜେ ଏମ୍ ଏଫ୍ ସି ଶ୍ରୀମୟୀ ନନ୍ଦଙ୍କ ସହିତ ବାର ଆସୋସିଏସନର ସଭାପତି ସୁରେଶଚନ୍ଦ୍ର ପଣ୍ଡା,ବାର ସମ୍ପାଦକ ପ୍ରକାଶକୁମାର ଦାଶ ଓ ବାରର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ ।ପରେ ପରେ ଉଦଘାଟିତ କୋର୍ଟର ନବ ନିଯୁକ୍ତ ବିଚାରପତି ଶ୍ରୁତି ଅଭିଲାଷାଙ୍କୁ ସ୍ୱାଗ୍ ସମ୍ବର୍ଦ୍ଧନା ପ୍ରଦାନଛକରିଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ କୋର୍ଟର ସମସ୍ତ ବିଚାରପତିଙ୍କ ସହ ବାରର ସଦସ୍ୟମାନେ ଉପସ୍ଥିତ ହୋଇ ନୂଆ ବିଚାରପତିଙ୍କୁ ସ୍ୱାଗତ କରିଥିଲେ ।

ଆୟୋଜିତ ସଭାରେ ବରିଷ୍ଠ ଆଇନଜୀବୀ ଦେବରିଜ ବେହେରା, ଶରତ ଚନ୍ଦ୍ର ବଳ,ରାମଚନ୍ଦ୍ର ତ୍ରିପାଠୀ, ଶରତ ଷଡଙ୍ଗୀ, ପ୍ରତାପ ଦଶ, ଜନ ବେହେରା,ଶିରିଶକୁମାର ସାମଲ,ପ୍ରେମାନନ୍ଦ ବେହେରା ନିରଞ୍ଜନ ସାମଲ, ଶ୍ରୀକାନ୍ତ ବଳ ଉଦୟନାଥ ସାହୁ, କୈଳାସ ସାମଲ, ଅମୂଲ୍ୟ ତ୍ରିପାଠୀ, ନିରଞ୍ଜନ ମୁଦୁଲି ,ରୁଦ୍ର ନାରାୟଣ ମହାନ୍ତି, କ୍ଷୀରୋଦ ମୁଦୁଲି ପ୍ରମୁଖ ଉପସ୍ତିତ ଥିଲେ ।

# ଜିଲ୍ଲା ଦଲିଲ ଲେଖକ ମୋହରିର ସଂଘର ବାର୍ଷିକ ସମ୍ମିଳନୀ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଦଲିଲ ଲେଖକ ମୋହରିର ସଂଘର ବାର୍ଷିକ ସମ୍ମିଳନୀ ପୌରାଂଚଳ ଅ'ର୍ଗତ ଇଚ୍ଛାପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ସ'ୋଷ କୁମାର ସାହୁଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ବାର୍ଷିକ ସମ୍ମିଳନୀ ରେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ବଂଶୀଧର ବେହେରା, ଉପ ସଭାପତି ଉମାକା' ସାହୁ, ନରହରି ସାହୁ ଓ ଉପଦେଷ୍ଟା ଭକ୍ତ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇ ଥିଲା । ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଥିବା ସବ୍ ରେଜିଷ୍ଟାର ଅଫିସର ମୋହରିର ମାନଙ୍କୁ ଅଫିସ କର୍ମଚାରୀ ମାନେ ଉଦ୍ଦେଶ୍ୟ ମୂଳକ ଭାବେ ହଇରାଣ କରିବା ଓ ବିଭିନ୍ନ ଅଂଚଳରୁ ଦଲିଲ ବିକ୍ରି ଓ ଖର୍ଦ୍ଦି କରିବାକୁ ଆସୁଥିବା ଜନ ସାଧାରଣଙ୍କ ପାଇଁ ବିଶ୍ରାମ ନେବା, ପାନୀୟ ଜଳ ଓ ଶୌଚାଳୟ ନଥିବାରୁ ଜନ ସାଧାରଣ ହଇରାଣ ହେଉର୍ଛି । ଏ ବିଷୟରେ ଅଧିକାରୀ ମାନଙ୍କୁ ବାରମ୍ବାର ଜଣାଇ ଥିଲେ ମଧ ସେମାନେ କୌଣସି ବ୍ୟବସ୍ଥା ନ କରିବାରୁ ଆଲୋଚନା ରେ ଅସ'ୋଷ ପ୍ରକାଶ ପାଇଥିଲା । ଜିଲ୍ଲା ଦଲିଲ ଲେଖକ ସଂଘର ବିଭିନ୍ନ ଅସୁବିଧା ସଂପର୍କରେ ରାଜ୍ୟ ସଂଘର କର୍ମକର୍ତାଙ୍କ ଆଗରେ ପ୍ରକାଶ କରି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି । ମୋହରିର ମାନେ କର୍ଯ୍ୟାଳୟରେ ଦଲିଲ ପିକରଣ କରିବା ସମୟରେ ଅଧିକାରୀ ମାନେ ତାଙ୍କୁ ଦୁଃବ୍ୟବହାର କରୁଥିବା ବିଷୟକୁ ତୀବ୍ର ବିରୋଧ କରାଯିବାକୁ ନିଷ୍ପତି ନିଆଯାଇଛି ।

# ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଡିପିଏସ୍ କଳିଙ୍ଗର ଶତପ୍ରତିଶତ ସଫଳତା

ଫୁଲନଖରା, (ସବ୍ୟୁ): ଫୁଲନଖରା ଅଡା ଲିଆସ୍ଥିତ ଓଡ଼ିଶାର ଅଗ୍ରଣୀ ସିବିଏସଇ ବିଦ୍ୟାଳୟ ଡିପିଏସ କଳିଙ୍ଗର ଛାତ୍ରଛାତ୍ରୀମାନେ ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରିଅଛନ୍ତି । ଚଳିତବର୍ଷ ଦଶମ ଶ୍ରେଣୀରେ ମୋଟ ୩୩୦ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୧୦୦ ଜଣ ୯୦% ରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ବେଳେ ଶ୍ରୀମାନ ଜୟାଦିତ୍ୟ ପ୍ରତିହାରୀ ୯୮.୪% ସହିତ ବିଦ୍ୟାଳୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଅଛନ୍ତି । ସେହିପରି କୁନାଲ ମିଶ୍ର ଓ ତନିସ୍କା ମୋହତା ଯଥାକ୍ରମେ ୯୮% ଓ ୯୭.୬% ନମ୍ବର ରଖି ୨ୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟକୁ ଶତ ପ୍ରତିଶତ ସଫଳତା ମିଳିଛି । ମୋଟ ୩୪୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୩ ଜଣ ୯୦% ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ସ୍ନେହାଶିଶ ଦାସ ୯୭.୪%,ଲକ୍ଷ୍ୟ ଖଣ୍ଡେଲୱାଲ୍ ୯୬.୬% ଓ ରିତେଶ ପରିଜା ୯୬% ନମ୍ବର ରଖି ଯଥାକ୍ରମେ ପ୍ରଥମ,୨ୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବାଣିଜ୍ୟରେ ସମର୍ଥ ଖଟୋର ୯୭% ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ରାଧିକା ଫୋଗଲ ୯୬.୬% ସହ ୨ୟ ଓ ଦୀୟା ସେଠୀ ୯୬.୨% ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି । ସେହିପରି କଳାରେ ଅନିନ୍ଦିତା ପଣ୍ଡା ୯୭.୬% ସହ ପ୍ରଥମ,ନାଇଶା ପାତ୍ର ୯୭.୪% ୨ୟ ସ୍ଥାନ ଓ ରିତିକା ମହାପାତ୍ର ୯୭.୨% ସହ ବିଦ୍ୟାଳୟରେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଚଳିତ ବର୍ଷର ଏହି ଉଲ୍ଲେଖନୀୟ ସଫଳତା ପାଇଁ ବିଦ୍ୟାଳୟର ପ୍ରୋ-ଭାଇସ ମାଡ଼ାମ ମାଲା ମିଶ୍ର,ଅଧକ୍ଷ ଶୁଭବ୍ରତ ମୁଖାର୍ଜୀ, ଏକ୍ଜିକ୍ୟୁଟିଭ ଟ୍ରଷ୍ଟି ମାଡ଼ାମ୍ ସୁନୟନା ପାତ୍ର ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଅଛନ୍ତି ।

# ଭିଜିଲାନ୍ସ ପଞ୍ଝାରେ ଲାଞ୍ଚୁଆ କାର୍ଯ୍ୟନିର୍ବାହୀ ଅଧିକାରୀ



ଖଣ୍ଡପଡ଼ା, (ସବ୍ୟୁ) : ଦୁର୍ନୀତିର ସବୁ ସୀମା ଟପିଥିବା ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଶେଷରେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଆଜି ସନ୍ଧ୍ୟାରେ ଜୈନେକ ଠିକାଦାରଙ୍କ ବକେୟା ବିଲ କରାଇଦେବାକୁ କହି ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ ମାଡ଼ି ବସିଛି । ଖଣ୍ଡପଡ଼ା ସହରାଞ୍ଚଳ ଉମାଦେବୀ ସାହିରେ ଥିବା ଏନଏସି କ୍ୱାର୍ଟରେ ଶ୍ରୀ ଧଳ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ମାଡ଼ି ବସିଥିବା ନେଇ ସୂଚନା ମିଳିଛି । ଅନ୍ୟପକ୍ଷରେ ଘଟଣାର ଖୋଳତାଡ଼ ନିମନ୍ତେ ଶ୍ରୀ ଧଳଙ୍କୁ ଅଜ୍ଞାତ ସ୍ଥାନକୁ ନେଇ ଭିଜିଲାନ୍ସ ବିଭାଗ ତନାଘନା କରୁଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ସନ୍ଧ୍ୟାରେ ଖଣ୍ଡପଡ଼ା ସହରାଞ୍ଚଳର ଜନୈକ ଠିକାଦାରଙ୍କୁ ନୂତନ କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ କରିବା ସହ ବକେୟା ବିଲ କରାଇଦେବାକୁ କହି ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ମାଡ଼ି ବସିଥିବା ସୂଚନା ମିଳିଛି । ଲାଞ୍ଚ ନେବା ଅଭିଯୋଗରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଧଳଙ୍କୁ ଗିରଫ କରି ନୟାଗଡ଼ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଅଧିକ ଖୋଳତାଡ଼ କରୁଥିବା ଜଣାପଡ଼ିଛି । ପ୍ରକାଶ ଥାଉକି ଶ୍ରୀ ଧଳ ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠୁ ବିଭିନ୍ନ କାର୍ଯ୍ୟ ବାବଦରେ ଠିକାଦାର ଏବଂ ଜନସାଧାରଣଙ୍କ ଠାରୁ ହଜାର ହଜାର ଟଙ୍କା ଲାଞ୍ଚ ନେଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା । ବିଭିନ୍ନ କାର୍ଯ୍ୟ ପାଇଁ ଖୋଲାଖୋଲି ଲାଞ୍ଚ ନେବା ଶ୍ରୀ ଧଳଙ୍କ ଅଭ୍ୟାସରେ ପରିଣତ ହୋଇଥିବା ଯୋଗୁ ସମସ୍ତେ ଅତିଷ୍ଠ ହୋଇପଡ଼ିଥିଲେ । ଗରିବ ଲୋକଙ୍କୁ ଆବାସ, ଭତ୍ତା, ରାସନ କାର୍ଡ କରାଇଦେବା ସହ ଠିକାଦାର ମାନଙ୍କୁ ନୂତନ କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ କରିବାକୁ ଏବଂ ବକେୟା ବିଲ କରେଇଦେବା ପାଇଁ ଖୋଲାଖୋଲି ଭାବେ ଲାଞ୍ଚ ନେଉଥିବା ଏଭଳି ଜଣେ ଲାଞ୍ଚୁଆ ଅଫିସର ପାଇଁ ଖଣ୍ଡପଡ଼ା ଏନଏସି ବାରମ୍ବାର ବଦନାମ ହୋଇ ଆସୁଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା । ତେଣୁ ଆଜି ଏଭଳି ଜଣେ ଦୁର୍ନୀତିଗ୍ରସ୍ତ ଅଫିସର ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି ।

# ବିସିସିଇର ଦ୍ୱାଦଶତମ ବାର୍ଷିକ ଉତ୍ସବ




ବାଲିପାଟଣା, (ସବ୍ୟୁ) : ଗୀତା ଇନଷ୍ଟିଚ୍ୟୁଟ ଅଫ ଇନଫରମେଶନ ଟେକନୋଲଜି ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଏବଂ ବନମାଳୀପୁର କମ୍ପ୍ୟୁଟର କୋଚିଂ ଏଜୁକେସନ ( ବିସିସିଇ ) ମିଳିତ ଆନୁକୂଲ୍ୟରେ ୧୨ ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇ ଯାଇଛି । ବନମାଳୀପୁର କଲେଜ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେଇ ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥି , ଡ଼ଃ ଅରବିନ୍ଦ ଢାଲି , ବନମାଳୀପୁର ମେଡିକାଲ ଡାକ୍ତର ପୃଥ୍ୱୀରାଜ ଅଂଶୁମାନ , ମହିଳା କାଉନସିଲର ଅନିମା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ' ମୁଁ ବି ପଢ଼ିବି, ଶିକ୍ଷିତ ସମାଜ ଗଢିବି ' ଅଭିଯାନକୁ ମନ୍ତ୍ରୀ ଶ୍ରୀ ନାୟକ ଉଦଘାଟନ କରିଛନ୍ତି ବଏହି ଅଭିଯାନରେ ଯୁକ୍ତ ୨ ଏବଂ ଯୁକ୍ତ ୩ ଅଧ୍ୟୟନରୁ ବଞ୍ଚିତ ଅସହାୟ ଛାତ୍ର, ଛାତ୍ରୀଙ୍କୁ ଅନୁଷ୍ଠାନ ସହଯୋଗରେ ପାଠ ପାଇବା ସହ ମାଗଣାରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବ ବୋଲି ବିସିସିଇ ନିର୍ଦେଶକ ମନୋରଞ୍ଜନ ସାହୁ ସୂଚନା ଦେଇଛନ୍ତି । ଅନୁଷ୍ଠାନର ଛାତ୍ର, ଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ସାହୁ , ମୁକେଶ ବେହେରା , ସବିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅନୁଷ୍ଠାନର ମୁଖ୍ୟ ପରିଚାଳିକା ସୋନି ସ୍ମିତା ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ , ଅଭିଭାବକ ଏବଂ ଦଳୀୟ କର୍ମକର୍ତା ଉପସ୍ଥିତ ଥିଲେ ।

### ବ୍ଲକ୍ ଫାଇନାନ୍ସ ଅଫିସର ଅତିରିକ୍ତ ଦାୟିତ୍ୱ ତୁଲାଇବେ ଉପକୋଷାଗାର ଅଧିକାରୀ

# ପଞ୍ଚାୟତ ସମିତିରେ ଅଚଳାବସ୍ଥା

ଟାଙ୍ଗୀ, (ସବ୍ୟୁ) : ଜନସାଧାରଣଙ୍କୁ ସହଜ ସରଳ ଉପାୟରେ ସେବା ଯୋଗାଇ ଦେବା ପାଇଁ ସରକାରଙ୍କର ବିଭିନ୍ନ ବିଭାଗ ଥିବା ବେଳେ ଜଣେ ଜଣେ ବିଭାଗୀୟ ଅଧିକାରୀ ମଧ୍ୟ ଅବସ୍ଥାପିତ ହୋଇଥିବା ବିଧିବ୍ୟବସ୍ଥା ରହିଛି । ବ୍ଲକ କାର୍ଯ୍ୟାଳୟ ଓ ଉପକୋଷାଗାର କାର୍ଯ୍ୟାଳୟ ଉଭୟ ନିଜ ନିଜ କ୍ଷେତ୍ରରେ ଗୁରୁତ୍ୱପୂର୍ଣ ଭୂମିକା ନିର୍ବାହ କରନ୍ତି । ଅର୍ଥ ବିଭାଗ ଏବେ ଏକ ନିର୍ଦେଶନାମା ଜାରି କରିଥିବା ଜଣାପଡିଛି। ଓଡିଶାର ୮୪ ଟି ବ୍ଲକରେ ଥିବା ଉପକୋଷାଗାର ଅଧିକାରୀମାନଙ୍କୁ ସଂପୃକ୍ତ ବ୍ଲକରେ ଥିବା ବ୍ଲକ ଫାଇନାନସ ଅଫିସର ଅତିରିକ୍ତ ଦାୟିତ୍ୱ ତୁଲାଇବା ପାଇଁ ସରକାରୀ ନିର୍ଦେଶନାମା ପ୍ରକାଶ ପାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ,ବାଣପୁର ଓ ଜଟଣୀ ଉପକୋଷାଗାର ଅଧିକାରୀ ବ୍ଲକ ଫାଇନାନସ ଅଫିସର ଭାବେ ଅତିରିକ୍ତ ଦାୟିତ୍ୱ ମୁଣ୍ଡାଇବାକୁ ନିର୍ଦେଶ ଦିଆଯାଇଛି । ଟାଙ୍ଗୀ ଉପକୋଷାଗାର କାର୍ଯ୍ୟାଳୟରେ ୧୨ଶହ ହିତାଧିକାରୀମାନଙ୍କ ପ୍ରତି ମାସରେ ପେନସନର ପେନସନ,ଅବସରପ୍ରାପ୍ତ ପେନସନ,ବକେୟା ପେନସନ,ନୂଆ ପେନସନ,ଦରମା,ବକେୟା ଦରମା,ବିଭିନ୍ନ କ୍ଲେମ, ପ୍ରାନ(ପରମାନେଣ୍ଟ ରିଟାରମେଣ୍ଟ ଆକାଉଣ୍ଟ ନମ୍ବର) ପ୍ରସ୍ତୁତି,ଜିଲ୍ଲା ଟ୍ରେଜେରି ଅଧିକାରୀ,ଡାଇରେକ୍ଟୋରେଟ ଅଫ ଟ୍ରେଜରି ଏଣ୍ଡ ଇନସପେକସନ,ଅଡିଟ,ତ୍ରୈମାସିକ ମିଟିଙ୍ଗ ଭଳି ଗୁରୁତ୍ୱପୂର୍ଣ କାର୍ଯ୍ୟ କରିବା ପରିସରଭୁକ୍ତ । ଟାଙ୍ଗୀ ଉପକୋଷାଗାର କାର୍ଯ୍ୟାଳୟରେ ବହୁ ଦୂର ଦୁରାନ୍ତରୁ ଆସୁଥିବା ହିତାଧିକାରୀ ଆବଶ୍ୟକ ପଡିଲେ ସକାଳୁ ଆସି କାର୍ଯ୍ୟାଳୟ ବନ୍ଦ ହେବା ପର୍ଯ୍ୟନ୍ତ ମଧ୍ୟ ଅପେକ୍ଷା କରନ୍ତି । ଏପରିକି ଏହି କାର୍ଯ୍ୟାଳୟର ଅଧିକାରୀ ଟାଙ୍ଗୀ ବ୍ଲକ ସମେତ ଚିଲିକା ବ୍ଲକ,ପୁଲିସ ବିଭାଗୀୟ କାର୍ଯ୍ୟକୁ ମିଶାଇ ୨୪ ଟି ଡିଡିଓ (ଡ୍ରଇଙ୍ଗ ଡିସବରସିଙ୍ଗ ଅଫିସର) ଙ୍କ ସମସ୍ତ କାର୍ଯ୍ୟ ତୁଲାଉଥିବା ବେଳେ ଟାଙ୍ଗୀ ବ୍ଲକରେ ଜଣେ ସ୍ୱତନ୍ତ୍ର ବ୍ଲକ ଫାଇନାନସ ଅଫିସର ପଦବୀ ଥିଲେ ମଧ୍ୟ ଅତିରିକ୍ତ ଦାୟିତ୍ୱ ଟାଙ୍ଗୀ ଉପକୋଷାଗାର ଅଧିକାରୀଙ୍କୁ ଦିଆଯାଇଥିବା ଜଣାପଡିଛି। ଟାଙ୍ଗୀ ବ୍ଲକ ଅଧିନସ୍ଥ ୨୬ ଟି ପଞ୍ଚାୟତ ସମେତ ପଞ୍ଚାୟତସମିତିର ବିଭିନ୍ନ ଉନ୍ନୟନ ପାଣ୍ଠିର ହିସାବ,ଅଡିଟ କାର୍ଯ୍ୟ ସମେତ ମାସ ମାସ ଧରି ଖାଲି ପଡିଥିବା ଅତିରିକ୍ତ ବିଡିଓ ଙ୍କ କାର୍ଯ୍ୟ,ଗୁରୁତ୍ୱପୂର୍ଣ ଜନସୂଚନା ଅଧିକାରୀ ଙ୍କ କାର୍ଯ୍ୟ ର ଦାୟିତ୍ୱ ଟାଙ୍ଗୀ ବ୍ଲକ ଫାଇନାନସ ଅଧିକାରୀଙ୍କ ଦାୟିତ୍ୱ ରେ ରହିଛି । ଏଭଳି ଦୁଇଟି କାର୍ଯ୍ୟାଳୟର ଦାୟିତ୍ୱ ଜଣେ ଅଧିକାରୀଙ୍କୁ ପ୍ରଦାନ ଫଳରେ ଟାଙ୍ଗୀ ପଞ୍ଚାୟତସମିତି ରେ ଅଚଳାବସ୍ଥା ଦେଖାଦେଇଛି । ଏଭଳି ଅବ୍ୟବସ୍ଥା ସଂପର୍କରେ ଟାଙ୍ଗୀ ବିଡିଓଙ୍କ ମତାମତ ତାଙ୍କର ଅନୁପସ୍ଥିତ ଯୋଗୁ ସମ୍ଭବ ହୋଇପାରିନଥିଲା । ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଟାଙ୍ଗୀ ବ୍ଲକ ସମେତ ପ୍ରତ୍ୟେକ ବ୍ଲକରେ ଜଣେ ସ୍ୱତନ୍ତ୍ର ବ୍ଲକ ଫାଇନାନସ ଅଫିସର ନିଯୁକ୍ତି ଆବଶ୍ୟକତାକୁ ଏଡାଇ ଦିଆଯାଇନପାରେ ।

## ବୀର ଯବାନଙ୍କ ଉଦ୍ଦେଶ୍ୟରେ ବାଇକ ରାଲି

ବାଲୁଗାଁ, (ସବ୍ୟୁ) : ଅପରେସନ ସିନ୍ଦୁରରେ ସାମିଲ ହୋଇ ଭାରତୀୟ ଯବାନ ପାକିସ୍ତାନ ଆତଙ୍କୀମାନଙ୍କୁ ଦୃଢ଼ ଜବାବ ଦେବା ସହିତ ପାକିସ୍ତାନ ମୁଣ୍ଡ ନୁଆଇଁ ଥିଲା । ଏହି ପରିପ୍ରେକ୍ଷୀରେ ବୀର ଯବାନମାନଙ୍କ ସମ୍ମାନ ପାଇଁ ଗୁରୁବାର ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଶାଳ ବାଇକ ରାଲିର ଆୟୋଜନ କରାଯାଇଥିଲା । ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ଓ ନଗରପାଳ ସୁକାନ୍ତି ପାଇକରାୟଙ୍କ ପୁତ୍ର ତଥା ଯୁବ ସଂଗଠକ ସନ୍ତୋଷ କୁମାର ପାଇକରାୟଙ୍କ ମିଳିତ ନେତୃତ୍ୱରେ ସମସ୍ତ କର୍ମଚାରୀ ଏବଂ ବାଲୁଗାଁ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ,ବ୍ୟବସାୟ ପ୍ରତିଷ୍ଠାନ ,ଦଳଗତ ର୍ନିବିଶେଷରେ ସମସ୍ତ ନେତୃବୃନ୍ଦ ଯୋଗଦେଇ ଜୟ ଯବାନ ଓ ଜୟ ଭାରତ ଧ୍ୱନିଦେଇ ବାଲୁଗାଁ ଥାନାଠାରୁ ବାଇକ ରାଲି ମାଧ୍ୟମରେ ନଗର ପରିକ୍ରମା କରିଥିଲେ । ଜୟ ଯବାନ ନାରାରେ ବାଲୁଗାଁ ପ୍ରକମ୍ପିତ ହୋଇଥିଲା ବେଳେ ଶେଷ ପର୍ଯ୍ୟାୟରେ ଚିଲିକାକୂଳରେ ରାଲି ପହଞ୍ଚି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବୀରଯବାନ ମାନଙ୍କ ଉଦ୍ଦେଶ୍ୟରେ ଅତିଥିମାନେ ବିରତ୍ୱର ଗାଥା ବର୍ଣ୍ଣନା କରିଥିଲେ ।

## ଖଣ୍ଡପଡା ସହରାଞ୍ଚଳ ହିତାଧିକାରୀଙ୍କ ରାସନକାର୍ଡ ଯାଞ୍ଚ ଦାବି

ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା ସହରାଚଂଳରେ ୧୩ ଗୋଟି ୱାର୍ଡ ରହିଛି । ବିଭିନ୍ନ ୱାର୍ଡରେ ଏବେବି ଅଯୋଗ୍ୟ ହିତାଧିକାରୀମାନଙ୍କ ନିକଟରେ ରାସନକାର୍ଡ ରହିଥିବା ନେଇ ସାଧାରଣରେ ଅଭିଯୋଗ ଉଠିଛି । ରାସନକାର୍ଡ ଖଣ୍ଡେ ହାତେଇବାକୁ ହେଲେ କେନ୍ଦ୍ର ଓ ରାଜ୍ୟ ସରକାର ଏକ ମାନଦଣ୍ଡ ପ୍ରଣୟନ କରିଛିଁ । ମାତ୍ର ଖଣ୍ଡପଡା ସହରାଚଂଳରେ ଏକରଏକର ଜମି, କୋଠାବାଡି, ଚାରି ଚକିଆ ଯାନ ଥିବା ବ୍ୟକ୍ତିମାନେ ପ୍ରଶାସନକୁ ଭୁକ ତଥ୍ୟ ଦେଇ କାଗଜପତ୍ରରେ ଚଟଂକତା କରି ରାସନ କାର୍ଡ ଖଣ୍ଡେଖଣ୍ଡେ ହାତେଇବାଥିବା ଜଣାପଡିଛି । ଏ ସଂପକର୍କରେ ପ୍ରଶାସନ ପକ୍ଷରୁ ତଦ' ହେଲେ ରାସନକାର୍ଡ ହିତାଧିକାରୀ ଚୟନରେ ହୋଇଥିବା ଦୁର୍ନୀତିର ପର୍ଦାଫାସ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି । ତେଣୁ ଏଥିପ୍ରତି ଖଣ୍ଡପଡା ବ୍ଲକ ଯୋଗାଣ ନୀରିକ୍ଷକ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖଣ୍ଡପଡା ସହରାଚଂଳର ହିତାଧିକାରୀମାନଙ୍କ ରାସନକାର୍ଡ ଯାଂଚ କରିବାକୁ ବୁଦ୍ଧିଜୀବି କହଲରୁ ଦାବି ହେଉଛି । ଅପରପକ୍ଷେ ସହରାଚଂଳର ବିଭିନ୍ନ ୱାର୍ଡରେ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଅଦ୍ୟାବଧି ରାସନକାର୍ଡ ଖଣ୍ଡେ ନଥିବାରୁ ସେମାନେ ଖାଉଟି ସାମଗ୍ରୀ ପାଇବାରୁ ବଂଚିତ ହୋଇଥିବା ଜଣାପଡିଛି । ନୟାଗଡ ଜିଲ୍ଲା ଯୋଗାଣ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଶ୍ରୀଲଙ୍କାରେ ଲଳିତ କବି ଆର୍ତ୍ତତ୍ରାଣ ସମ୍ବର୍ଦ୍ଧିତ

ନିରାକାରପୁର,(ସବ୍ୟୁ) : ଶ୍ରୀଲଙ୍କାର କଲୋମ୍ବିଆସ୍ଥିତ ବୌଜିଲୋକ ମାୱାଥା ଅନ୍ତର୍ଜାତୀୟ କନଫରେନ୍ସ ହଲରେ ଆନାଲିପି ଗ୍ରୁଫର ପ୍ରତ୍ୟକ୍ଷ ତ୍ୱାବଧାନରେ ଆନ୍ତଜାତୀୟ ଶିକ୍ଷା ସମ୍ମାନରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତର ଲଳିତ କବି ଆର୍ତତ୍ରାଣ ସାହୁଙ୍କୁ ପୂରଣ ଶାସ୍ତ୍ରୀୟ ଓଡ଼ିଆ କବି ରୂପେ ସମ୍ମାନିତ କରାଯାଇଛି । ଲଳିତ କବି ଆର୍ତତ୍ରାଣଙ୍କ ୧୨ ଖଣ୍ଡ ଭକ୍ତି ରସାତ୍ମକ କବିତା ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବାରୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ ପ୍ରସିଦ୍ଧ ତେଲୁଗୁ ଅଭିନେତା ମୋହମଦ ଏ ଅଲି । ସମ୍ମାନିତ ଅତିଥି ର ଯୋଗ ଦେଇଥିଲେ ଭେନେରେବୁଲ ବିଦ୍ୟାଭ୍ରାତା, ବିନା ଗାନ୍ଧୀ, ଜାଖିର ହୁସେନ । ୮ ଟି ଦେଶର ୩୫ ଜଣ କବିଙ୍କୁ ସମ୍ମାନିତ କରାଯାଇଛି ।

## ନେକ୍ସସ ହେଲ୍ଥ ଫାଉଣ୍ଡେସନର ପାନୀୟ ଜଳ ବଣ୍ଟନ

ନିମାପଡା,(ସବ୍ୟୁ) : ନେକ୍ସସ ହେଲ୍ଥ ଫାଉଣ୍ଡେସନର ମାର୍ଗଦର୍ଶକ ,ସତ୍ୟ ପ୍ରସାଦ ବଡ଼ ଜେନା, ପ୍ରତୀକ୍ଷା ମାଝୀ, ମୁକେଶ ପଣ୍ଡା, ପଣ୍ଟି ଛୋଟରାୟ,ସତ୍ୟ ନାରୟଣ ସାହୁ, ଫାଉଣ୍ଡେସନର ଫାଉଣ୍ଡର ସୁବ୍ରତ ମଲ୍ଲିକଙ୍କ ପରାମର୍ଶ କ୍ରମେ ଆଜି ଖେଲାର ବଜାରରେ ଫାଉଣ୍ଡେସନ ପକ୍ଷରୁ ପାନୀୟ ଜଳ ବଣ୍ଟନ କେନ୍ଦ୍ର ଖୋଲା ହୋଇଛି। ଏହାକୁ ଫାଉଣ୍ଡେସନର ସଦସ୍ୟ ସମ୍ବିତ କୁମାର ମହାନ୍ତି ଉଦ୍ଘାଟନ କରିଥିଲେ ।ଏହି ପାନୀୟ ଜଳ କେନ୍ଦ୍ରକୁ ,ଫାଉଣ୍ଡେସନର , ସର୍ବଜ୍ଞି ମିଶ୍ର, ଚନ୍ଦନ ମହାରଣା, ଗୋପାଳ ଭାରତୀ , ସଂଜୀବ ଖଟୋଇ, ଦେବାଶିଷ ଦାସ, ରଜତ ପ୍ରଧାନ, ଜିବନ ଜ୍ୟୋତି ସାମନ୍ତ ସିଂହଝର,ସନାତନ ଭାରତୀ,ସର୍ମି ଭାରତୀ, ପରିଚାଳାନା କରିଥିଲେ ।ରାସ୍ତାରେ ଯାଉଥିବା ଯାତ୍ରୀମାନେ ଜଳ ପାନକରି ତୃଷା ମେଣ୍ଟାଇଥିଲେ ।

## ସୁବାଷ ସେତୁ ଉପରେ ସିରିଜ ଦୁର୍ଘଟଣା

ବାରଙ୍ଗ, (ସବ୍ୟୁ) : ନେତାଜୀ ସୁବାଷ ସେତୁ ଉପରେ ସିରିଜ ଦୁର୍ଘଟଣା ଘଟିଥିବା ବେଳେ ଚାଳକମାନେ ସୌଭାଗ୍ୟକ୍ରମେ ବଞ୍ଚି ଯାଇଥିବାର ଜଣାପଡିଛି ।

ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ତ୍ରିଶୂଳିଆ ପଟରୁ କଟକ ଅଭିମୁଖେ ନେତାଜୀ ସୁଭାଷ ସେତୁ ଉପରେ ଯାଉଥିବା ଏକ କାରଟି ଟ୍ରାଫିକ ସମସ୍ୟା ପାଇ ଅଟକି ରହିଥିଲା । ଏହା ପଛକୁ ଦ୍ରୁତଗତିରେ ଆସୁଥିବା ଓଡି ୦୧ ଏଚ୍ ୯୫୯୫ ବୋଲେରୋ ଓ ତା'ପଛକୁ ଓଡି ୦୫ପି ୭୭୭୭ କାର ଆସି ପଛପଟରୁ ଧକ୍କା ଦେଇଥିଲା ।ଏହାପରେ ଦ୍ରୁତଗତିରେ ଆସି ଡି ୦୨ ସିଇ ୨୯୪୦ ଟ୍ରକଟି ପଛପଟରୁ ଧକ୍କା ଦେଇଥିଲା । ଟ୍ରକଟି ଧକ୍କା ଦେଇ ତା'ର ଚାଳକ କୌଶଳ କ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ତେବେ ଧକ୍କା ହେବା ଫଳରେ ଗାଡିଗୁଡିକ ଭାଙ୍ଗିରୁଜି ଯାଇଥିବାର ଦେଖିବାକୁ ମିଳିଥିଲା । କିନ୍ତୁ ଗାଡି ଚାଳକ ଓ ଗାଡ଼ିରେ ଥିବା ଲୋକମାନଙ୍କର କୌଣସି କ୍ଷତି ହୋଇଥିବାର ଜଣାପଡିଛି । ଘଟଣା ପରେ ପ୍ରାୟ ୧ଘଣ୍ଟା ପାଇଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ଖବର ପାଇ ମର୍କତନଗର ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ପାଗଳ ମାଙ୍କଡ କାମୁଡାରେ ପାଞ୍ଚ ଆହତ

ବାଙ୍କୀ, (ସବ୍ୟୁ) : ବାଙ୍କୀ ଥାନା ଶିଶୁଆ ଓ ବେଦପୁର ଗ୍ରାମରେ ଗତ ଦୁଇ ଦିନ ଧରି ଭିନ୍ନ ଭିନ୍ନ ଗାଆଁ ରେ ପାଗଳ ମାଙ୍କଡ କାମୁଡାରେ ପାଞ୍ଚ ଜଣ ଆହାତ ହୋଇ ଡ଼ାକ୍ତରଖନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏପରିକି ଛୋଟ ଛୋଟ ନାବାଳିକାମାନେ ବାହାରକୁ ବାହାରି ଯାଉଥିଲା ବେଳେ କାମୁଡି ଗୁରୁତର ଭାବେ ଆହତ କରୁଥିବାର ଦେଖା ଯାଇଛି। ବୁଧବାର ଦିନ ତିନି ଜଣ ଙ୍କୁ ଗୋଡ଼ାଇ କାମୁଡି ଥିବାବେଳେ, ଗୁରୁବାର ଦିନ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା ଟିଉସନକୁ ଯାଉଥିବା ବେଳେ ଗୋଡ଼କୁ ଖୁବ୍ ଜୋର୍ ରେ କାମୁଡ଼ିଲା। ରକ୍ତାକ୍ତ ଅବସ୍ଥାରେ ସଙ୍ଗେ ସଙ୍ଗେ ବାଙ୍କୀ ଡ଼ାକ୍ତରଖାନାକୁ ନିଆ ଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଚିକିତ୍ସା ପରେ ଏବ ଭୟଭୀତ ହୋଇ ଘରେ ରହୁଥିବା ପରିବାର ଲୋକେ କହିଛନ୍ତି। ବାଙ୍କୀ ବନ ବିଭାଗ ପହଞ୍ଚି ପାଗଳମାଙ୍କଡକୁ ଟ୍ରାଙ୍କୁଲାଇଜ କରି ଧରିବା ପାଇଁ ସାଧାରଣରେ ଦାବି ହେଉଛି । ନଚେତ ବାଙ୍କୀ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିରାଟ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା।

## କାକଟପୁରରେ ସୂଚନା ଅଧିକାର ଅଭିଯାନ କର୍ମଶାଳା ତାଲିମ ଶିବିର

କାକଟପୁର ,(ସବ୍ୟୁ) : ପୁରୀ ଜିଲ୍ଲା କାକଟପୁର ଠାରେ ସୂଚନା ଅଧିକାର ଆଇନ ଅଭିଯାନର ଏକ କର୍ମୀ ସମ୍ମିଳନୀ ବା ତାଲିମି ଶିବିର ସମରେନ୍ଦ୍ର ଦୀକ୍ଷିତଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ,ରାଜ୍ୟ ସଂଯୋଜକ ସୁଧୀର ମହାନ୍ତି , ପୁରୀ ଜିଲ୍ଲା ଆବାହକ ଦିବାକର ନାୟକ ,ବରିଷ୍ଠ କର୍ମୀ ପୂର୍ଣଚନ୍ଦ୍ର ନାୟକ, ରୁପେଶ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଆରଂମ୍ଭ କରିଥିଲେ । ସାରା ଜିଲ୍ଲାରେ ସରକାରଙ୍କ ବିଭିନ୍ନ ଯୋଜନା ରେ ସାଧାରଣ ନିରୀହ ଗରିବ ଲୋକ ମାନେ ଦୁର୍ନୀତିର ଶିକାର ହେଉଛନ୍ତି ତା ଉପରେ ଆଲୋଚନା ହୋଇଥିଲା । ନୂତନ ଭାବେ ଯୋଗଦେଇଥିବା ସୂଚନା ଅଧିକାର କର୍ମୀମାନଙ୍କୁ ବିଭିନ୍ନ ଅଫିସ ମାନଙ୍କରେ ହେଉଥିବା ଦୁର୍ନୀତି ପାଇଁ ସୂଚନା ଅଧିକାର ଆଇନି ଆଧାରରେ ତଥ୍ୟ ମାଗିବା, ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ସେ ବିଷୟରେ ସୂଚନା ଦେଇଥିଲେ । ଶିବିରରେ ତୁଷାର ବଳିୟାରସିଂହ, ଚିତ୍ତରଞ୍ଜନ ସେଠୀ , ବିଜୟ କୁମାର ବେହେରା ,ବସନ୍ତ କୁମାର ମଲ୍ଲ, ପ୍ରିୟବ୍ରତ ବିଶ୍ୱାଳ, ହୃଦାନନ୍ଦ ସାସମଲ,ଚିନ୍ମୟ ପୋଲେଇ , କରୁଣାକର ସେନାପତି ,ବିକାଶ ଚନ୍ଦ୍ର ରାୟ ସହିତ ଗଣ ମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ବାଙ୍କୀ ବ୍ଲକ୍ ସହକାରୀ ଯନ୍ତ୍ରୀଙ୍କ ବଦଳି, ରିଲିଭ କରିଦେଲେ ବିଡିଓ

ବାଙ୍କୀ, (ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ବ୍ଲକ ଓ ବାଙ୍କୀ ଡମପଡ଼ା ବ୍ଲକ୍ର କାର୍ଯ୍ୟରତ ଯନ୍ତ୍ରୀ ମାନଙ୍କୁ ବିଭିନ୍ନ ବ୍ଲକକୁ ବଦଳି କରିଛନ୍ତି କଟକ ଜିଲ୍ଲାପାଳ । ହେଲେ ଯନ୍ତ୍ରୀମାନେ ବାଙ୍କୀ ଛାଡ଼ିବାକୁ ଇଛା କରୁ ନଥିବା ବେଳେ ରାଜନୈତିକ ଚାପ୍ ପକାଇ ଏହି ପୁରୁଣା ବ୍ଲକରେ ରହିବା ପାଇଁ ଲବି ଆରମ୍ଭ କରି ଦେଇଥିଲେ । ହେଲେ ଦୀର୍ଘ ଛଅ ବର୍ଷରୁ ଉର୍ଦ୍ଧ୍ୱ ସମୟ ଗୋଟିଏ ବ୍ଲକ୍ରେ ରହିବା ସହିତ ର୍ନିଦ୍ଧିଷ୍ଟ ଗ୍ରାମ ପଞ୍ଚାୟତ ଦାୟୀତ୍ୱରେ ରହି କାର୍ଯ୍ୟ କରୁଥିବା ସମୟରେ ବହୁ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି କଟକ ଜିଲ୍ଲାର ଜିଲ୍ଲାପାଳଙ୍କ ଚିଠି ନମ୍ବର୧୬୭୮/ ତା ୧୭/୦୪/୨୦୨୫ ଅନୁଯାୟୀ ବାଙ୍କୀ ବ୍ଲକ୍ ରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ରୂପନ୍ୱିତା ସ୍ୱାଇଁ ଙ୍କୁ ନରସିଂହପୁର ବ୍ଲକ୍ କୁ ସେଠାରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ରାଉତରାୟ ଙ୍କୁ ବାଙ୍କୀ ବ୍ଲକ୍ କୁ ବଦଳି କରିଛନ୍ତି। ସେହିପରି ବାଙ୍କୀ ଡମପଡ଼ା ବ୍ଲକ୍ କନିଷ୍ଠ ଯନ୍ତ୍ରୀ ସମରେନ୍ଦୁ ସାମନ୍ତରାୟ ଓ ସବିତା ସ୍ୱାଇଁ ଙ୍କୁ ନରସିଂହପୁର ବ୍ଲକକୁ ବଦଳି କରାଯାଇଛି । ତାଙ୍କ ସ୍ଥାନରେ କନିଷ୍ଠ ଯନ୍ତ୍ରୀ ବିଶ୍ୱମୋହନ ନାୟକ ଓ ଅନିତା ନାୟକଙ୍କୁ ବାଙ୍କୀ ଡମପଡ଼ା ବ୍ଲକ୍କୁ ବଦଳି କରାଯାଇଛି । ହେଲେ ବଦଳି ହୋଇଥିବା ଯନ୍ତ୍ରୀମାନେ ଯିବାକୁ ଇଛା ପ୍ରକାଶ କରୁ ନ ଥିବାରୁ ଜିଲ୍ଲାପାଳଙ୍କ ଠାରୁ ନିର୍ଦେଶ ପାଇ ବାଙ୍କୀ ବ୍ଲକ୍ ବିଡିଓ ସହକାରୀ ଯନ୍ତ୍ରୀ ଶ୍ରୀମତୀ ସ୍ୱାଇଁ ଙ୍କୁ ଚିଠି ନମ୍ବର ୧୯୮୨/ ତା ୧୩.୦୫.୨୦୨୫ରେ ବାଙ୍କୀ ବ୍ଲକରୁ ରିଲିଭ୍ କରିଦେଇଛନ୍ତି। ତେବେ ଛଅ ବର୍ଷରୁ ଉର୍ଦ୍ଧ୍ୱ ରହିଥିବା ଅନ୍ୟ କନିଷ୍ଠ ଯନ୍ତ୍ରୀ ହୁଅନ୍ତୁ କି ସହକାରୀ ଯନ୍ତ୍ରୀ ହୁଅନ୍ତୁ ଯେଉଁ ମାନେ ଉପରିସ୍ଥ ଅଧିକାରୀଙ୍କୁ ହାତକରି ଏହି ଠାରେ ଅବସ୍ଥାପିତ ହୋଇଛନ୍ତି ସମସ୍ତଙ୍କୁ ଏହି ଦୁଇ ଗୋଟି ଯାକ ବ୍ଲକ୍ ରୁ ବଦଳି ତୁରନ୍ତ କରିବା ପାଇଁ ସାଧାରଣରେ ଦାବି ହେଉିଛି ।

## ବ୍ଲକ୍ କାର୍ଯ୍ୟାଳୟ ଆଗରୁ ଜବରଦଖଲ ଉଚ୍ଛେଦ ଦାବି

ଖଣ୍ଡପଡା,(ସବ୍ୟୁ):ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ଖଣ୍ଡପଡା ତହସିଲ ପ୍ରଶାସନ ଦୃଷ୍ଟି ଦେଉନାହିଁ । ଫଳରେ ଦୀପତଳ ଅନ୍ଧାର ପରି ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖସ୍ଥ ସରକାରୀ ଜାଗା ବର୍ଷ ବର୍ଷ ଧରି ଜବରଦଖଲକାରୀଙ୍କ କବଜାରେ କବଳିତ ହୋଇ ରହିଛି । ଖାଲି ସେତିକି ନୁହେଁ ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅବକାରୀ କାର୍ଯ୍ୟାଳୟ ଓ ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଜାଗାରେ ଜବରଦଖଲକାରୀ ମାନେ ସ୍ଥାୟୀ ଗୃହ ଓ ଦୋକାନ ଗୃହ ନିର୍ମାଣ କରି ରହି ଆସୁଛନ୍ତି । ଏଥିପ୍ରତି ପ୍ରଶାସନ ସଂପୂର୍ଣ୍ଣ ରୁପେ ଆଖି ବୁଜି ଦେଇଥିବା ସାଧାରଣରେ ଆଲୋଚନା ହେଉଛି । ସରକାରୀ କାର୍ଯ୍ୟାଳୟ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ଖଣ୍ଡପଡା ତହସିଲ ପ୍ରଶାସନ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଖଣ୍ଡପଡା ସହରବାସୀ ଦାବି କରୁିଛନ୍ତି ।

# ଗୋପ ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା




| 5. | Date & Time of availability of Bid Documents in the portal | : | 9.00 AM on dt.17-05-2025 up to 05.00 PM on dt.27-05-2025 |
| 6. | Last date & time for receipt of Bids in the portal. | : | 27-05-2025 at 05.00 PM. |
| 7. | Original Bids document received | : | Before 01.00 PM on dt.28-05-2025 |
| 8. | Bid opening Date | : | Dt.29.05.2025 at 11.00 AM |

The bidders have to participate in online bidding only. Further details can be seen from the website **https:// www.tendersodisha.gov.in**

**Sd/- Executive Officer
N.A.C. Padampur**

**OIPR : 13118/11/0029/2526**

---

HDFC BANK

## ସର୍ବସାଧାରଣଙ୍କ ନିମନ୍ତେ ସୂଚନା

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏଚ୍.ଡି.ଏଫ୍.ସି ବ୍ୟାଙ୍କ, ଅନୁଗୁଳ ମୁଖ୍ୟ ଶାଖା, ୧୦/୦୨/୨୦୨୫ ତାରିଖରେ ନିମ୍ନ ଠିକଣାରେ ସ୍ଥାନାନ୍ତରିତ କରାଯାଇଅଛି । ଏହାର ସମସ୍ତ କାର୍ଯ୍ୟ ନୂତନ ସ୍ଥାନରେ ଆରମ୍ଭ ହୋଇଛି । ଆପଣଙ୍କ ସୁବିଧା ପାଇଁ ଏହାର ଠିକଣା ନିମ୍ନସ୍ଥ ଦିଆଗଲା । ଅଧିକ ଜାଣିବା ପାଇଁ ଆପଣ ଏହି ଅନୁଗୁଳ ଶାଖା ବା ଦିଆଯାଇଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରନ୍ତୁ ।

**ନୂତନ ଠିକଣା**

**ଏଚ୍.ଡି.ଏଫ୍.ସି ବ୍ୟାଙ୍କ**
ଶଙ୍କର ସିନେମା ରୋଡ, ଗାନ୍ଧିମାର୍ଗ, ଅନୁଗୁଳ
ଜିଲ୍ଲା-ଅନୁଗୁଳ, ଓଡ଼ିଶା, ପିନ୍- ୭୫୯୧୨୨
ମୋ : ୯୩୩୮୮୨୪୬୯୧

---

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୭୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବିପିଏନଏସଆଇ ପକ୍ଷରୁ ଏଏମଏନଏସରେ ଦୁଇ ଦିନିଆ କର୍ମଶାଳା

ଭୁବନେଶ୍ୱର (ସବ୍ୟୁ): ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ପକ୍ଷରୁ ୧୪ ଓ ୧୫ ତାରିଖରେ ଏକ ଦୁଇ କର୍ମଶାଳା ରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିମିଟେଡ୍, ପାରାଦୀପ, ଓଡ଼ିଶାର କାର୍ଯ୍ୟରତ ବୃତ୍ତିଗତମାନଙ୍କ ପାଇଁ ଏକ ପ୍ରମୁଖ ବିଷୟଗୁଡ଼ିକ ଆଲୋଚନା କରାଯାଇଥିଲା । ଏଥିରେ ବିଶେଷଜ୍ଞ ବକ୍ତାମାନେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ ପ୍ରଦାନ କରିଥିଲେ ।

ଡକ୍ଟର ସାନ୍ତନୁ ମଣ୍ଡଳ (ସହାୟକ ପ୍ରଫେସର, ଆଇଆଇଟି ଭୁବନେଶ୍ୱର) ଏବଂ ଶ୍ରୀମତୀ ଶାଶ୍ୱତୀ ପରିସ୍ଥିତି, ଜଳବାୟୁ ପରିବର୍ତ୍ତନ ଏବଂ ଡିକାର୍ବୋନାଇଜେସନ ଉପରେ ଏକ ଆକର୍ଷଣୀୟ ଅଧିବେଶନର ନେତୃତ୍ୱ ନେଇଥିଲେ । ବୈଜ୍ଞାନିକ ଦୀପକ କୁମାର ପାତ୍ର (ବିଆଇଏସ୍ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର) ବିଆଇଏସ୍‌ଏବଂ ଏଚ୍‌ଏସ୍ କୋଡ୍



୨ ଦିନିଆ ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମ୍ (୩ପି) ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ଆୟୋଜନ କରିଥିଲା । ଏହି କର୍ମଶାଳାରେ ଖଣିଜ ପ୍ରକ୍ରିୟାକରଣ, ଶକ୍ତି ପରିସ୍ଥିତି, ଏବଂ ଇଔଗ ଏବଂ ଓଗ କୋଡ୍ ସମେତ ମହାନ୍ତି (ଯୁବ ବୃତ୍ତିଗତ, ବିପିଏନ୍‌ଏସ୍‌ଆଇ) ଖଣିଜ ପ୍ରକ୍ରିୟାକରଣ ବିଷୟରେ ଆଲୋଚନା କରିଥିଲେ । ପ୍ରଫେସର ସତ୍ୟପ୍ରିୟ ଶତପଥୀ (ବରିଷ୍ଠ ସହାୟକ ପ୍ରଫେସର, ବିପିଏନ୍‌ଏସ୍‌ଆଇ) ଶକ୍ତି ବିଷୟରେ ଏକ ସାରାଂଶ ପ୍ରଦାନ କରିଥିଲେ । କର୍ମଶାଳାଟି ଶ୍ରୀ ୟୁ.ଏସ୍.ଆର୍. ରାଜୁ ମୁଖ୍ୟ ଏଏମଏନଏସଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଏବଂ ଶ୍ରୀମତୀ ସୁପ୍ରିୟା ସ୍ୱାଇଁ ଡିଜିଏମ୍, ଏଚ୍‌ଆର ଏଠାରେ ଉପସ୍ଥିତ ଥିଲେ ।

# କମ୍ପାନୀ ସଚିବମାନଙ୍କର ଦ୍ୱିତୀୟ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ କମ୍ପାନୀ ସଚିବ ପ୍ରତିଷ୍ଠାନର ଓଡ଼ିଶା ଶାଖା ଦ୍ୱାରା କମ୍ପାନୀ ସଚିବ ମାନଙ୍କର ଦ୍ୱିତୀୟ ରାଜ୍ୟସ୍ତରୀୟ ସମ୍ମିଳନୀ ଭୁବନେଶ୍ୱର ସ୍ଥିତ ହୋଟେଲ ମେ ଫେୟାର ଠାରେ ଉଦ୍‌ଘାଟନ ହୋଇଯାଇଛି । ଚଳିତବର୍ଷର ବିଷୟବସ୍ତୁ ଥିଲା ରୋଲ୍ ଅଫ୍ ସିଏସ୍ ବିୟଣ୍ଡ୍ କର୍ପୋରେଟ ବାଉଣ୍ଡାରିଜ୍ । ଉକ୍ତ ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶିଳ୍ପ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗରର ରାଜ୍ୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଦେଶ ବିକାଶରେ କମ୍ପାନୀ ସଚିବ ମାନକର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଏଥିସହିତ ମୁଖ୍ୟମନ୍ତ୍ରୀଙ୍କର ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଅଭିଯାନ ରେ ସାମିଲ ହୋଇ ଦେଶ ଏବଂ ରାଜ୍ୟ କୁ ବିକାଶ ପଥରେ ଅଗ୍ରସର କରିବାରେ ଅଗ୍ରଣୀ



ଭୂମିକାରେ ଅବତୀର୍ଣ୍ଣ ହେବା ନିମନ୍ତେ ଆହ୍ୱାନ ଦେଇଥିଲେ । ତତ୍ ସହିତ ଏମ୍‌ଏସ୍‌ଏମଇ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଓଡ଼ିଶା ତାପଜ ବିଦ୍ୟୁତ୍ ନିଗମ ର ଅର୍ଥ ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ ଯୋଗ ଦେଇ କମ୍ପାନୀ ସଚିବ ମାନଙ୍କର କର୍ପୋରେଟ ଗଭର୍ଣ୍ଣାସ୍ କ୍ଷେତ୍ରରେ ଉଲ୍ଲେଖ ନୀୟ ଅବଦାନ ନିମନ୍ତେ ସାଧୁବାଦ୍ ଜଣେଇ ଥିଲେ ଏବଂ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଆଲୋକପାତ କରିବା ସହ ଏଥିରେ ପ୍ରଫେସନାଲ୍ ମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂସ୍ଥାନର ପୂର୍ବ କ୍ଷେତ୍ର ର ଅଧକ୍ଷ ଅନୁଜ୍ ଶାରଶ୍ୱତ୍, ପୂର୍ବତନ ଅଧକ୍ଷ ସୌମ୍ୟ ସୁଜିତ୍ ମିଶ୍ର, କମ୍ପାନୀ ସଚିବ ସଂସ୍ଥାନ ର ଭୁବନେଶ୍ୱର ଶାଖାର ଅଧକ୍ଷ ଶ୍ରୀମତୀ ସସ୍ମିତା ପଣ୍ଡା,ଉପାଧକ୍ଷ ଶ୍ରିମନ୍ତ ବାବୁ, ସମ୍ପାଦକ ନୀଳକଂଣ୍ଠ ସାମଲ ପ୍ରମୁଖ ଅଭିଭାଷଣ ପ୍ରଦାନ କରି ଥିଲେ । ଉକ୍ତ କର୍ମଶାଳା ରେ ହାରାହାରି ୨୦୦ ଜଣ କମ୍ପାନୀ ସଚିବ ଯୋଗ ଦେଇଥିଲେଛ ଏଥିରେ କମ୍ପାନୀ ଆଇନ ୨୦୧୩ ର ବିଭିନ୍ନ ଦିଗ ଉପରେ ଆଲୋଚନା କରା ଯାଇଥିଲା । ଉକ୍ତ କର୍ମଶାଳା ରେ ବରିଷ୍ଠ କମ୍ପାନୀ ସଚିବ ଦେବାଶିଷ ପାଣିଗ୍ରାହି, ସର୍ବୋଚ୍ଚ ନ୍ୟାୟାଳୟ ର ଅଧିବକ୍ତା ସର୍ତ୍ତିନ୍ଦର ସିଂ, ଏକ୍‌ଜ୍ୟୁକିଟିଭ୍ ଡାଇରେକ୍ଟ ଆଣ୍ଡ ଗ୍ଲୋବାଲ ସିଏଫ୍‌ଓ ପ୍ରିୟଙ୍କା ଗଠାନି, କମ୍ପାନୀ ସଚିବ ସନ୍ତୋଷ କୁମାର ପ୍ରମୁଖ ଯୋଗଦେଇ ଉପସ୍ଥିତ କମ୍ପାନୀ ସଚିବ ମାନଙ୍କୁ ଉଦବୋଧନ ଦେଇଥିଲେ । ସେହିପରି ସେସନ ମୋଡରେଟର ଭାବେ ସାଏସ୍ ସରୋଜ କୁମାର ରାୟ, ବିଶ୍ୱଜିତ୍ ମହାପାତ୍ର ଏବଂ ଶ୍ରୀମତି ସୁଜାତା ସରକାର କର୍ମଶାଳା ର ବିଭିନ୍ନ ବିଷୟ ଆଲୋଚନାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ଶାଖା ତରଫରୁ ଏକ ସ୍ମରଣିକା ଉନ୍ମୋଚନ କରା ଯାଇଥିଲା ।

# ଆସ୍ଥା ଫାଉଣ୍ଡେସନ ଓଡ଼ିଶା ପକ୍ଷରୁ ମାନବୀୟ କାର୍ଯ୍ୟ

କଟକ , (ସବ୍ୟୁ): ଅନନ୍ୟ ଆଦର୍ଶ,ମାନବବାଦ ଓ ସମାଜ ସେବାରେ ବ୍ରତୀ ଅଗ୍ରଣୀ ସାମାଜିକ ସଂଗଠନ ଆସ୍ଥା ଫାଉଣ୍ଡେସନ ଓଡ଼ିଶା ୨୦୧୭ ମସିହାରେ ଯୁବ ସମାଜସେବୀ ପ୍ରତିଭାଧର ଦିବ୍ୟାଂଶୁ ଆଚାର୍ଯ୍ୟ ଓ କିଛି ଯୁବ ବନ୍ଧୁ ମାନଙ୍କୁ ନେଇ ଆସ୍ଥା ଫାଉଣ୍ଡେସନ ଓଡ଼ିଶା ଗଠନ କରି ଖୁବ୍ ମହତ୍ୱ କାର୍ଯ୍ୟ କରି ଆଜି ସମାଜ ଆଗରେ ପ୍ରତିଷ୍ଠିତ । ରକ୍ତଦାନ,ଜନ ଜାଗରଣ,ଆଲୋଚନା ଚକ୍ର,ଆଶ୍ରମ ସେବା,ସୃଜନଶୀଳ ଲେଖନୀ,ପରିବେଶ ସୁରକ୍ଷା,କମ୍ବଳ ଓ ଖାଦ୍ୟ ବଣ୍ଟନ,ପଶୁପକ୍ଷୀ ମାନଂକ ପାଇଁ ଜଳ ପାତ୍ର ସ୍ଥାପନ,କଳା ସାହିତ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ସଙ୍ଗଠନ ତାର କାର୍ଯ୍ୟ ଅବ୍ୟାହତ ରଖିଛି । ଗ୍ରାମର ବିକାଶ ପାଇଁ ସବୁବେଳେ ଚେଷ୍ଟିତ ଓ ବିଭିନ୍ନ କାର୍ଯ୍ୟକ୍ରମ ଅୟୋଜନ କରି ଗ୍ରାମାଞ୍ଚଳ ପ୍ରତିଭାଙ୍କ ବିକାଶ ଓ ସମସ୍ତଙ୍କ ମନରେ ଦେଶ ପ୍ରେମ ଭରି ଦେବାରେ ସଙ୍ଗଠନ ସଦା ଜାଗ୍ରତ ଓ ପୂର୍ଣ୍ଣ ସଫଳତା ଲାଭ କରିଛି । ସଙ୍ଗଠନ ସ୍ୱେଚ୍ଛାସେବୀ ବର୍ଗ ବହୁ ଦୁର୍ଭେଦ୍ୟ ଅଂଚଳ ତଥା ବିକାଶ ଠାରୁ ଦୂରରେ ଥିବା ସ୍ଥାନ ମାନଙ୍କୁ ଯାଇ ସେଠି ଲୋକ ମାନଂକ ସେବା କରିବା,ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ସଚେତନ କରିବା ତଥା ସମାଜର ମୂଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରିବା ଭଳି ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ଯାହାକି ଉଦାହରଣ ସୃଷ୍ଟି କରିଛି । ଆସ୍ଥା ଫାଉଣ୍ଡେସନ ଓଡ଼ିଶାକୁ ଏହି ମାନବୀୟ କାର୍ଯ୍ୟ ନେଇ ରାଜ୍ୟ ସାରା ମିଳିଛି ଭୂୟସୀ ପ୍ରଶଂସା ଓ ସମ୍ବର୍ଧନା । ଚାରା ବଣ୍ଟନ ଓ ରୋପଣ,ରକ୍ତଦାନ ଶିବିର ଆୟୋଜନ,ସ୍ୱାସ୍ଥ୍ୟ ସେବା ଶିବିର, ଜଳଛତ୍ର, ପୂଜ୍ୟପୂଜା ଓ ରୋଗୀଙ୍କୁ ରକ୍ତ ଯୋଗାଇବା ଆଦି ଅନେକ ଗଠନ ମୂଳକ ମହ୍ତ କାର୍ଯ୍ୟ ସଂଗଠନ ପକ୍ଷରୁ ସମ୍ପାଦନ କରାଯାଇଛି ।

## ଚକ୍ଷୁ ଚିକିତ୍ସା ସେବା ବୃଦ୍ଧି ପାଇଁ ୪୯ ଲକ୍ଷ ଟଙ୍କାର ଅନୁଦାନ ଦେଲା ଏସବିଆଇ ସିକ୍ୟୁରିଟିଜ୍

ଭୁବନେଶ୍ୱର, (ସବ୍ୟୁ): ଏସବିଆଇ ସିକ୍ୟୁରିଟିଜ୍, ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପଦକ୍ଷେପର ଅଂଶ ଭାବରେ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ବିଭିନ୍ନ ଜିଲ୍ଲାରେ ଚକ୍ଷୁ ଚିକିତ୍ସା ସେବାକୁ ବୃଦ୍ଧି କରିବା ପାଇଁ ସାଇଟସେଭର୍ସ ଇଣ୍ଡିଆ ସହିତ ନେତ୍ର ବସନ୍ତ – ଗ୍ରାମୀଣ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାଇଁ ସହଯୋଗ କରିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ, ଏହି ପଦକ୍ଷେପ ଉନ୍ନତ ସ୍ୱାସ୍ଥ୍ୟସେବା ଭିତିଭୂମିର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସିଧାସଳଖ ସମ୍ବୋଧିତ କରେ, ବିଶେଷକରି ପ୍ରତିରୋଧକ ଚକ୍ଷୁ ଚିକିତ୍ସାରେ ଏହାର ଅବଦାନ ରହିଛି। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଏହି ଅଂଚଳର ଜିଲ୍ଲା ହସ୍ପିଟାଲ ଏବଂ ଏନଜିଓ ହସ୍ପିଟାଲଗୁଡ଼ିକୁ ସେମାନଙ୍କର ଚକ୍ଷୁ ବାହ୍ୟ ରୋଗୀ ବିଭାଗ (ଓପିଡି) ଏବଂ ଚକ୍ଷୁ ଅପରେସନ୍ ଥିଏଟର (ଓଟି) ପାଇଁ ଅତ୍ୟାବଶ୍ୟକ ଚିକିତ୍ସା ଉପକରଣ ଯୋଗାଇ ଦେଇ ସେମାନଙ୍କର କ୍ଷମତାକୁ ସୁଦୃଢ଼ କରିବା। ଏହି ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକ ସେମାନଙ୍କ ସମ୍ପ୍ରଦାୟକୁ ଉଲ୍ଲେଖନୀୟ ଚକ୍ଷୁ ଚିକିତ୍ସା ସେବା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ପ୍ରାୟତଃ ଗୁଣାତ୍ମକ ଚିକିତ୍ସା ପାଇବାରେ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦୁର୍ବଳ ଜନସଂଖ୍ୟାକୁ ସେବା ପ୍ରଦାନ କରିଥାଏ।

## ବିଜେଇଏମ୍ ସ୍କୁଲର ଗୌରବ

# ସିବିଏସ୍‌ଇ ଦଶମ ପରୀକ୍ଷାର ରାଜ୍ୟ ଟପ୍ପର ସୋମେଶ ପ୍ରଧାନ ସମ୍ବର୍ଦ୍ଧିତ



ଭୁବନେଶ୍ୱର (ସବ୍ୟୁ): ଚଳିତ ବର୍ଷ ସି.ବି.ଏସ୍.ଇ. ଦଶମ ପରୀକ୍ଷାରେ ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ସୋମେଶ ପ୍ରଧାନ ରାଜ୍ୟ ସ୍ତରରେ ସର୍ବାଧିକ ୫୦୦ ରୁ ୪୯୮ (୯୯.୬ ପ୍ରତିଶତ) ନମ୍ବର ରଖି ରାଜ୍ୟ ଟପ୍ପର ହୋଇ ଥିବାରୁ ବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ସୋମେଶ ପ୍ରଧାନ ନିଜର କୃତିତ୍ୱର କାହାଣୀ ଓ ବିଦ୍ୟାଳୟ, ପରିଚାଳନା କମିଟି, ପିତାମାତା ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅବଦାନ ସମ୍ପର୍କରେ କହିଥିଲେ । ମୋବାଇଲ ଠାରୁ ଦୂରରେ ରହି ଓ ପ୍ରତ୍ୟେକ ଦିନ ନିୟମିତ ଅଧ୍ୟୟନ କରି ସେ ସଫଳତା ପାଇଛନ୍ତି ବୋଲି ପ୍ରକାଶ କରିଥିଲେ । ଏଥିରେ ବିଦ୍ୟାଳୟର, ସଭାପତି, ପରିଚାଳକ, ବିଜେଇଏମ୍ ସ୍କୁଲର ଅଧ୍ୟକ୍ଷା, ଉପାଧ୍ୟକ୍ଷା ଏବଂ ବିଜେଇଏମ୍ ସ୍କୁଲ-୨ର ଅଧ୍ୟକ୍ଷ, ପରିଚାଳନା କମିଟିର ବରିଷ୍ଠ ସଦସ୍ୟବୃନ୍ଦ, ବିଦ୍ୟାଳୟର ପର୍ଯ୍ୟବେକ୍ଷକବୃନ୍ଦ ଏବଂ ସୋମେଶଙ୍କ ପିତା ଭୁପେଶ ପ୍ରଧାନ ଏବଂ ମାତା ସୌମ୍ୟା ଶୁଭଦର୍ଶିନୀ ରାଉଳ ଉପସ୍ଥିତ ରହି ଆଶୀର୍ବଚନ ପ୍ରଦାନ କରିଥିଲେ ।

# ବିଶିଷ୍ଟ ଲେଖକ ଶାନ୍ତନୁ ଆଚାର୍ଯ୍ୟଙ୍କ ୯୩ତମ ଜନ୍ମ ଉତ୍ସବ



ଭୁବନେଶ୍ୱର, (ସବ୍ୟୁ)ଢ: ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ୯୩ ତମ ଜନ୍ମଦିନ ଉତ୍ସବ ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଡ଼. ଇତି ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସରେ ବିଶିଷ୍ଟ ଅତିଥିଭାବେ କବି ରାଜେନ୍ଦ୍ର କିଶୋର ପଣ୍ଡା, ଲେଖକ କ୍ଷୀରୋଦ ଚନ୍ଦ୍ର ବେହେରା, ଲେଖକ ଦେବାଶିଷ ମିଶ୍ର ଯୋଗଦାନ କରିଥିଲେ। କବି ରାଜେନ୍ଦ୍ର କିଶୋର ପଣ୍ଡା କହିଥିଲେ ସମଗ୍ର କଳାତ୍ମକ ଓ ଉତ୍କର୍ଷ ଦୃଷ୍ଟିରୁ ଶାନ୍ତନୁ ଭାରତର ଅନ୍ୟତମ ଶ୍ରେଷ୍ଠ ବ୍ୟକ୍ତିତ୍ୱ। ଏଥିରେ ଅତିଥିଭାବେ ଯୋଗଦେଇ କ୍ଷୀରୋଦ ଚନ୍ଦ୍ର ବେହେରା କହିଥିଲେ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ମତରେ ମୃତ୍ୟୁ ଜୀବନର ଶେଷ କଥା ନୁହେଁ, ଏକ ସନ୍ଧିକ୍ଷଣ । ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦେବାଶିଷ ମିଶ୍ର କହିଥିଲେ ଦୃଶ୍ୟର ଅନ୍ତରାଳରେ ଚାଲିଥିବା ଜୀବନକୁ ରୂପ ଦେଇପାରନ୍ତି ଶ୍ରୀ ଆଚାର୍ଯ୍ୟ। ଯେଉଁଠି କଳ୍ପନାକୁ ମରିବାପାଇଁ ହଜାରେ ଉଦ୍ୟମ ହେଉଛି, ତାକୁ ଆବିଷ୍କାର ପ୍ରୟାସରେ ଥାନ୍ତି ସେ । ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପ୍ରଥମ ବକ୍ତବ୍ୟ ରଖିଥିଲେ। ଇତି ସାମନ୍ତଙ୍କ ସମ୍ପାଦିତ ଶାନ୍ତନୁ ସ୍ୱାକ୍ଷର, ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ଶାନ୍ତନୁ ଆଚାର୍ଯ୍ୟଙ୍କ ଆତ୍ମଜୀବନୀ ମୁଁ କିପରି ମୁଁ ହେଲି ଆଦି ପ୍ରକାଶିତ ହୋଇଥିଲା। ପକ୍ଷୀଘରର ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଭିନେତ୍ରୀ ନୃତ୍ୟଗୁରୁ ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆପୋଲୋ ହେଲଥକୋ ସହିତ ଏସବିଆଇ କାର୍ଡର ସହଯୋଗୀତା

# ପ୍ରଚଳନ କରୁଛି ଆପୋଲୋ ଏସବିଆଇ କାର୍ଡ ସିଲେକ୍ଟ କାର୍ଡ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ପିୟୋର-ପ୍ଲେ କ୍ରେଡିଟ କାର୍ଡ ଯୋଗାଣକାରୀ ଏସବିଆଇ କାର୍ଡ ଏବଂ ଭାରତର ସର୍ବବୃହତ ରିଟେଲ ଫାର୍ମାସୀ ନେଟୱର୍କ ଆପୋଲୋ ଫାର୍ମାସୀ ଓ ଦେଶର ଅଗ୍ରଣୀ ଓମନି-ଚ୍ୟାନେଲ ଡିଜିଟାଲ ହେଲଥ ପ୍ଲାଟଫର୍ମ ଆପୋଲୋ ୨୪/୭ ପରିଚାଳନା କରୁଥିବା ଆପୋଲୋ ହେଲଥକୋ ଏକ ଅନନ୍ୟ, ସ୍ୱାସ୍ଥ୍ୟ ଓ କଲ୍ୟାଣ ଉପରେ କେନ୍ଦ୍ରୀଭୂତ କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ- ଆପୋଲୋ ଏସବିଆଇ କାର୍ଡ ସିଲେକ୍ଟ କାର୍ଡ ପ୍ରଚଳନ ନିମନ୍ତେ ସେମାନଙ୍କର ରଣକୌଶଳାତ୍ମକ ଅଂଶୀଦାର ବ୍ୟବସ୍ଥାକୁ ପରିବ୍ୟାପ୍ତ କରିଛନ୍ତି । ଏହା ଏହି ଧରଣର ପ୍ରଥମ ପ୍ରିମିୟମ କ୍ରେଡିଟ କାର୍ଡ ଭାବରେ ସାମ୍ପ୍ରତିକ ସ୍ୱାସ୍ଥ୍ୟ -ସଚେତନ ଉପଭୋକ୍ତାଙ୍କର ପରିବର୍ତ୍ତିତ ଆବଶ୍ୟକତା ପ୍ରତି ଦୃଷ୍ଟିଦେବାକୁ ଡିଜାଇନ କରାଯାଇଛି, ଯାହା ସ୍ୱାସ୍ଥ୍ୟଯତ୍ନରେ ସଂଚୟ ଏବଂ ଆର୍ଥିକ ପୁରସ୍କାରର ଚମତ୍କାର ମିଶ୍ରଣ ପ୍ରଦାନ କରୁଛି। ଗ୍ରାହକମାନେ ସହଜରେ ଏହି କାର୍ଡପାଇଁ ଡିଜିଟାଲ ଉପାୟରେ ଆପୋଲୋ ୨୪/୭ ଆପରେ ଆବେଦନ କରିପାରିବେ ଏବଂ ସେମାନେ ଏସବିଆଇ କାର୍ଡ ୱେବସାଇଟ SBI Card.com କୁ ଯାଇ SBI Card SPRINT ଜରିଆରେ ମଧ୍ୟ ଆବେଦନ କରିପାରିବେ । ଗ୍ରାହକମାନେ ବଛା ବଛା ଆପୋଲୋ ଫାର୍ମାସୀ ଷ୍ଟୋରରେ ଏହି କାର୍ଡ ପାଇଁ ଆବେଦନ କରିପାରିବେ। ଆପୋଲୋ ଏସବିଆଇ କାର୍ଡ ସିଲେକ୍ଟ କାର୍ଡଧାରକମାନେ ଫାର୍ମାସୀ ଉତ୍ପାଦ, ସ୍ୱାସ୍ଥ୍ୟ ଯାଞ୍ଚ ପ୍ୟାକେଜ, ରକ୍ତ ପରୀକ୍ଷା, ଏବଂ ଆହୁରି ଅନେକ ସେବା ପାଇବାକୁ ଆପୋଲୋ ୨୪/୭ ଆପ ଏବଂ ଆପୋଲୋ ଫାର୍ମାସୀ ଷ୍ଟୋରଗୁଡିକ ଜରିଆରେ କାରବାର କରିବା ସମୟରେ ଏକ ପୁରସ୍କାରପ୍ରଦ ଅନୁଭୂତି ହାସଲ କରିବେ ।

## ଅଜୀମ ପ୍ରେମଜୀ ସ୍କଲାରସିପ

# ୨୦୨୪-୨୫ ବର୍ଷରେ ୨୫,୦୦୦ରୁ ଅଧିକ ଛାତ୍ରୀଙ୍କୁ ଦିଆଯିବ

ଭୁବନେଶ୍ୱର, (ସବ୍ୟୁ): ଅଜୀମ ପ୍ରେମଜୀ ଫାଉଣ୍ଡେସନ ପକ୍ଷରୁ ଛାତ୍ରୀଙ୍କ ନିମନ୍ତେ ଅଜୀମ ପ୍ରେମଜୀ ସ୍କଲାରସିପ ସମ୍ପର୍କରେ ଘୋଷଣା କରାଯାଇଛି। ଛାତ୍ରୀଙ୍କୁ ଏହି ସ୍କଲାରସିପ ସେମାନଙ୍କର ଉଚ୍ଚ ଶିକ୍ଷା (ସ୍ନାତକ) ଜାରି ରଖିବା ଅଥବା ହାସଲ କରିବାକୁ ପ୍ରଦାନ କରାଯିବ। ଅଜୀମ ପ୍ରେମଜୀ ସ୍କଲାରସିପ ପାଇଁ ଆବେଦନ କରିବାକୁ ଛାତ୍ରୀ ଯେକୌଣସି ସରକାରୀ ସ୍କୁଲ ଅଥବା ପୌରସଂସ୍ଥା ଦ୍ୱାରା ପରିଚାଳିତ ସ୍କୁଲରୁ ୧୦ମ ଏବଂ ୧୨ଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। ଏଥିସହିତ ଆବେଦନ କରିବା ସମୟରେ କୌଣସି ସରକାରୀ ପ୍ରତିଷ୍ଠାନ ଅଥବା ବିଶ୍ୱସନୀୟ ପ୍ରମାଣିତ ଘରୋଇ କଲେଜ ଅଥବା ବିଶ୍ୱବିଦ୍ୟାଳୟରେ ମାନ୍ୟତାପ୍ରାପ୍ତ ସ୍ନାତକ ଉପାଧି ଅଥବା ଡିପ୍ଲୋମାର ପ୍ରଥମ ବର୍ଷରେ ନିୟମିତ ଛାତ୍ର ଭାବରେ ନାମ ଲେଖାଇଥିବା ଆବଶ୍ୟକ। ଏହି ସ୍କଲାରସିପ ହାସଲ କରୁଥିବା ଛାତ୍ରୀଙ୍କୁ ସେମାନଙ୍କର ସ୍ନାତକ/ଡିପ୍ଲୋମା ପାଠ ଶେଷ କରିବା ପର୍ଯ୍ୟନ୍ତ ପ୍ରତିବର୍ଷ ୩୦,୦୦୦ ଟଙ୍କା ପ୍ରଦାନ କରାଯିବ । ଯଦି କୌଣସି ଛାତ୍ର ୪ବର୍ଷର ବିଏସସି ନର୍ସିଂ କୋର୍ସ କରୁଥାନ୍ତି, ତେବେ ସେ ଏହି ଚାରିବର୍ଷରେ ୧,୨୦,୦୦୦ ଟଙ୍କାର ସହାୟତା ପାଇବେ। ଏହି ଅର୍ଥରାଶି ପ୍ରତିବର୍ଷ ଦୁଇଟି କିସ୍ତିରେ ଛାତ୍ରୀଙ୍କର ବନ୍ଧାଙ୍କ ଖାତାରେ ସିଧା ଜମା କରାଯିବ। ଶିକ୍ଷାବର୍ଷ ୨୦୨୫-୨୬ରେ ପ୍ରାୟ ୨.୫ ଲକ୍ଷ ଛାତ୍ରୀଙ୍କୁ ଅଜୀମ ପ୍ରେମଜୀ ସ୍କଲାରସିପ ପ୍ରଦାନ କରାଯିବ । ଏଥର ଦେଶର ୧୮ଟି ରାଜନ୍ଧର ଛାତ୍ର ଛାତ୍ରୀ ସ୍କଲାରସିପ ପାଇଁ ଆବେଦନ କରିପାରିବେ ।

## ଏସ୍‌ସି,ଏସ୍‌ଟି ଓ ପଛୁଆବର୍ଗଙ୍କ ପାଇଁ ଲଢେଇ ଜାରି ରହିବ : ବିଜେଡି

# ୨୧ରେ ରାଜଭବନ ସମ୍ମୁଖରେ ବିଜେଡିର ବିଶାଳ ଗଣଧାରଣା

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଏସଇବିସି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକରେ ୧୧.୨୫ ପ୍ରତିଶତ ସିଟ ସଂରକ୍ଷଣ ବ୍ୟବସ୍ଥାର ରାଜ୍ୟ ବିଜେପି ସରକାରଙ୍କ ଘୋଷଣା ଓ ଏହାକୁ ଐତିହାସିକ ନିଷ୍ପତ୍ତି ବୋଲି ରାଜ୍ୟସରକାରଙ୍କ ଦାବିକୁ ବିଜେଡ଼ି ଏକ ଧୋକା ଓ ପ୍ରବଞ୍ଚନା ବୋଲି କହିଛି । ଏସଇବିସି ବା ଓବିସି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବିରେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଘୋଷଣା କରିଛି। ଶଙ୍ଖଭବନ ଠାରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ. ଅରୁଣ କୁମାର ସାହୁ, ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା, ସଞ୍ଜୟ ଦାସବର୍ମା ଓ ପ୍ରଦୀପ ମାଝୀ ପ୍ରମୁଖ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଥିଲେ । ଡ. ଅରୁଣ କୁମାର ସାହୁ କହିଥିଲେ, ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକରେ ଏସଇବିସି ଛାତ୍ରଛାତ୍ରୀଙ୍କ ୧୧.୨୫ ପ୍ରତିଶତସ୍ଥାନ ସଂରକ୍ଷଣ ପାଇଁ ରାଜ୍ୟସରକାରଙ୍କ ଘୋଷଣା ପଛୁଆବର୍ଗଙ୍କ ପାଇଁ ଏକ ଧୋକା ଓ ପ୍ରବଞ୍ଚନା। ରାଜ୍ୟସରକାରଙ୍କ ଦ୍ୱାରା, ଏହି ସମ୍ବନ୍ଧରେ ପ୍ରକାଶିତ ହୋଇଥିବା ବିଜ୍ଞପ୍ତିରେ ସ୍ପଷ୍ଟ ହୋଇଛି ଯେ, ଏହା କେବଳ ଅଣ ବୈଷୟିକ ଓ ଅଣ ବୃତ୍ତିଗତ ଉଚ୍ଚ ଶିକ୍ଷା ପାଇଁ ଉଦ୍ଦିଷ୍ଟ । ଯେଉଁ ଶିକ୍ଷାନୁଷ୍ଠାନ ଗୁଡିକରେ ରାଜ୍ୟସରକାରଙ୍କ ତରଫରୁ ପଛୁଆବର୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ସଂରକ୍ଷଣ ଘୋଷଣା କରାଯାଇଛି, ସେହି ଶିକ୍ଷାନୁଷ୍ଠାନ ମାନଙ୍କରେ ଥିବା ଆସନ ଗୁଡିକ ପ୍ରାୟତଃ ଖାଲି ପଡୁଛି । ଖାଲି ପଡୁଥିବା ଆସନ ଗୁଡିକ ପାଇଁ ସଂରକ୍ଷଣ ଘୋଷଣା କରିବା ଓ ଏହାକୁ ଐତିହାସିକ ବୋଲି ଦାବି କରିବା ଧୋକା ଓ ପ୍ରବଞ୍ଚନା ନୁହେଁ ତ ଆଉ କ'ଣ ବୋଲି ଡ. ସାହୁ ପ୍ରଶ୍ନ କରିଥିଲେ ।



ଡ. ସାହୁ ଆହୁରି କହିଥିଲେ, ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡିକରେ ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଗୋଟିଏ ଦାୟିତ୍ୱ ସମ୍ପର୍ଣ୍ଣ ବିରୋଧୀ ଦଳ ଭାବେ ବିଜୁଜନତା ଦଳ ରାଜ୍ୟସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଆସୁଛି । ବିଧାନସଭାରେ ମୁଲତବି ପ୍ରସ୍ତାବ ମାଧ୍ୟମରେ ଏହି ପ୍ରସଙ୍ଗ ଉଠାଇବା ସହିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦେଇଥିଲୁ । ଆମର ଦୃଢ଼ ଦାବି ଓ ରାଜ୍ୟର ପଛୁଆବର୍ଗଙ୍କ ଚାପର ବଶବର୍ତ୍ତୀ ହୋଇ ରାଜ୍ୟସରକାର ଅତ୍ୟନ୍ତ ତରବରିଆ ଭାବେ ଏହି ଘୋଷଣା କରିଛନ୍ତି । ରାଜ୍ୟସରକାର କ୍ଷମତାକୁ ଆସିବାର ଏକ ବର୍ଷ ପୂରଣ ହେବାକୁ ଯାଉଛି ଓ ଏହି ଏକ ବର୍ଷରେ ସରକାର ସେପରି କିଛି ଆଖି ଦୃଶିଆ ଉପଲବ୍ଧ ହାସଲ କରିପାରି ନାହାନ୍ତି । ତେଣୁ ତରବରିଆ ଭାବେ ସରକାର ଏଭଳି ଏକ ପ୍ରଭାବହୀନ ସଂରକ୍ଷଣ ଘୋଷଣା କରିଛନ୍ତି । ଯେଉଁ କ୍ଷେତ୍ରରେ ଆସନ ଖାଲି ପଡୁଛି ସେଠାରେ ସଂରକ୍ଷଣ ପାଇଁ ଘୋଷଣା କରା ଯାଇଛି କିନ୍ତୁ ଇଂ ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରାଯାଇ ନାହିଁ । ଏହାର ଅର୍ଥ ଇଞ୍ଜିନିୟରିଂ, ମେଡିକାଲ ଓ ଅନ୍ୟ ବୃତ୍ତିଗତ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ କୌଣସି ସଂରକ୍ଷଣ ନାହିଁ। ରାଜ୍ୟସରକାରଙ୍କ ଏହି ନିଷ୍ପତ୍ତିକୁ ପ୍ରତିବାଦ କରିବା ସହିତ ତୁରନ୍ତ ରାଜ୍ୟର ସମସ୍ତ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗ ନିମନ୍ତେ ୨୭ ପ୍ରତିଶତ ଆସନ ସଂରକ୍ଷଣ ଲାଗୁ କରିବା ପାଇଁ ବିଜେଡ଼ି ଦାବି କରୁଛି । ଏହି ଦାବିକୁ ନେଇ ଆସନ୍ତା ୨୧ ତାରିଖରେ ରାଜଭବନ ସମ୍ମୁଖରେ ବିଜୁଜନତା ଦଳ ତରଫରୁ ଏକ ବିଶାଳ ଗଣଧାରଣା ଦିଆଯିବ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଡ. ସାହୁ କହିଥିଲେ।

## ରୁଚି ଅନ୍ନପୂର୍ଣ୍ଣା କୁକ୍ ମିଟ୍

# ରନ୍ଧନ ବିଶେଷଜ୍ଞଙ୍କ ପାଇଁ ବିଶେଷ ପ୍ରୋତ୍ସାହନ ଘୋଷଣା

କଟକ, (ସ୍ୱପ୍ର): ରୁଚି ଫୁଡ୍‌ଲାଇନ୍‌ର ସୁବର୍ଣ୍ଣ ଜୟନ୍ତୀ ବର୍ଷ ପୂର୍ତ୍ତି ପାଳନର ପ୍ରାକ୍ ଅବସରରେ ରୁଚି ଅନ୍ନପୂର୍ଣ୍ଣା କୁକ୍ ମିଟ୍ କାର୍ଯ୍ୟକ୍ରମ ଶୁକ୍ରବାର ଚତୁର୍ଭୁଜ ଲିଗାସି ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱରର ୧୦୦ରୁ ଅଧିକ ବିଭିନ୍ନ ରନ୍ଧନ ବିଶେଷଜ୍ଞ ଓ ହୋଟେଲ ପ୍ରତିଷ୍ଠାନ ଗୁଡ଼ିକରେ କାର୍ଯ୍ୟକରୁଥିବା ସେଫ୍‌ମାନେ ଯୋଗ ଦେଇଥିଲେ । ଏଥିରେ ଅତିଥି ଭାବେ ଯୋଗଦେଇ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ରନ୍ଧନ ବିଶେଷଜ୍ଞମାନଙ୍କ ପାଇଁ ଏକ ବିଶେଷ ପ୍ରୋତ୍ସାହନର ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଯୋଗଦେଇଥିବା ଅଲ୍ ଓଡ଼ିଶା କ୍ୟାଟରସ୍ ଆସୋସିଏସନ୍‌ର ବରିଷ୍ଠ ଉପଦେଷ୍ଟା ପ୍ରବୋଧ ଦାସ, ରୁଚିର ପ୍ରାଧିକୃତ ବିକ୍ରେତା ଆଦିତ୍ୟ କୁମାର ଗଜେନ୍ଦ୍ର, ଅଲେଖ ଚନ୍ଦ୍ର ସାହୁ, କିଶୋର ଚନ୍ଦ୍ର ପାତ୍ର ଓ ପ୍ରମୋଦ କୁମାର ସାହୁଙ୍କୁ ବିଶେଷ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବର୍ଷୀୟାନ ରନ୍ଧନ ବିଶେଷଜ୍ଞ ଶିବରାମ ମଳିଆ, ସୁକାନ୍ତ ଦୀକ୍ଷିତ୍, କମଳଲୋଚନ ମଳିଆ, ଅକ୍ଷୟ କୁମାର ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ରୁଚି ମସଲାର ଗୁଣବତ୍ତା ଓ ଶୁଦ୍ଧତା ପାଇଁ ଆଜି ଏହା ଓଡ଼ିଶାର ଏକନମ୍ବର ବ୍ରାଣ୍ଡ ଭାବରେ ପରିଚୟ ଅର୍ଜନ କରିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସେଲ୍‌ସ ବିଭାଗ ମୁଖ୍ୟ ଦିଲ୍ଲୀପ ସାହୁ, କ୍ୱାଲିଟ ବିଭାଗର ମୁଖ୍ୟ ଅଶୋକ କୁମାର ନାୟକ ପ୍ରମୁଖ ରୁଚିର ବିଭିନ୍ନ କାର୍ଯ୍ୟକ୍ରମ ଓ ରନ୍ଧନ ବିଶେଷଜ୍ଞମାନଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କ ସହଯୋଗ ଓ ସହଭାଗିତା ପାଇଁ କୃତଜ୍ଞତା ଜଣାଇଥିଲେ । ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଅନୁଷ୍ଠାନର ଆଗାମୀ ସୁବର୍ଣ୍ଣ ଜୟନ୍ତୀ



ବର୍ଷର କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାର୍କେଟିଂ ବିଭାଗର ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର, ସୋନାଲି ସାହୁ, ନେହା ରାଓ, ପ୍ରଦୀପ କୁମାର ପ୍ରଧାନ, ଶୁଭାଶିଷ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ରୁଚି କର୍ପୋରେଟ ସେଲ୍ସର ମୁଖ୍ୟ ସାଇସଂବିତା ନାୟକ ଧନ୍ୟବାଦ ଜଣାଇଥିଲେ ।

# ଗାଜାରେ ଇସ୍ରାଏଲୀ ହମ୍‌ଲା: ୧୨୦ ମୃତ

**ଗାଜାସିଟି:**ଗାଜାରେ ଇସ୍ରାଏଲ ପକ୍ଷରୁ ଘନଘନ ଆକ୍ରମଣ ଜାରି ରହିଛି । ଗତ ଦୁଇଟି ରାତିରେ ଇସ୍ରାଏଲ ସେନା କରିଥିବା ଆକ୍ରମଣରେ ୧୨୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଇସ୍ରାଏଲ ସେନା ପ୍ରଥମେ ବୁଧବାର ରାତିରେ ଉତ୍ତର ଓ ଦକ୍ଷିଣ ଗାଜାରେ ବୋମା ମାଡ଼ କରିଥିଲା । ଏଥିରେ ପ୍ରାୟ ୭୦ ଜଣଙ୍କ ଜୀବନ ଯାଇଥିଲା । ଗୁରୁବାର ରାତି ପୁଣିଥରେ ଇସ୍ରାଏଲ ପକ୍ଷରୁ ଗାଜାର ଖାନ ୟୁନିସ ସହରରେ ଏୟାର ଷ୍ଟ୍ରାଇକ କରାଯାଇଛି । ଏହି ଏୟାର ଷ୍ଟ୍ରାଇକରେ ୫୪ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଫଳରେ ଦୁଇ ଦିନରେ ମୃତ୍ୟୁସଂଖ୍ୟା ୧୨୦ ପାର କରିଛି ।



ହମାସକୁ ମୂଳପୋଛ କରିବା ପାଇଁ ଗାଜାରେ ଇସ୍ରାଏଲ ଆକ୍ରମଣ କରୁଛି । ହେଲେ ଏଥିରେ ସାଧାରଣ ପାଲେଷ୍ଟାଇନ ନାଗରିକଙ୍କ ଜୀବନ ଯାଉଛି । ସେହିପରି ଇସ୍ରାଏଲର ଆକ୍ରମଣାତ୍ମକ ଆଭିମୁଖ୍ୟ ଯୋଗୁ ମାର୍ଚ୍ଚ ୨ରୁ ଗାଜା ସହରରେ କୌଣସି ପ୍ରକାରର ଅନ୍ତର୍ଜାତୀୟ ଜରୁରୀ ସହାୟତା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ଇସ୍ରାଏଲ ମାନବୀୟ ସହାୟତାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଏହାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି ।

ଯୁଦ୍ଧ କ୍ଷତିଗ୍ରସ୍ତ ଅଞ୍ଚଳରେ ସାଧାରଣ ମାନବୀୟ ସହାୟତାର ଆବଶ୍ୟକତାକୁ ପୂରଣ କରାଯିବା ଦରକାର ବୋଲି ବିଭିନ୍ନ ମାନବାଧିକାର ସଂଗଠନ ମତ ରଖିଛନ୍ତି । ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ଗାଜାରେ ଧ୍ୱଂସଲୀଳା ସୃଷ୍ଟି ହୋଇଥିବା କୁହାଯାଉଥିଲେ ହେଁ ତେଲ ଅଭିଭ ପକ୍ଷରୁ ଏଯାଏ ଏ ସମ୍ପର୍କରେ କୌଣସି ପ୍ରକାରର ପ୍ରତିକ୍ରିୟା ପ୍ରକାଶ ପାଇନି ।

ନ୍ୟୁଜ ଏଜେନ୍ସି ଏପିର ରିପୋର୍ଟ ଅନୁସାରେ, ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଇସ୍ରାଏଲର ଏୟାର ଷ୍ଟ୍ରାଇକର ପରେ ଗତ ୨୪ ଘଣ୍ଟା ମଧ୍ୟରେ ହସ୍ପିଟାଲକୁ ୮୨ଟି ମୃତଦେହ ଅଣା ଯାଇଥିଲା । ଏହା ମଧ୍ୟରେ ଖାନ ୟୁନିସ ସହରରୁ ଆସିଥିବା ୫୪ଟି ମୃତଦେହ ରହିଛି । ଏପରି ସ୍ଥିତି ସେତେବେଳେ ସୃଷ୍ଟି ହୋଇଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକାଧିକ ମଧ୍ୟପ୍ରାଚ୍ୟ ଦେଶକୁ ଗସ୍ତ କରିଛନ୍ତି । ସେ ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶକୁ ଯାଇଥିଲେ ହେଁ ଇସ୍ରାଏଲ ଗସ୍ତ କରି ନାହାନ୍ତିଛ କୁହାଯାଉଥିଲା ଯେ ଟ୍ରମ୍ପଙ୍କ ମଧ୍ୟପ୍ରାଚ୍ୟ ଗସ୍ତ ପରେ ଗାଜାକୁ ଅଟକିଥିବା ମାନବୀୟ ସହାୟତା ପୁନଃ ଚାଲୁ ହେବ । ହେଲେ ସେଭଳି କିଛି ହୋଇନ । ବରଂ ଗାଜା ଉପରେ ଇସ୍ରାଏଲ ତା'ର ଆକ୍ରମଣକୁ ଜୋରଦାର କରିଛି ।

ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଥିଲେ ଯେ ଗାଜାରେ ଦେଶର ସାମରିକ କାର୍ଯ୍ୟାନୁଷ୍ଠାନ ଜୋରଦାର ହେବ । ହମାସ ଆତଙ୍କବାଦୀ ସଂଗଠନକୁ ମାଟିରେ ନ ମିଶାଇବା ଯାଏ ଇସ୍ରାଏଲ ତା'ର ଅପରେସନକୁ ବନ୍ଦ କରିବ ନାହିଁ । ଏବେ ସେହି ଦିଗରେ ଇସ୍ରାଏଲ ସେନା ଆଗେଇ ଚାଲିଛନ୍ତି ।

## ୪୮ ଘଣ୍ଟାରେ ୬ ଆତଙ୍କୀ ନିପାତ

**ନୂଆଦିଲ୍ଲୀ:** ଭାରତୀୟ ସେନା ପକ୍ଷରୁ ଦୁଇ ପୃଥକ ଅପରେସନ କରାଯାଇ ୪୮ ଘଣ୍ଟା ମଧ୍ୟରେ ୬ ଆତଙ୍କୀଙ୍କୁ ଜାମ୍ମୁ-କାଶ୍ମୀରର ବିଭିନ୍ନ ସ୍ଥାନରେ ନିପାତ କରାଯାଇଛି । ମୃତ ଆତଙ୍କୀଙ୍କ ମଧ୍ୟରେ ଜଣେ ଆତଙ୍କୀ ମାର୍ଚ୍ଚ ମାସରେ ଜଣେ ସରପଞ୍ଚଙ୍କୁ ହତ୍ୟା କରିବାରେ ସମ୍ପୃକ୍ତ ଥିଲା ।

ମେଜର ଜେନେରାଲ ଧନଞ୍ଜୟ ଯୋଶୀ, ଜିଓସି ଭି ଫୋର୍ସ ଗଣମାଧ୍ୟମକୁ କହିଛନ୍ତି ଯେ କେଲାରଠାରେ ଆତଙ୍କୀ ଗୋଷ୍ଠୀ ଲୁଚିଥିବାର ସେନାକୁ ସୂଚନା ଗତ ୧୨ ତାରିଖରେ ମିଳିଥିଲା । ତା'ର ପରଦିନ ସକାଳୁ ସୁରକ୍ଷାବଳ ଅପରେସନ ଆରମ୍ଭ କରିଥିଲେ । ତେବେ ଆତଙ୍କୀମାନେ ଏହି ଅପରେସନ ବିରୋଧରେ ପ୍ରଥମେ ଗୁଳି ଚଳାଇବା ଆରମ୍ଭ କରିଥିଲେ । ତେବେ ସେନା ସଫଳତାର ସହ ସେମାନଙ୍କୁ ହତ୍ୟା କରିଥିଲା । ଦ୍ୱିତୀୟ ଅପରେସନ ସୀମାବର୍ତ୍ତୀ ଗାଁ ତ୍ରାଲ୍‌ଠାରେ ହୋଇଥିଲା । ପ୍ରଥମେ ଏହି ଗାଁକୁ ଘେରାଉ କରିଦିଆଯାଇଥିଲା । ଆତଙ୍କବାଦୀମାନେ ବିଭିନ୍ନ ଘରେ ରହି ସେନା ଉପରକୁ ଗୁଳି ଚଳାଇଥିଲେ । ତେବେ ଏଠି ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେବା ଆହ୍ୱାନ ଥିଲା । ତଥାପି ସେନା ସଫଳତାର ସହ ଆତଙ୍କୀଙ୍କୁ ନିପାତ କରିବାରେ ସମର୍ଥ ହୋଇଥିଲା । ତ୍ରାଲ୍ ଅପରେସନ ଜଙ୍ଗଲ ଅଞ୍ଚଳରେ ଚାଲିଥିଲା । ଅନ୍ୟପଟେ ପୁଲାୱାମା ଅପରେସନ ପାଇନ୍ ଗଛ ଘେରା ଗାଁ ଭିତରେ ହୋଇଥିଲା । ପୁଲୱାମାଠାରେ ଜେଇଏମ୍‌ର ୩ ଆତଙ୍କୀ ନିପାତ କରାଯାଇଥିଲା ।

## ଗୁଜରାଟ ସମାଚାରର ସହ ପ୍ରତିଷ୍ଠାତା ଗିରଫ

**ନୂଆଦିଲ୍ଲୀ:** ଗୁଜରାଟ ସମାଚାରର ସହ ପ୍ରତିଷ୍ଠାତା ବାହୁବଳୀ ଶାହଙ୍କୁ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ଗିରଫ କରିଛି । ଗୋଟିଏ ମନି ଲଣ୍ଡରିଂ ମାମଲାରେ ଏପରି ଗିରଫଦାରୀ ହୋଇଛି । ସମ୍ବାଦପତ୍ରର ମାଲିକ ବ୍ୟତୀତ ଶାହ ୧୫ଟି ଭିନ୍ନ ଭିନ୍ନ ବ୍ୟବସାୟିକ ସଂସ୍ଥା ସହ ଜଡ଼ିତ । ପ୍ରଥମେ ଇଡି ମନିଲଣ୍ଡରିଂ ମାମଲାରେ ତାଙ୍କର ବିଭିନ୍ନ ଠିକଣାରେ ରେଡ କରିଥିଲା । ଏହାପରେ ତାଙ୍କୁ ଗିରଫ କରାଯାଇଛି । ଶାହ ହେଉଛନ୍ତି ଲୋକ ପ୍ରକାଶନ ଲିଃର ଅନ୍ୟତମ ନିର୍ଦ୍ଦେଶକ । ଲୋକ ପ୍ରକାଶନ ଲିଃ ଅଧୀନରେ ଗୁଜରାଟ ସମାଚାର ଖବରକାଗଜ ଓ ଜିଏସଟିଭି ଚ୍ୟାନେଲ ରହିଛି । ତାଙ୍କ ବଡ଼ ଭାଇ ଶ୍ରେୟାଂଶ ଶାହ ଖବରକାଗଜର ମ୍ୟାନେଜିଂ ଏଡିଟର । ଗିରଫଦାରୀ ପରେ ଶାହଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା । ତେଣୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ପୁଟିନଙ୍କୁ ଭେଟିବେ ଟ୍ରମ୍ପ



**ଆବୁଧାବି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଦିନ କହିଛନ୍ତି ଯେ ସେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ସିଧାସଳଖ ଆଲୋଚନା କରିବାକୁ ଯାଉଛନ୍ତି । ଟ୍ରମ୍ପଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ପୁଟିନ ତୁର୍କୀର ଇସ୍ତାନବୁଲରେ ହେବାକୁ ଥିବା ରୁଷ-ୟୁକ୍ରେନ ଶାନ୍ତି ଆଲୋଚନାରେ ଅଂଶଗ୍ରହଣ କରିବାକୁ ମନା କରିଦେଇଥିଲେ । ମୁଁ ଭାବୁଛି ଆମ ପାଇଁ ମୁହାଁମୁହିଁ ବସିବାର ସମୟ ଆସିଛି, ମଧ୍ୟପ୍ରାଚ୍ୟର ଚାରି ଦିନିଆ ଗସ୍ତରେ ଥିବା ଟ୍ରମ୍ପ ଆବୁଧାବିରେ ସାମ୍ବାଦିକମାନଙ୍କୁ କହିଛନ୍ତି । ଟ୍ରମ୍ପ ସ୍ପଷ୍ଟ କରିଥିଲେ ଯେ ପୁଟିନଙ୍କ ଆଲୋଚନାରୁ ଓହରିଯିବା ତାଙ୍କୁ ଆଶ୍ଚର୍ଯ୍ୟ କରିନାହିଁ । ଟ୍ରମ୍ପ ନିଶ୍ଚିତ କରିଛନ୍ତି ଯେ ସେ ପୁଟିନଙ୍କ ସହ ସିଧାସଳଖ କଥା ହେବେ ଏବଂ ବୈଠକ ଯେତେଶୀଘ୍ର ସମୟ ନିର୍ଦ୍ଧାରିତ ବୈଠକ ଅନୁଷ୍ଠିତ ହେବ ।

## ୧୮ ପର୍ଯ୍ୟନ୍ତ ବଢ଼ିଲା ଅସ୍ତ୍ରବିରତି ଅବଧି

**ଶ୍ରୀନଗର:** ବିଳା ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଅବଧି । ଉଭୟ ଦେଶର ସହମତିରେ ମେ ୧୦ ତାରିଖରେ ଭାରତ-ପାକିସ୍ତାନ ସୀମାରେ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ । ଗୁରୁବାର ପର୍ଯ୍ୟନ୍ତ ତାହାର ଅବଧି ରହିଥିଲା । ଏବେ ସେହି ଅବଧିକୁ ବୃଦ୍ଧି କରାଯାଇ ମେ ୧୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଉଭୟ ଦେଶ ସମସ୍ତ ସୀମାନ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ଉପରେ ବିରତି ବୃଦ୍ଧି କରିବାକୁ ରାଜି ହୋଇଛନ୍ତି । ୨୦୨୫ ମେ ୧୦ ତାରିଖରେ ଦୁଇ ଡିଜିଏମ୍‌ଓ ମଧ୍ୟରେ ବୁଝାମଣା ସହିତ ଏହି ଅସ୍ତ୍ରବିରତି ଲାଗୁ ହୋଇଥିବା ବେଳେ ଏବେ ସୁରକ୍ଷା ଦୃଷ୍ଟିରୁ ଏହାର ଅବଧି ଆହୁରି କିଛି ଦିନ ବାଇ ଦିଆଯାଇଛି ।

ପିଟିଆଇର ରିପୋର୍ଟ ଅନୁଯାୟୀ, ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର ଦାବି କରିଛନ୍ତି ଯେ ପାକିସ୍ତାନର ଡିଜିଏମଓ ମେଜର ଜେନେରାଲ କାଶିଫ ଅବଦୁଲ୍ଲା ଏବଂ ଭାରତର ଡିଜିଏମଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ଗୁରୁବାର ଯୁଦ୍ଧବିରତି ଉପରେ ଆଲୋଚନା କରିଥିଲେ । ଯାହାକୁ ବର୍ତ୍ତମାନ ମେ ୧୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ମେ ୭ ମଧ୍ୟରାତ୍ରି ପରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଶିବିର ଉପରେ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା । ପାକିସ୍ତାନ ସୀମା ନିକଟରେ ସାମରିକ ଘାଟି ଉପରେ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିବା ପରେ ଗୋଟିଏ ଦିନ ପରେ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା, ଯାହାକୁ ଭାରତ ପଣ୍ଡ କରିଥିଲା । ତିନି ଦିନର ତୀବ୍ର ସାମରିକ ଶତ୍ରୁତା ପରେ ପାକିସ୍ତାନର ଡିଜିଏମଓ ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କୁ ଫୋନ୍ କରି ସମସ୍ତ ପ୍ରକାର ସୀମାପାର ଗୁଳିମାଡ଼ ବନ୍ଦ କରିବାକୁ କହିବା ପରେ ମେ ୧୦ ତାରିଖରେ ଉଭୟ ଦେଶ ଉଭୟ ପାର୍ଶ୍ୱରୁ ଗୁଳିମାଡ଼ ବନ୍ଦ କରିବାକୁ ରାଜି ହୋଇଥିଲେ ।

## ତାଲିବାନର ନୂଆ ରଣନୀତି

# ପାକ୍‌କୁ ବିରୋଧ, ଭାରତକୁ ସମର୍ଥନ

**ନୂଆଦିଲ୍ଲୀ :** ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଆଫଗାନିସ୍ତାନର କାର୍ଯ୍ୟକାରୀ ବୈଦେଶିକ ମନ୍ତ୍ରୀ ମଓ୍ୱଲାଓ୍ୱି ଆମିର ଖାନ ମୁତାକିଙ୍କ ସହ ଟେଲିଫୋନରେ କଥାବାର୍ତ୍ତା କରିଛନ୍ତି । ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ସହଯୋଗକୁ ମଜବୁତ କରିବା ପାଇଁ ଆଲୋଚନା କରିଛନ୍ତ । ଜୟଶଙ୍କର ପହଲଗାମରେ ଆତଙ୍କବାଦୀ ଆକ୍ରମଣର ମୁତାକିଙ୍କ କଡ଼ା ନିନ୍ଦାକୁ ମଧ୍ୟ ପ୍ରଶଂସା କରିଥିଲେ । ମିଥ୍ୟା ଏବଂ ଭିତ୍ତିହୀନ ରିପୋର୍ଟ ମାଧ୍ୟମରେ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରିବାର ସାମ୍ପ୍ରତିକ ପ୍ରୟାସକୁ ଆଫଗାନ ମନ୍ତ୍ରୀଙ୍କ ଦୃଢ଼ ପ୍ରତ୍ୟାଖ୍ୟାନକୁ ମଧ୍ୟ ସେମାନେ ସ୍ୱାଗତ କରିଛନ୍ତି ।ଜୟଶଙ୍କର ଲେଖିଛନ୍ତି ଯେ ଆଜି ସନ୍ଧ୍ୟାରେ ତାଙ୍କର ଆଫଗାନିସ୍ତାନର କାର୍ଯ୍ୟକାରୀ ବୈଦେଶିକ ମନ୍ତ୍ରୀ ମଓ୍ୱଲାଓ୍ୱି ଆମିର ଖାନ ମୁତାକିଙ୍କ ସହ ଭଲ ଆଲୋଚନା ହୋଇଛି । ପହଲଗାମ ଆତଙ୍କବାଦୀ ଆକ୍ରମଣର ସେ ନିନ୍ଦା କରିଥିବାରୁ ମୁଁ ହୃଦୟର ସହିତ ପ୍ରଶଂସା କରୁଛି । ତାଲିବାନ ଓ ପାକିସ୍ତାନ ମଧ୍ୟରେ ଡ୍ୟୁରାଣ୍ଡ ଲାଇନକୁ ନେଇ ସୀମା ବିବାଦ ରହିଛି । ସେହିପରି ତେହେରିକ-ଏ-ତାଲିବାନ ପାକିସ୍ତାନକୁ ବି ଆଫଗାନ ତାଲିବାନ ସମର୍ଥନ କରୁଥିବା ପାକିସ୍ତାନ କହୁଛି । ଏଣୁ ଏହାକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବଡ଼ ବିବାଦ ରହିଛି ।ତେବେ ଏଠାରେ ପ୍ରଶ୍ନ ଉଠେ ଯେ ଦିନେ ପାକିସ୍ତାନର ବନ୍ଧୁ ଥିବା ତାଲିବାନ ଏବେ ଭାରତ ଆଡ଼କୁ ଢଳୁଛି କାହିଁକି ? ଏହାର କାରଣ ହେଉଛି ତାଲିବାନ ଓ ପାକିସ୍ତାନ ମଧ୍ୟରେ ଡ୍ୟୁରାଣ୍ଡ ଲାଇନକୁ ନେଇ ସୀମା ବିବାଦ ରହିଛି । ସେହିପରି ତେହେରିକ-ଏ-ତାଲିବାନ ପାକିସ୍ତାନକୁ ବି ଆଫଗାନ ତାଲିବାନ ସମର୍ଥନ କରୁଥିବା ପାକିସ୍ତାନ କହୁଛି । ଏଣୁ ଏହାକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବଡ଼ ବିବାଦ ରହିଛି । ଅନ୍ୟପକ୍ଷରେ ଆର୍ଥିକ ସଂକଟରେ ପଡ଼ିଥିବା ଆଫଗାନିସ୍ତାନକୁ ଭାରତ ଅନେକ ସହାୟତା ଯୋଗାଇଦେଇଛି । ସେଠାରେ ଅନେକ ବିକାଶମୂଳକ କାମ କରିଛି ।



# ଇଣ୍ଡିଆ ମେଣ୍ଟର ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ: ଚିଦାମ୍ବରମ

**ନୂଆଦିଲ୍ଲୀ:** ବରିଷ୍ଠ କଂଗ୍ରେସ ନେତା ଏବଂ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ 'ଇଣ୍ଡିଆ' ମେଣ୍ଟ ଉପରେ ଚିନ୍ତା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବିରୋଧୀ ଦଳଗୁଡ଼ିକର ଏହି ମେଣ୍ଟ ଏବେ ବି ସମ୍ପୂର୍ଣ୍ଣ ଏକଜୁଟ ଅଛି କି ନାହିଁ ସେ ସମ୍ପୂର୍ଣ୍ଣ ନିଶ୍ଚିତ ନୁହଁନ୍ତି । ସଲମାନ ଖୁର୍ସିଦ ଏବଂ ମୃତ୍ୟୁଞ୍ଜୟ ସିଂହ ଯାଦବଙ୍କ ଦ୍ୱାରା ଲିଖିତ ପୁସ୍ତକ କଣ୍ଟେଷ୍ଟିଙ୍ଗ ଡେମୋକ୍ରାଟିକ୍ ଡେଫିସିଟ୍‌ର ଉନ୍ମୋଚନ ଅବସରରେ ଚିଦାମ୍ବରମ ଏହା କହିଛନ୍ତି । ଏହା ବ୍ୟତୀତ, ସେ ଏହା ମଧ୍ୟ କହିଛନ୍ତି ଯେ ସେ ଅନୁଭବ କରୁଛନ୍ତି ଯେ ବିରୋଧୀ ମେଣ୍ଟ ଦୁର୍ବଳ ହୋଇଯାଇଛି ।



ରାଜ୍ୟସଭା ସାଂସଦ ପି. ଚିଦାମ୍ବରମ କହିଛନ୍ତି, ବିରୋଧୀ ଇଣ୍ଡିଆ ମେଣ୍ଟର ଭବିଷ୍ୟତ ସେତେଟା ଉଜ୍ଜ୍ୱଳ ନୁହେଁ । ଯେଭଳି ମୃତ୍ୟୁଞ୍ଜୟ ସିଂହ ଯାଦବ କହିଛନ୍ତି ଯେ ଏହି ମେଣ୍ଟ ଏବେ ବି ଅକ୍ଷୁର୍ଣ୍ଣ ଅଛି, କିନ୍ତୁ ମୁଁ ଏ ବିଷୟରେ ନିଶ୍ଚିତ ନୁହେଁ । କେବଳ ସଲମାନ (ଖୁର୍ସିଦ) ହିଁ ଉତ୍ତର ଦେଇପାରିବେ କାରଣ ସେ ଇଣ୍ଡିଆ ମେଣ୍ଟ ପାଇଁ ଆଲୋଚନା ଦଳର ଅଂଶ ଥିଲେ । ଯଦି ଇଣ୍ଡିଆ ମେଣ୍ଟ ସମ୍ପୂର୍ଣ୍ଣ ଅକ୍ଷୁର୍ଣ୍ଣ ରହେ, ତେବେ ମୁଁ ବହୁତ ଖୁସି ହେବି । କିନ୍ତୁ ଏହା ଦୁର୍ବଳ ହୋଇଯାଇଥିବା ପରି ମନେ ହେଉଛି । ଏହା ସହିତ, ସେ ଆଶା ମଧ୍ୟ ପ୍ରକାଶ କରିଛନ୍ତି ଯେ ଇଣ୍ଡିଆ ମେଣ୍ଟ 'ଏବେ ବି ବଞ୍ଚିପାରିବ, ଏବେ ବି ସମୟ ଅଛି' ।

ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ମତରେ, 'ଇଣ୍ଡିଆ' ମେଣ୍ଟ ଏମିତି ଏକ ଅତ୍ୟନ୍ତ ଶକ୍ତିଶାଳୀ ଯନ୍ତ୍ରପାତି ବିରୁଦ୍ଧରେ ଲଢୁଛି ଯାହା ସମସ୍ତ କ୍ଷେତ୍ରରେ ଲଢ଼ିବାକୁ ପଡିବ । ଚିଦାମ୍ବରମ କହିଥିଲେ, 'ମୋର ଅଭିଜ୍ଞତା ଏବଂ ଇତିହାସର ଅଧ୍ୟୟନ ଅନୁସାରେ, ଭାରତୀୟ ଜନତା ପାର୍ଟି (ବିଜେପି) ପରି କୌଣସି ରାଜନୈତିକ ଦଳ ଏତେ ଦୃଢ଼ ଭାବରେ ସଂଗଠିତ ନାହିଁ । ଏହା କେବଳ ଏକ ରାଜନୈତିକ ଦଳ ନୁହେଁ । ଏହା ଗୋଟିଏ ମେସିନ୍ ପଛରେ ଆଉ ଏକ ମେସିନ୍ ଅଛି ଏବଂ ଦୁଇଟି ମେସିନ୍ ଭାରତର ସମସ୍ତ ମେସିନକୁ ନିୟନ୍ତ୍ରଣ କରୁଛି ।

# ବଢ଼ିବ ପ୍ରତିରକ୍ଷା ଖର୍ଚ୍ଚ

**ନୂଆଦିଲ୍ଲୀ:** ଆହୁରି ବଳଶାଳୀ ହେବ ସେନା । ବିଶ୍ୱରେ ବାହିବଳୀ ହେବା ଭାରତୀୟ ସେନା । ପ୍ରତିରକ୍ଷା କ୍ଷେତ୍ରରେ ନିଜ ଶକ୍ତିକୁ ଆହୁରି ବଢ଼ାଇବ ଭାରତ । ଅପରେସନ ସିନ୍ଦୂରର ସଫଳତା ପରେ ସେନାକୁ ଶକ୍ତିଶାଳୀ କରିବାକୁ ଭାରତ ସରକାର ପ୍ରତିରକ୍ଷା ବଜେଟକୁ ବଢ଼ାଇ ପାରନ୍ତି । ପ୍ରତିରକ୍ଷା ପାଇଁ ଏଥର ଅତିରିକ୍ତ ୫୦ ହଜାର କୋଟି ଟଙ୍କାର ବଜେଟ ଭାରତ ସରକାର ଆଣିପାରନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ତେବେ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ, ନୂତନ ଧରଣର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କିଣିବା ସହ ଗୋଳାବାରୁଦ କିଣିବାରେ ଭାରତ ଏହି ଟଙ୍କା ଖର୍ଚ୍ଚ କରିବ । ତା ସହ ପ୍ରତିରକ୍ଷା କ୍ଷେତ୍ରରେ ବିକାଶମୂଳକ କାମ ଏବଂ ସଶସ୍ତ୍ରବଳର ଆବଶ୍ୟକତା ଅନୁଯାୟୀ ଯାହା ଯାହା ଦରକାର ସେ କ୍ଷେତ୍ରରେ ଏହି ଅତିରିକ୍ତ ୫୦ ହଜାର କୋଟି ଟଙ୍କା ବ୍ୟବହାର କରାଯିବ । ତେବେ ପ୍ରତିରକ୍ଷା ବଜେଟ୍ ଆସନ୍ତା ଶୀତ ଅଧିବେଶନରେ ସଂସଦରେ ଆଗତ ହେବା ଏନେଇ ସୂଚନା ମିଳିଛି । ସେପଟେ ଭାରତ ପାକିସ୍ତାନ ଉତ୍ତେଜନା ଭିତରେ ପାକିସ୍ତାନକୁ ଚୀନ ଏବଂ ତୁର୍କୀର ସମର୍ଥନ ପରେ ଭାରତ ପ୍ରତିରକ୍ଷା କ୍ଷେତ୍ର ଉପରେ ଗୁରୁତ୍ୱ ଦେବା ସହ ପ୍ରତିରକ୍ଷା ବଜେଟକୁ ବଢ଼ାଇବା ନେଇ ଯୋଜନା କରୁଛି । ଅପରେସନ ସିନ୍ଦୂର ପରେ ପାକିସ୍ତାନର ଡ୍ରୋନକୁ ଯେମିତି ଭାରତର ଏୟାର ଡିଫେନ୍ସ ସିଷ୍ଟମ ଧ୍ୱଂସ କରିଦେଲା ସେହି ପରି ଅତ୍ୟାଧୁନିକ ପ୍ରତିରକ୍ଷା ସାମଗ୍ରୀ କିଣିବା ଉପରେ ଗୁରୁତ୍ୱ ଦିଆଯିବ । ସେଥିପାଇଁ କେନ୍ଦ୍ର ସରକାର ଭଣ୍ଡାର ଖୋଲିଦେବେ ।

## ରୁଶଦିଙ୍କ ଆକ୍ରମଣକାରୀକୁ ୨୫ ବର୍ଷ ଜେଲ୍

**ନ୍ୟୁୟର୍କ:** ଲେଖକ ସଲମାନ ରୁଶଦିଙ୍କ ଉପରେ ଆକ୍ରମଣ କରିଥିବା ହାଦି ମାଟାରକୁ ଶୁକ୍ରବାର ନ୍ୟୁୟର୍କରେ ୨୫ ବର୍ଷ ଜେଲଦଣ୍ଡ ଦିଆଯାଇଛି । ଅଗଷ୍ଟ ୨୦୨୨ରେ ହୋଇଥିବା ଏହି ଆକ୍ରମଣରେ, ମାଟାର ବ୍ରିଟିଶ-ଆମେରିକୀୟ ଲେଖକ ସଲମାନ ରୁଶଦିଙ୍କ ଡାହାଣ ଆଖିରେ ଛୁରୀ ମାରିଥିଲା । ଚଳିତ ବର୍ଷ ଫେବୃଆରୀରେ, ନ୍ୟୁୟର୍କର ଏକ ଜୁରି ତାକୁ ଦ୍ୱିତୀୟ-ଡିଗ୍ରୀ ହତ୍ୟା ଉଦ୍ୟମ ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ । ନିଷ୍ପତ୍ତି ନେବା ପାଇଁ ଜୁରିଙ୍କୁ ଦୁଇ ଘଣ୍ଟାରୁ କମ୍ ସମୟ ଲାଗିଥିଲା । ଏହି ଆକ୍ରମଣରେ, ଲେଖକ ରୁଶଦି ଗୋଟିଏ ଆଖିର ଦୃଷ୍ଟିଶକ୍ତି ହରାଇଥିଲେ । ମାଟାରର ଦଣ୍ଡାଦେଶ ବେଳେ ସଲମାନ ରୁଶଦି ପଶ୍ଚିମ ନ୍ୟୁୟର୍କର ଚୌଟାଉକ୍ୱା କାଉଣ୍ଟି କୋର୍ଟରୁମରେ ଉପସ୍ଥିତ ନଥିଲେ । ତଥାପି, ସେ ଏକ ବିବୃତ୍ତି ପଠାଇଥିଲେ ଯେଉଁଥିରେ ସେ ତାଙ୍କ ଜୀବନ ଉପରେ ଆକ୍ରମଣର ପ୍ରଭାବ ବିଷୟରେ ବ୍ୟାଖ୍ୟା କରିଥିଲେ ।

## କାନାଡାରେ ଶିଖ୍ ସଂପ୍ରଦାୟ ବ୍ୟକ୍ତି ଗିରଫ

**ନୂଆଦିଲ୍ଲୀ:** ଜଣେ ନାବାଳିକାଙ୍କୁ ତିନିଥର ଯୌନ ନିର୍ଯାତନା ଦେବା ଅଭିଯୋଗରେ କାନାଡାର ବ୍ରାମ୍ପଟନରେ ଜଣେ ୭୮ ବର୍ଷୀୟ ଶିଖ୍ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ବୋଲି ଗୁରୁବାର ଦିନ ପୁଲିସ୍ ପକ୍ଷରୁ ସୂଚନା ମିଳିଛି । ପିଲ୍ସ ପୁଲିସ କହିଛି ଯେ ହରମୋହିନ୍ଦର ସିଂହଙ୍କୁ ମେ ୮ ତାରିଖରେ ସ୍ୱତନ୍ତ୍ର ପୀଡିତ ୟୁନିଟ୍ ଦ୍ୱାରା ଗିରଫ କରାଯାଇଥିଲା । ସିଂହ ୧୨ ବର୍ଷରୁ କମ୍ ବୟସର ଜଣେ ନାବାଳିକା ପୀଡିତାଙ୍କ ପାଖକୁ ଯାଇଥିଲେ ଏବଂ ବ୍ରାମ୍ପଟନର ଏକ ପାର୍କରେ ତିନିଥର ପୃଥକ ଭାବରେ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ତାଙ୍କ ଉପରେ ୧୬ ବର୍ଷରୁ କମ୍ ବୟସର ଜଣେ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ଏବଂ ତିନୋଟି ପୃଥମ ଯେନ ଶୋଷଣ ଅଭିଯୋଗ ଲଗାଯାଇଥିଲା । ବ୍ରମ୍ପଟନର ଅଣ୍ଟାରିଓ କୋର୍ଟ ଅଫ୍ ଜଷ୍ଟିସରେ ଜାମିନ ଶୁଣାଣି ପାଇଁ ସିଂହଙ୍କୁ ହେପାଜତରେ ରଖାଯାଇଥିଲା । ତଦନ୍ତକାରୀମାନେ ବିଶ୍ୱାସ କରନ୍ତି ଯେ ଆହୁରି ପୀଡିତା ଏବଂ ସାକ୍ଷୀ ଥାଇପାରନ୍ତି । ଯଦି ସିଂହଙ୍କ ସଂପର୍କରେ ସେପରି କିଛି ସୂଚନା ରହିଛି ତେବେ ସେମାନେ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।



# ବ୍ୟାପିଲାଣି କରୋନା: ଚିନ୍ତାରେ ସ୍ୱାସ୍ଥ୍ୟ ବିଶେଷଜ୍ଞ



**ହଂକଂ:** ବିଶ୍ୱରେ ସାଂଘାତିକ ସ୍ଥିତି ସୃଷ୍ଟି କରିଥିବା ମହାମାରୀ କରୋନା ପୁଣିଥରେ କାୟାବିସ୍ତାର କରିବା ଆରମ୍ଭ କରିଛି । ବିଶେଷ କରି ହଂକଂ ଓ ସିଙ୍ଗାପୁରରେ କୋଭିଡ-୧୯ ମାମଲା ଦ୍ରୁତ ଗତିରେ ଫଳର ସ୍ୱରୂପ ପୂରା ବିଶ୍ୱରେ କରୋନା ବ୍ୟାପିବାର ଆଶଙ୍କା ଥିବା ସ୍ୱାସ୍ଥ୍ୟାଧିକାରୀମାନେ ସତର୍କ କରାଇଛନ୍ତି ।

ହଂକଂର ସ୍ୱାସ୍ଥ୍ୟାଧିକାରୀ ଆଲବର୍ଟ ଏୟୁ କହିଛନ୍ତି, ଭାଇରସ ଜନିତ ମାମଲା ହଂକଂରେ ବେଶ ଅଧିକ ରହିଛି । କିଛି ସପ୍ତାହ ହେଲାଣି ହଂକଂରେ ଶ୍ୱାସକ୍ରିୟା ଜନିତ ନମୁନାର ପରୀକ୍ଷା ସମୟରେ କୋଭିଡ ପଜେଟିଭ ରିପୋର୍ଟ ଆସୁଛି । ଗୁରୁତର ଥିବା ଲୋକଙ୍କ ମୃତ୍ୟୁ ମଧ୍ୟ ହେଉଛି । ମେ' ୩ରୁ ଇତି ମଧ୍ୟରେ ୩୧ ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି । ସ୍ଥିତି ସାଂଘାତିକ ହୋଇ ନଥିଲେ ହେଁ ସଂକ୍ରମଣ ବିବା ସମସ୍ତଙ୍କ ଚିନ୍ତା ବାଇ ଦେଇଛି । ହଂକଂର ୭ ନିୟୁତ ଲୋକଙ୍କୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । କାରଣ ଦିନକୁ ଦିନ କରୋନା ସମ୍ପର୍କିତ ମେଡିକାଲ ପରାମର୍ଶ ଓ ହସ୍ପିଟାଲରେ ଭର୍ତ୍ତି ହେଉଥିବା ଲୋକଙ୍କ ସଂଖ୍ୟା ବଢୁଛି । ହଂକଂ ବ୍ୟତୀତ ସିଙ୍ଗାପୁର ମଧ୍ୟ କୋଭିଡ ଆଲର୍ଟରେ ରହିଛି । ସହରର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରାୟ ବର୍ଷକ ପରେ କରୋନା ଅପଡେଟ ସଂକ୍ରାନ୍ତ ତଥ୍ୟ ଅପଲୋଡ କରିଛି । ମେ' ୩ରୁ ଇତି ମଧ୍ୟରେ କରୋନା ମାମଲା ୨୮% ବି ୧୪,୨୦୦ରେ ପହଞ୍ଚି ଯାଇଛି । ସେହିପରି ହସ୍ପିଟାଲରେ ଭର୍ତ୍ତି ହେଉଥିବା ଲୋକଙ୍କ ସଂଖ୍ୟାରେ ୩୦% ବୃଦ୍ଧି ହୋଇଛି । ସିଙ୍ଗାପୁରରେ କରୋନା ମାମଲା ଦ୍ରୁତ ଗତିରେ ବଢୁଥିବାରୁ ସମସ୍ତଙ୍କୁ ସତର୍କ ରହିବା ପାଇଁ ଏପରି ସ୍ୱାସ୍ଥ୍ୟ ଅପଡେଟ ଦିଆଯାଇଥିବା ଜଣାପଡ଼ୁଛି ।

ସମୟ

**ଆଇପିଏଲ୍ ମହାସମର**

# ଆଜି କୋଲକାତାକୁ ଭେଟିବ ବେଙ୍ଗାଲୁରୁ

ବେଙ୍ଗାଲୁରୁ,୧୬।୫ (ଏଜେନ୍ସି): ଗତ ୭ ତାରିଖରୁ ବନ୍ଦ ଥିବା ଆଇପିଏଲ୍ ପୁଣି ଆରମ୍ଭ ହେବାକୁଯାଉଛି । ଶନିବାର ଠାରୁ ସ୍ଥଗିତ ଥିବା ଆଇପିଏଲ୍ ଆଗେଇବ । ବେଙ୍ଗାଲୁରୁରେ ଘରୋଇ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ କୋଲକାତା ନାଇଟରାଇଡର୍ସ ମୁହାଁମୁହିଁ ହେବେ । ଏହି ମ୍ୟାଚ ଜରିଆରେ ବେଙ୍ଗାଲୁରୁ ପ୍ଲେ ଅଫ୍‌ରେ ସ୍ଥାନ ନିଶ୍ଚିତ କରିବା ଲକ୍ଷ୍ୟରେ ରହିଛି । କୋଲକାତା ମ୍ୟାଚ ଜିତି ପ୍ଲେ ଅଫ୍‌ର ନିକଟତର ହେବାକୁ ଲକ୍ଷ୍ୟ ରଖିଛି । ୧୦ ଦିନର ବିରତି ପରେ ଦଳ ଗୁଡିକରେ ସନ୍ତୁଳନ ବିଗିଡିବା ସହ ଖେଳାଳିଙ୍କ ଜୋସ ମଧ କମିଯାଇଛି । ଆଇପିଏଲ୍‌ର ମହୋଲ ଥଣ୍ଡା ପଡ଼ିଥିବାରୁ ବେଙ୍ଗାଲୁରୁ ଓ କୋଲକାତା ପୁଣି ପ୍ରତିଯୋଗିତାକୁ ସରଗରମ କରିବା ପାଇଁ ଲଢ଼ିବେ । ଏପର୍ଯ୍ୟନ୍ତ ବେଙ୍ଗାଲୁରୁ ୧୧ ମ୍ୟାଚରୁ ୮ଟି ବିଜୟ ସହ ୧୬ ପଏଣ୍ଟ ହାସଲ କରି ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି । କୋଲକାତା ନାଇଟରାଇଡର୍ସ ୧୨ ମ୍ୟାଚରୁ ୫ଟି ବିଜୟ ସହ ୧୧ ପଏଣ୍ଟ ହାସଲ କରି ଷଷ୍ଠ ସ୍ଥାନରେ ଅଛି । ଦଳ ଆଉ ଦୁଇଟି ମ୍ୟାଚ ଖେଳିବ । ଯଦି ସବୁ ମ୍ୟାଚରେ ବିଜୟୀ ହୁଏ ତେବେ ୧୫ ପଏଣ୍ଟ ସହ ଅନ୍ୟ ମ୍ୟାଚର ଫଳାଫଳକୁ ଅପେକ୍ଷା କରିବ । କିନ୍ତୁ ଦଳର ପ୍ଲେ ଅଫ୍ ଆଶା କ୍ଷୀଣ ରହିଛି । ଆର୍‌ସିବିର ନେତୃତ୍ୱ ରଜତ ପଟିଦାର ନେଇଥିବା ବେଳେ କୋଲକାତା ନାଇଟ ରାଇଡର୍ସର ନେତୃତ୍ୱ ନେଇଛନ୍ତି ଆଜିଙ୍କ୍ୟ ରାହାଣେ ଭାରତୀୟ ସମୟ ସନ୍ଧ୍ୟା ୭.୩୦ ମିନିଟ୍‌ରେ ଏହି ମ୍ୟାଚ ଆରମ୍ଭ ହେବ । ଦର୍ଶକ ଏହାର ସିଧା ପ୍ରସାରଣ ଜି-ହର୍ଟଷ୍ଟାରରେ ଦେଖିପାରିବେ ।




## ୱାଙ୍ଖେଡେରେ ରୋହିତଙ୍କ ନାଁରେ ଷ୍ଟାଣ୍ଡ

ନୂଆଦିଲ୍ଲୀ,୧୬।୫ (ଏଜେନ୍ସି): ଆଇପିଏଲ୍ ମଝିରେ ଆଗପଛ ହୋଇ ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌ରୁ ସନ୍ୟାସ ଘୋଷଣା କରିଥିଲେ । ଉଭୟଙ୍କୁ ଟେଷ୍ଟରେ ବିଦାୟ ସମ୍ବର୍ଦ୍ଧନା ମିଳିପାରିନଥିଲା । କିନ୍ତୁ ଶୁକ୍ରବାର ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ତାରକା ଖେଳାଳି ରୋହିତ ଶର୍ମାଙ୍କୁ ସମ୍ମାନ ଦେଇଛି । ୱାଙ୍ଖେଡେରେ ରୋହିତ ଶର୍ମାଙ୍କ ନାଁରେ ଏକ ଷ୍ଟାଣ୍ଡର ଉଦ୍‌ଘାଟନ କରାଯାଇଛି । ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ରୋହିତଙ୍କ ବାପା ମା ଏହି ଷ୍ଟାଣ୍ଡର ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ଅଧିକାରୀ ଏବଂ ରୋହିତ ଶର୍ମା ନିଜେ ଉପସ୍ଥିତ ଥିଲେ । ନିକଟରେ ରୋହିତ ଟେଷ୍ଟରୁ ଅବସର ଘୋଷଣା କରିଥିଲେ । ସେ ଟି-୨୦ରୁ ଅବସର ନେଇଛନ୍ତି । ଏବେ ସେ ଏକ ଦିବସୀୟ ଫର୍ମାଟରେ ଭାରତ ପାଇଁ ଖେଳିବେ । କ୍ରିକେଟ୍ ଜଗତରେ ଶ୍ରେଷ୍ଠ ଅବଦାନ ପାଇଁ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଏଭଳି ସମ୍ମାନ ପ୍ରଦାନ କରାଯାଇଛି । ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଦିଭେଚାର ପାଭିଲିୟନ୍‌ର ଲେବଲ-୩ ଷ୍ଟାଣ୍ଡ ରୋହିତଙ୍କ ନାମରେ ନାମିତ କରାଯାଇଛି । ଉଦ୍‌ଘାଟନୀ ସମାରୋହରେ ରୋହିତ କହିଥିଲେ ଆଜି ଯାହା ହୋଇଛି ସେ ସ୍ୱପ୍ନରେ ମଧ କଳ୍ପନା କରିନଥିଲେ । ପିଲା ଦିନରୁ ମୁମ୍ବାଇ ପାଇଁ ତଥା ଭାରତ ପାଇଁ ଖେଳିବାକୁ ଇଚ୍ଛା ରଖିଥିଲେ । ଖେଳର ମହାନ୍ ଖେଳାଳିଙ୍କ ମଧରେ ତାଙ୍କ ନାମ ରହିବ ବୋଲି ସେ କେବେ ଚିନ୍ତା କରିନଥିଲେ । ଏହା ମଧ ବିଶେଷ କାରଣ ଯେ ଏବେ ବି ସେ ଖେଳିଛନ୍ତି । କାରଣ ସେ ଦୁଇଟି ଫର୍ମାଟରୁ ଅବସର ନେଇଛନ୍ତି କିନ୍ତୁ ଦିନିକିଆ ଫର୍ମାଟରେ ଅଭିଯାନ ଜାରି ରହିବ ।

## ଆଇପିଏଲ୍ ସୂଚୀ

| ତାରିଖ | ମ୍ୟାଚ | ସ୍ଥାନ | ସମୟ |
|---|---|---|---|
| ମେ ୧୭ | ବେଙ୍ଗାଲୁରୁ-କୋଲକାତା | ବେଙ୍ଗାଲୁରୁ | ରାତି ୭.୩୦ |
| ମେ ୧୮ | ରାଜସ୍ଥାନ-ପଞ୍ଜାବ | ଜୟପୁର | ଅପରାହ୍ନ ୩.୩୦ |
| ମେ ୧୮ | ଦିଲ୍ଲୀ-ଗୁଜରାଟ | ଦିଲ୍ଲୀ | ରାତି ୭.୩୦ |
| ମେ ୧୯ | ଲକ୍ଷ୍ନୌ-ହାଇଦ୍ରାବାଦ | ଲକ୍ଷ୍ନୌ | ରାତି ୭.୩୦ |
| ମେ ୨୦ | ଚେନ୍ନାଇ-ରାଜସ୍ଥାନ | ଦିଲ୍ଲୀ | ରାତି ୭.୩୦ |
| ମେ ୨୧ | ମୁମ୍ବାଇ-ଦିଲ୍ଲୀ | ମୁମ୍ବାଇ | ରାତି ୭.୩୦ |
| ମେ ୨୨ | ଗୁଜରାଟ-ଲକ୍ଷ୍ନୌ | ଅହମ୍ମଦାବାଦ | ରାତି ୭.୩୦ |
| ମେ ୨୩ | ବେଙ୍ଗାଲୁରୁ-ହାଇଦ୍ରାବାଦ | ବେଙ୍ଗାଲୁରୁ | ରାତି ୭.୩୦ |
| ମେ ୨୪ | ଦିଲ୍ଲୀ-ପଞ୍ଜାବ | ଜୟପୁର | ରାତି ୭.୩୦ |
| ମେ ୨୫ | ଗୁଜରାଟ-ଚେନ୍ନାଇ | ଅହମ୍ମଦାବାଦ | ଅପରାହ୍ନ ୩.୩୦ |
| ମେ ୨୫ | କୋଲକାତା-ହାଇଦ୍ରାବାଦ | ଦିଲ୍ଲୀ | ରାତି ୭.୩୦ |
| ମେ ୨୬ | ମୁମ୍ବାଇ-ପଞ୍ଜାବ | ଜୟପୁର | ରାତି ୭.୩୦ |
| ମେ ୨୭ | ଲକ୍ଷ୍ନୌ-ବେଙ୍ଗାଲୁରୁ | ଲକ୍ଷ୍ନୌ | ରାତି ୭.୩ |
| ମେ ୨୯ | କ୍ୱାଲିଫାୟର-୧ | ....... | ରାତି ୭.୩୦ |
| ମେ ୩୦ | ଏଲିମିନେଟର | ...... | ରାତି ୭.୩୦ |
| ଜୁନ୍ ୧ | କ୍ୱାଲିଫାୟର-୨ | ...... | ରାତି ୭.୩୦ |
| ଜୁନ୍ ୩ | ଫାଇନାଲ | ...... | ରାତି ୭.୩୦ |

# ଏମାନଙ୍କୁ ମିଳିନାହିଁ ବିଦାୟୀ ସମ୍ବର୍ଦ୍ଧନା

ନୂଆଦିଲ୍ଲୀ,୧୬।୫ (ଏଜେନ୍ସି): ନିକଟରେ ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଇଥିଲେ । ଏମାନେ ଏଭଳି ଭାବେ ଅବସର ନେଲେ ଯେ, ସେମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇ ପାରିଲା ନାହିଁ । କେବଳ ରୋହିତ ଓ କୋହଲି ନୁହଁନ୍ତି, ଭାରତର ଆଉ କେତେ ଜଣ ମହାନ୍ ବ୍ୟାଟ୍ସମ୍ୟାନଙ୍କୁ ମଧ ପଡ଼ିଆରେ ଉପଯୁକ୍ତ ବିଦାୟକାଳୀନ ସମ୍ବର୍ଦ୍ଧନା ମିଳିନାହିଁ ।

### ଅନୀଲ କୁମ୍ବଲେ

ଭାରତର ମହାନ୍ ସ୍ପିନର ଅନୀଲ କୁମ୍ବଲେ ୨୦୦୮ରେ ଅବସର ନେଇଥିଲେ । ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟ ଖେଳୁଥିବା ବେଳେ ସେ ଆହତ ହୋଇଥିଲେ । ୩୮ ବର୍ଷୀୟ କୋହଲି ଏହାପରେ ଅବସର ଘୋଷଣା କରିଥିଲେ ।

### ଶିଖର ଧାୱନ

୨୦୨୨ରେ ବାଂଲାଦେଶ ବିପକ୍ଷ ତୃତୀୟ ଦିନିକିଆରେ ଧାୱନଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିନଥିଲା । ଏହାପରେ ସେ ଆଉ ଟିମ୍‌ରେ ନିଜ ସ୍ଥାନ ସୁରକ୍ଷିତ କରିପାରିନଥିଲେ । ୨୦୨୪ରେ ସେ ନିରାଶ ହୋଇ ଅବସର ଘୋଷଣା କରିଥିଲେ ।

### ଜାହିର ଖାନ୍

ଭାରତର ବାମହାତି ଦ୍ରୁତ ବୋଲର ଜାହିର ଖାନ୍‌ଙ୍କ ଅବସର ମଧ ଦୁଃଖଦ ଥିଲା । ତାଙ୍କୁ ବିଦାୟ ସମୟରେ ଉପଯୁକ୍ତ ସମ୍ମାନ ମିଳିନଥିଲା । ୨୦୧୪ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ପରେ ସେ ବାରମ୍ବାର ଆହତ ହୋଇଥିଲେ । ଶେଷରେ ୨୦୧୭ରେ ସେ ଅବସର ଘୋଷଣା କରିଥିଲେ ।

### ରାହୁଲ ଦ୍ରାବିଡ

୨୦୧୨ରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଥିଲା । ରାହୁଲ ଦ୍ରାବିଡ ଏହି ଶୃଙ୍ଖଳା ପରେ ଅବସର ନେବାକୁ ମନସ୍ଥ କରିସାରିଥିଲେ । ଭାରତ ଫେରିବା ପରେ ସେ ଅବସର ଘୋଷଣା କରିଥିଲେ ।

### ବୀରେନ୍ଦ୍ର ସେହ୍ୱାଗ

୨୦୧୩ରେ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବୀରେନ୍ଦ୍ର ସେହ୍ୱାଗଙ୍କୁ ବାଦ ଦିଆଯାଇଥିଲା । ସେବେ ଠାରୁ ସେ ଆଉ ଦଳରେ ସ୍ଥାନ ପାଇନଥିଲେ । ୨୦୧୫ରେ ସେହ୍ୱାଗ ଅବସର ଘୋଷଣା କରିଥିଲେ ।

### ଗୌତମ ଗମ୍ଭୀର

୨୦୧୬ରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ପରେ ଗୌତମ ଗମ୍ଭୀରଙ୍କୁ ଆଉ ସୁଯୋଗ ମିଳିନଥିଲା । କିଛି ଦିନ ଅପେକ୍ଷା କରିବା ପରେ ଗମ୍ଭୀର ୨୦୧୮ରେ ଅବସର ନେଇଥିଲେ ।

### ଯୁବରାଜ ସିଂ

ଭାରତକୁ ଦୁଇଟି ବିଶ୍ୱକପ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଯୁବରାଜ ୨୦୧୭ ୱେଷ୍ଟଇଣ୍ଡିଜ୍ ଗସ୍ତ ପରେ ଦଳରୁ ବାଦ ପଡିଥିଲେ । ୨ ବର୍ଷ ପରେ ସେ ଅବସର ନେଇଥିଲେ ।




### ସୁରେଶ ରାଇନା

ଭାରତୀୟ କ୍ରିକେଟର ଜଣେ ଦକ୍ଷ ଫିଲ୍ଡର ଓ ଶ୍ରେଷ୍ଠ ଫିନିସର ଭାବେ ଜଣାଶୁଣା ସୁରେଶ ରାଇନା ୨୦୧୮ ଇଂଲଣ୍ଡ ଗସ୍ତ ପରେ ଆଉ ଦଳରେ ସ୍ଥାନ ପାଇନଥିଲେ । ୨୦୨୦ ଅଗଷ୍ଟ ୧୫ ଦିନ ସୋସିଆଲ ମିଡ଼ିଆରେ ଜରିଆରେ ଅବସର ଘୋଷଣା କରିଥିଲେ ।

### ମହେନ୍ଦ୍ର ସିଂ ଧୋନି

ଭାରତର ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ବିଦାୟ ମଧ ନିରାଶଜନକ ଥିଲା । ୨୦୧୯ ବିଶ୍ୱକପ୍ ସେମିଫାଇନାଲରେ ସେ ରନ୍‌ଆଉଟ୍ ହୋଇଥିଲେ । ତେଣୁ ଭାରତ ମ୍ୟାଚ ହାରି ଯାଇଥିଲା । ଧୋନି ୨୦୨୦ ଅଗଷ୍ଟ ୧୫ରେ ଅବସର ଘୋଷଣା କରିଥିଲେ ।

### ହରଭଜନ ସିଂ

ହରଭଜନ ସିଂ ଭାରତର ଶ୍ରେଷ୍ଠ ଅଫ୍ ସ୍ପିନର ଭାବେ ପରିଚୟ ସୃଷ୍ଟି କରିଥିଲେ । ୨୦୧୬ ଏସିଆ କପ୍‌ରେ ଶେଷଥର ପାଇଁ ୟୁଏଇ ବିପକ୍ଷରେ ଖେଳିଥିଲେ । ତାଙ୍କୁ ଆଉ ଜାତୀୟ ଦଳରେ ସୁଯୋଗ ମିଳିନଥିଲା । ତେଣୁ ୨୦୨୧ରେ ସେ ଅବସର ନେଇଥିଲେ ।

## ରୋହିତ କହିଲେ ସିଡନୀ ଟେଷ୍ଟ କଥା




ନୂଆଦିଲ୍ଲୀ,୧୬।୫ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତ ଅବସରରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା କାହିଁକି ସିଡନୀ ଟେଷ୍ଟ ଖେଳିନଥିଲେ, ତାର ଖୁଲାସା କରିଛନ୍ତି । ପୂର୍ବତନ କୋଚ ରବି ଶାସ୍ତ୍ରୀଙ୍କୁ ସେ ପ୍ରକୃତ କାରଣ କହିଥିଲେ । ଏହି ଶୃଙ୍ଖଳା ପରେ ରୋହିତ ଏବଂ ବିରାଟ କୋହଲି କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ । ରୋହିତ ୪ଟି ମ୍ୟାଚରୁ ୩୧ ରନ୍ କରିଥିଲେ । ଏହାପରେ ଦଳର ସ୍ୱାର୍ଥ ଦୃଷ୍ଟିରୁ ସେ ସିଡନୀ ଟେଷ୍ଟ ଖେଳିନଥିଲେ । ଶାସ୍ତ୍ରୀ କହିଛନ୍ତି ମୁଁ କୋଚ ଥିଲେ କେବେ ରୋହିତଙ୍କୁ ବାହାରେ ବସିବାକୁ ଦେଇନଥାନ୍ତି ।

ପ୍ରଥମ ଟେଷ୍ଟ ବ୍ୟକ୍ତିଗତ କାରଣ ଯୋଗୁଁ ରୋହିତ ଖେଳିନଥିଲେ । ଶେଷ ମ୍ୟାଚ ଖରାପ ଫର୍ମ ଦେଇନଥିଲେ । ରୋହିତ ଏହି ମ୍ୟାଚ ଖେଳିଥିଲେ ନିଶ୍ଚିତ ଭାବେ ଭାରତ ସପକ୍ଷରେ ଫଳାଫଳ ଯାଇଥାନ୍ତା ବୋଲି ଶାସ୍ତ୍ରୀ କହିଛନ୍ତି । ଖେଳାଳିଙ୍କ ଫର୍ମ ଅପେକ୍ଷା ଅଭିଜ୍ଞତା ଉପରେ ବିଶ୍ୱାସ ରଖିଥାଏ । ଭାରତ ଏହି ଶୃଙ୍ଖଳାକୁ ୧-୩ରେ ହାରିଥିଲା । କୋହଲି ଓ ରୋହିତଙ୍କ ବିନା ଭାରତ ଟେଷ୍ଟ ଫର୍ମାଟରେ କିଭଳି ପ୍ରଦର୍ଶନ କରିବ ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ୨୦୨୯ ଯାଏ ଥୋଇବା ସିଂଙ୍କ ସହ ଚୁକ୍ତି ବଢ଼ାଇଲା ଓଡ଼ିଶା ଏଫ୍‌ସି



ଭୁବନେଶ୍ୱର,୧୬।୫ (ସବ୍ୟୁ): ଦକ୍ଷ ଡିଫେଣ୍ଡର ଥୋଇବା ସିଂ ମୌରଙ୍ଗଥେମ୍‌ଙ୍କ ସହ ଆଗାମୀ ୨୦୨୯ ପର୍ଯ୍ୟନ୍ତ ଚୁକ୍ତି ବଢ଼ାଇଛି ଓଡ଼ିଶା ଏଫ୍‌ସି । ମାତ୍ର ୧୭ ବର୍ଷ ବୟସରେ ଥୋଇବା ଓଡ଼ିଶା ଏଫ୍‌ସିରେ ଯୋଗଦେଇଥିଲେ । ୨୦୧୯-୨୦ ସିଜନ୍‌ରେ ଓଡ଼ିଶା ଏଫ୍‌ସି ସହ ଯୋଡି ହୋଇଥିବା ଥୋଇବାଙ୍କ ପ୍ରଦର୍ଶନ ବିଗତ ଇଣ୍ଡିଆନ୍ ସୁପରଲିଗ୍ ସଂସ୍କରଣ ଗୁଡିକରେ ଉଚ୍ଚକୋଟୀର ରହିଛି । ଚଳିତ ଆଇଏସ୍‌ଏଲ୍‌ରେ ଥୋଇବା ଓଡ଼ିଶା ଏଫ୍‌ସି ପକ୍ଷରୁ ଡିଫେନ୍ସ ବର୍ଗରେ ଦଳର ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇଥିଲେ । ଅନ୍ୟତମ ଡିଫେଣ୍ଡର କାର୍ଲୋସ ଡେଲଗାର୍ଡୋ ଏବଂ ମୌରାଣ୍ଟାଡା ଫଲଙ୍କ ପ୍ରତିପକ୍ଷ ପାଇଁ ଅଭେଦ୍ୟ ଦୁର୍ଗ ଭଳି କାମ କରିଥିଲେ । ୨୦୨୩-୨୪ ଆଇଏସ୍‌ଏଲ୍ ସଂସ୍କରଣରେ ଥୋଇବା ନକ୍‌ଆଉଟ୍ ପର୍ଯ୍ୟାୟର କେରଳ ବ୍ଲାଷ୍ଟର୍ସ ଏଫ୍‌ସି ବିପକ୍ଷରେ ଭଲ ପ୍ରଦର୍ଶନ ଦେଖାଇଥିଲେ । ତାଙ୍କର ଏକ ଉଚ୍ଚକୋଟୀର ପାସ ଯୋଗୁଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତରେ ଗୋଲସ୍କୋର ହୋଇଥିଲା । ସେହିପରି ୨୦୨୪-୨୫ ସିଜନରେ ସେ ନର୍ଥ-ଇଷ୍ଟ ୟୁନାଇଟେଡ ବିପକ୍ଷରେ ପ୍ରଥମ ଗୋଲ୍ କରିଥିଲେ । ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା । ଆଇଏସ୍‌ଏଲ୍‌ର ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଜାତୀୟ ଦଳରେ ମଧ ସ୍ଥାନ ମିଳିଛି । ଓଡ଼ିଶା ଏଫ୍‌ସି ପକ୍ଷରୁ ଥୋଇବାଙ୍କୁ ଧନ୍ୟବାଦ ଜଣାଯାଇଛି ।

## କୀର୍ତ୍ତିମାନଠାରୁ ଗୋଟିଏ ପାଦ ଦୂରରେ ଯଶସ୍ୱୀ

ନୂଆଦିଲ୍ଲୀ,୧୬।୫(ଏଜେନ୍ସି): ଜୁନ ୨୦ରୁ ଭାରତ ଓ ଇଂଲଣ୍ଡ ମଧରେ ଟେଷ୍ଟ ଶୃଙ୍ଖଳା ଖେଳାଯିବ । ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅବସର ଘୋଷଣା ପରେ ଏହି ସିରିଜ ଉପରେ କ୍ରିକେଟପ୍ରେମୀ ଓ ସମୀକ୍ଷକଙ୍କ ନଜର ରହିବ । ଭାରତର ବିସ୍ଫୋଟକ ଓପନର ଯଶସ୍ୱୀ ଜୈସୱାଲ ଏହି ସିରିଜରେ ଇତିହାସ ରଚିବେ ବୋଲି ଆଶା କରାଯାଉଛି । ଏହି ୫ ମ୍ୟାଚ ବିଶିଷ୍ଟ ସିରିଜରେ ଯଶସ୍ୱୀ ଟ୍ରମ୍ପ କାର୍ଡ ହୋଇପାରନ୍ତି । ଟେଷ୍ଟ କ୍ରିକେଟରେ ଦ୍ରୁତ ୨୦୦୦ ରନ ପୂରଣ କରିବା ପାଇଁ ତାଙ୍କ ନିକଟରେ ସୁଯୋଗ ରହିଛି । ସେ ୧୯ ଟେଷ୍ଟରେ ୧୭୯୮ ରନ ସଂଗ୍ରହ କରିଛନ୍ତି ।



ତାଙ୍କୁ ଏଥିପାଇଁ ୨୦୨ ରନର ଆବଶ୍ୟକତା ରହିଛି । ୩ଟି ଇନିଂସରେ ଯଦି ସେ ଏହି ରନ ସଂଗ୍ରହ କରିବେ ତାହାହେଲେ ଭାରତୀୟ ବ୍ୟାଟ୍ସମ୍ୟାନ ବୀରେନ୍ଦ୍ର ସେହ୍ୱାଗ ଓ ରାହୁଲ ଦ୍ରାବିଡଙ୍କୁ ପଛରେ ପକାଇବେ । ଉଭୟ ମହାନ ବ୍ୟାଟ୍ସମ୍ୟାନ ୪୦ ଲେଖାଏଁ ଇନିଂସରେ ଏହି ସଫଳତା ହାସଲ କରିଥିଲେ । ଯଶସ୍ୱୀ ୩୬ ଇନିଂସରେ ଉପରୋକ୍ତ ରନ ସଂଗ୍ରହ କରିଛନ୍ତି । ସେହ୍ୱାଗଙ୍କ ପରି ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ଯଶସ୍ୱୀ ଟେଷ୍ଟ କ୍ରିକେଟରେ ନିଜର ସ୍ୱତନ୍ତ୍ର ଛାପ ଛାଡିଛନ୍ତି । ସେ ଇତି ମଧରେ ୨ଟି ଦ୍ୱିଶତକ, ୪ଶତକ ଓ ୧୦ ଅର୍ଦ୍ଧଶତକ ମାରି ସାରିଛନ୍ତି ।

# କିଟ୍ ଚେସ୍ ଫେଷ୍ଟିଭାଲ ଉଦ୍‌ଯାପିତ

ଭୁବନେଶ୍ୱର,୧୬।୫ (ସବ୍ୟୁ): ୧୬ତମ କିଟ୍ ଇଣ୍ଟରନ୍ୟାସନାଲ ଚେସ୍ ଫେଷ୍ଟିଭାଲ ଉଦ୍‌ଯାପିତ ହୋଇଯାଇଛି । କିଟ୍‌ର ନଂ.୧୦ କ୍ୟାମ୍ପସ ସ୍ଥିତ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାସନାଲ ଚେସ୍ ହଲ୍‌ରେ ଏହି ପ୍ରତିଯୋଗିତାକୁ ସର୍ବଭାରତୀୟ ଚେସ୍ ଫେଡେରେସନ୍ ଏବଂ ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନ୍ ମିଳିତ ଭାବେ ଆୟୋଜନ କରିଥିଲେ । ଏହି ପ୍ରତିଯୋଗିତାରେ ୪୩ଟି ରାଷ୍ଟ୍ରର ୧୨ ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଶୁକ୍ରବାର ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଏଆଇସିଏଫ୍ ସଦସ୍ୟ ରଞ୍ଜନ ମହାନ୍ତି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଶେଖର ଚନ୍ଦ୍ର ସାହୁ ତଥା ମୁଖ୍ୟ ଆର୍ବିଟର ଏଆଇ ବସନ୍ତ ବିଏଚ୍ ଉପସ୍ଥିତ ଥିଲେ । କାଟାଗୋରୀ ଏରେ ରୁଷିଆର ଗ୍ରାଣ୍ଡମାଷ୍ଟର୍ସ ବୋରିସ ସାଭେଚେଙ୍କୋ ୮ ପଏଣ୍ଟ ସହ ଚାମ୍ପିଅନ୍ ହୋଇଥିଲେ । ସେ ଟ୍ରଫି ସହ ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ଜିତିଛନ୍ତି । ସି ବର୍ଗରେ ମହାରାଷ୍ଟ୍ରର ସାହିଲ ଘୋରଘଟେ ଚାମ୍ପିଅନ୍ ହୋଇଥିବା ବେଳେ ତାଙ୍କୁ ୧ ଲକ୍ଷ ଟଙ୍କା ମିଳିଛି । ଏହି ବର୍ଗରେ ଓଡ଼ିଶାର ତନ୍ମୟା ତ୍ରିପାଠୀ ଦ୍ୱିତୀୟ ସ୍ଥାନ ହାସଲ କରି ଟ୍ରଫି ସହ ୭୫ ହଜାର ଟଙ୍କା ଜିତିଛନ୍ତି ।




ଆଗାମୀ ୨୦୨୬ ସଂସ୍କରଣ ପାଇଁ ପୁରସ୍କାର ରାଶିକୁ ୧ କୋଟି ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଚଳିତ ବର୍ଷ ମୋଟ୍ ୬୦ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଆସନ୍ତା ବର୍ଷ ପୁରସ୍କାର ରାଶିକୁଦ୍ୱିଗୁଣିତ କରାଯାଇଛି । ମୋଟ୍ ୩ଟି ବର୍ଗରେ ୪୩୬ଟି ପୁରସ୍କାର ପ୍ରଦାନ କରାଯାଇଛି । ଏହି ପ୍ରତିଯୋଗିତାରେ କିସ୍ ମୋଟ୍ ୧୮ଟି ପୁରସ୍କାର ଜିତିଛି । ନାରାୟଣ ନାୟକ, ଟିମାରୁ ହେମ୍ବ୍ରମ୍ ଏବଂ ଆରତୀ ମୁଣ୍ଡିଆ ଏହି ପୁରସ୍କାର ଜିତିଛନ୍ତି ।

## ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଏ ଦଳ ଘୋଷିତ

ନୂଆଦିଲ୍ଲୀ,୧୬।୫ (ଏଜେନ୍ସି): ଇଂଲଣ୍ଡଗସ୍ତ ପାଇଁ ଭାରତୀୟ ଏ ଦଳ ଘୋଷିତ ହୋଇଛି । ୩୦ ମେ ରୁ ଜୁନ୍ ୧୩ ମଧରେ ଭାରତୀୟ ଏ ଦଳ ୩ଟି ମ୍ୟାଚ ଘରୋଇ ଦଳ ବିପକ୍ଷରେ ଖେଳିବ । ଏହି ଗସ୍ତରେ ଅଭିମନ୍ୟୁ ଈଶ୍ୱରନ୍ ଦଳର ନେତୃତ୍ୱ ନେବେ । ଆଇପିଏଲ୍ ଶେଷ ହେବା ପରେ ଶୁଭମନ ଗିଲ ଓ ସାଇ ସୁଦର୍ଶନ ଦଳ ସହ ଯୋଗଦେବେ । ମେ ୩୦ରେ ପ୍ରଥମ ମ୍ୟାଚ କାଣ୍ଟେର ବୁରେ, ଜୁନ୍ ୬ରେ ଦ୍ୱିତୀୟ ମ୍ୟାଚ, ନର୍ଥମ୍ପଟ୍ ଏବଂ ଜୁନ୍ ୧୩ରେ ଶେଷ ମ୍ୟାଚରେ ଶେଷ ମ୍ୟାଚ ବେକେନ୍‌ହାମ୍‌ରେ ଖେଳାଯିବ । ଭାରତୀୟ ଏ ଦଳରେ ସ୍ଥାନ ପାଇଥିବା ବହୁ ଖେଳାଳି ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ପାଇଁ ଘୋଷଣା ହେବାକୁଥିବା ଜାତୀୟ ଦଳରେ ସ୍ଥାନ ପାଇବାର ସମ୍ଭାବନା ଅଛି ।

**ଭାରତୀୟ ଏ ଦଳ:** ଅଭିମନ୍ୟୁ ଈଶ୍ୱରନ୍, ଯଶଶ୍ରୀ ଜୟଶ୍ୱାଲ, କରୁଣ ନାଏର, ଧ୍ରୁବ ଜୁରେଲ ଓ ନୀତିଶ କୁମାର ରେଡ୍ଡୀ, ସାର୍ଦ୍ଦୁଲ ଠାକୁର, ଇଶାନ କିଷାନ, ମାନବ ସୁତାର, ତନୁସ କୋଟିଆନ୍, ମୁକେଶ କୁମାର, ଆକାଶଦୀପ, ହର୍ସିତ ରାଣା, ଅନସୁଲ କାମ୍ବୋଜ, ଖଲିଲ ଅହମ୍ମଦ, ରୁତୁରାଜ ଗାଏକ୍ୱାର୍ଡ, ସର୍ଫରାଜ ଖାନ୍, ତୁଷାର ଦେଶପାଣ୍ଡେ ଓ ହର୍ସ ଦୁବେ ।

### ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି